

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
# ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୨୪୨ ● ୨୮ ସେପ୍ଟେମ୍ବର ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-242 ● 28th September 2024, Saturday ● Bhubaneswar | Licensed to post without pre-payment of postage No- BN-60/22-24

# ଜିଲ୍ଲାପାଳଙ୍କୁ ଗୁରୁମନ୍ତ୍ର ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୭।୯**
**ନ୍ୟୁଜ୍ ବ୍ୟୁରୋ**



- ଦୁଇ ଦିନିଆ ଜିଲ୍ଲାପାଳ ସମ୍ମିଳନୀ ଆରମ୍ଭ
- ପ୍ରତି ତିନି ମାସରେ ବିଭିନ୍ନ ଯୋଜନାର ବ୍ଲକସ୍ତରୀୟ ସମୀକ୍ଷା କରିବାକୁ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ
- ଦୁର୍ନୀତିକୁ ନେଇ କୌଣସି ପ୍ରକାର ସାଲିସ କରାଯିବ ନାହିଁ

ଶୁକ୍ରବାର ଲୋକସେବାଭବନ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଦୁଇ ଦିନିଆ ଜିଲ୍ଲାପାଳ ସମ୍ମିଳନୀ ଆରମ୍ଭ ହୋଇଯାଇଛି। ସମ୍ମିଳନୀରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବା ସହିତ ନିଜ ଅନୁଭୂତି ଓ ଅଭିଜ୍ଞତାରୁ ପ୍ରଶାସନିକ ସ୍ତରରେ ପୂର୍ବରୁ ହେଉଥିବା ଅନେକ ତ୍ରୁଟି ବିଚ୍ୟୁତି ସମ୍ପର୍କରେ ମଧ୍ୟ ଜିଲ୍ଲାପାଳମାନଙ୍କୁ ସଚେତନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସରକାରଙ୍କ ସବୁ ଯୋଜନା ଠିକ୍ ସମୟରେ ଆରମ୍ଭ ହେବା ଓ ଠିକ୍ ସମୟରେ ଶେଷ ହେବା ହେଉଛି ଖୁବ ଗୁରୁତ୍ୱପୂର୍ଣ୍ଣ।କିନ୍ତୁ ଅନେକ ସମୟରେ ଏଥିରେ ଅହେତୁକ ବିଳମ୍ବ ହେଉଛି । ଏହା ଦ୍ୱାରା ଜନ ସାଧାରଣ ଅସୁବିଧାର ସମ୍ମୁଖୀନ ହେବା ସହିତ ଅନିୟମିତତା, ଦୁର୍ନୀତି ଓ ପ୍ରକଳ୍ପ ଖର୍ଚ୍ଚ ମଧ୍ୟ ବଢୁଛି। ତେଣୁ ପ୍ରକଳ୍ପର ଗୁଣାତ୍ମକ ମାନ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ତେଣୁ ସବୁ ଯୋଜନା ଯେପରି ଠିକ୍ ସମୟରେ କାର୍ଯ୍ୟକାରୀ ହେବ, ଏଥିପାଇଁ ଜିଲ୍ଲାପାଳମାନେ ନିତି ଦିନିଆ ଭାବେ ନିଜ ନିଜ ଜିଲ୍ଲାରେ ଆର୍ଥିକ ତଥା ଫିଜିକାଲ ପ୍ରୋଗ୍ରେସ ଉପରେ ଦୃଷ୍ଟି ରଖିବା ଆବଶ୍ୟକ। ଏହା ସହିତ ପ୍ରତ୍ୟେକ ଯୋଜନାର ବ୍ଲକଓ୍ୱାରୀ ତ୍ରୈମାସିକ ସମୀକ୍ଷା କରିବା ମଧ୍ୟ ଆବଶ୍ୟକ। ଏହି ତ୍ରୈମାସିକ ସମୀକ୍ଷାରୁ ଆପଣମାନେ ସବୁ ସମସ୍ୟା ଜାଣିପାରିବେ ଏବଂ ସଠିକ ପଦକ୍ଷେପ ନେଇ ଯୋଜନାକୁ ଠିକ ବାଟରେ ଆଗେଇ ନେଇପାରିବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାର ଯଦି ଟଙ୍କାଟିଏ ଲୋକଙ୍କ ପାଇଁ ଖର୍ଚ୍ଚ କରୁଛନ୍ତି, ତାହା ସେମାନଙ୍କ ପାଇଁ ଟଙ୍କାଟିଏ ଆୟ।

ଏହି ତିନି ମାସ ମଧ୍ୟରେ ମୁଁ ଗତ ସରକାର ସମୟରେ *(ପୃଷ୍ଠା ୭ରେ)*

## ନୀରବଦ୍ରଷ୍ଟା ସାଜିଛ

# ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୭।୯**



କେନ୍ଦ୍ରୀୟ ବାୟୁ ଗୁଣବତ୍ତା ପରିଚାଳନା କମିଟି ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ । ଦିଲ୍ଲୀର ବାୟୁ ଗୁଣବତ୍ତା ଦିନକୁ ଦିନ ଖରାପ ହେଉଛି, କିନ୍ତୁ ଉତ୍ତର ରାଜ୍ୟଗୁଡିକରେ ନଡ଼ା ଜାଳିବା ଉପରେ ଅଧିକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା କହି ବାୟୁ ଗୁଣବତ୍ତା ପରିଚାଳନା ଆୟୋଗକୁ ତାଗିଦ କରିଛନ୍ତି ସୁପ୍ରିମକୋର୍ଟ ।

ଶୀତଋତୁ ପାଖେଇ ଆସୁଥିବାବେଳେ ଜାତୀୟ ରାଜଧାନୀ ଦିଲ୍ଲୀରେ ବାୟୁର ମାନ ହ୍ରାସ ପାଉଛି । ଏପରି ସ୍ଥିତିରେ ଶୁକ୍ରବାର ଏ ଉପରେ ଏକ ଶୁଣାଣି କରି ସୁପ୍ରିମକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ ସିଏକ୍ୟୁଏମ୍‌କୁ ଅନେକଗୁଡିଏ ପ୍ରଶ୍ନ କରିଛନ୍ତି। ଦିଲ୍ଲୀର ବାୟୁ ଗୁଣବତ୍ତାର ମାନ ବଜାୟ ରଖିବା ପାଇଁ ପ୍ୟାନେଲ କଣ କରିଛି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି।

ଏଥିସହ ସୁପ୍ରିମକୋର୍ଟ ଆହୁରି କହିଛନ୍ତି, ପ୍ରତିବର୍ଷ ଆମେ ନଡ଼ା ଜଳା ଯାଉଥିବା ଦେଖୁଛୁ । ନିୟମ ଅନୁପାଳନ ହେଉନାହିଁ । କମିଟି ଗଠନ କରାଯାଇଛି କି ? ଯଦି କୌଣସି ଗୋଟିଏ ବି ପଦକ୍ଷେପ ନିଆଯାଇଛି, ଦୟାକରି ଆମକୁ କୁହନ୍ତୁ । ଅଧିନିୟମ ଅନୁସାରେ ଆପଣ କେଉଁ ପନ୍ଥା ଆପଣାଇଛନ୍ତି ? ବାସ୍ତବରେ ଆପଣ ନୀରବ ଦ୍ରଷ୍ଟା ସାଜିଛନ୍ତି, କିଛି ବି କରୁନାହାନ୍ତି ବୋଲି ସୁପ୍ରିମକୋର୍ଟ କହିଛନ୍ତି ।

ସୁପ୍ରିମକୋର୍ଟଙ୍କ ଏପରି ଟିପ୍ପଣୀ ପରେ ବାୟୁ ଗୁଣବତ୍ତା ପ୍ୟାନେଲର ଅଧ୍ୟକ୍ଷ କହିଛନ୍ତି ଯେ, ତିନୋଟି ସବ୍-କମିଟି ପ୍ରତି ତିନି ମାସରେ ଗୋଟିଏ ବୈଠକ କରୁଛନ୍ତି । ଏହାର ଜବାବରେ ସର୍ବୋଚ୍ଚ ଅଦାଲତ କହିଛନ୍ତି, କମିଟି କିପରି ତିନି ମାସରେ ଗୋଟିଏ ବୈଠକ କରି ଦାୟିତ୍ୱର ପରିଚାଳନା କରୁଛି ଶୁଣି ଆମେ ଆଶ୍ଚର୍ଯ୍ୟ ହେଉଛୁ।

ଖଣ୍ଡପୀଠ ଆହୁରି କହିଛନ୍ତି, ତୃଣମୂଳ ସ୍ତରରେ ନଡ଼ା ଜାଳିବାକୁ *(ପୃଷ୍ଠା ୭ରେ)*

# ସଂସଦୀୟ ଷ୍ଟାଣ୍ଡିଂ କମିଟି ଗଠିତ : ଓଡ଼ିଶାର ବହୁ ସାଂସଦଙ୍କୁ ମିଳିଲା ସ୍ଥାନ

**ନୂଆଦିଲ୍ଲୀ, ୨୭।୯**

ବିଭିନ୍ନ ବିଭାଗ ପାଇଁ ସଂସଦୀୟ ଷ୍ଟାଣ୍ଡିଂ କମିଟି ଗଠନ କରାଯାଇଛି। ଉଭୟ ସଦନର ସଦସ୍ୟଙ୍କୁ ନେଇ ଗଠିତ କମିଟିରେ ଓଡ଼ିଶାର ବହୁ ସାଂସଦଙ୍କୁ ସ୍ଥାନ ମିଳିଛି।

୩୧ ଜଣିଆ ବାଣିଜ୍ୟ କମିଟିରେ ଓଡ଼ିଶାରୁ ସ୍ଥାନ ପାଇଛନ୍ତି ସାଂସଦ ବୈଜୟନ୍ତ ପଣ୍ଡା। ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଛି । ଅର୍ଥ କମିଟିରେ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ସ୍ଥାନ ମିଳିଛି । ଅର୍ଥ କମିଟିରେ ଅଧ୍ୟକ୍ଷ ଭାବେ ଭର୍ତ୍ତୃହରି ମହତାବଙ୍କୁ ନିଯୁକ୍ତ କରାଯାଇଛି । ଶିକ୍ଷା, ମହିଳା ଓ ଶିଶୁ ବିଭାଗ କମିଟିରେ ସାଂସଦ ସମ୍ବିତ ପାତ୍ର ନିଯୁକ୍ତ ହୋଇଛନ୍ତି । ସେହିପରି ରେଲୱେ କମିଟିରେ ସାଂସଦ ସୁବାଶିଷ ଖୁଣ୍ଟିଆ, ବଳଭଦ୍ର ମାଝୀ ଓ ସଙ୍ଗୀତା ସିଂଦେଓ ସ୍ଥାନ ପାଇଛନ୍ତି।

ଶିଳ୍ପ କମିଟିରେ ବିଭୁ ତରାଇଙ୍କ ନାଁ ରହିଛି। ସେହିପରି ସାଂସଦ ଅଭିମନ୍ୟୁ ସେଠୀ ପରିବହନ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ କମିଟିରେ ସାମିଲ ହୋଇଛନ୍ତି । ଗ୍ରାମ୍ୟ ଉନ୍ନୟନ ଓ *(ପୃଷ୍ଠା ୭ରେ)*

# ଅକ୍ଟୋବରରୁ ହିତାଧିକାରୀଙ୍କୁ ମିଳିବ ଚାଉଳ ସହ ଗହମ

**ଭୁବନେଶ୍ୱର, ୨୭।୯**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ଅକ୍ଟୋବର ମାସରୁ ରାସନ କାର୍ଡ ହିତାଧିକାରୀଙ୍କୁ ମିଳିବ ଗହମ। ଓଡ଼ିଶା ସମେତ ୯ ରାଜ୍ୟର ହିତାଧିକାରୀଙ୍କୁ ଚାଉଳ ସହ ମିଳିବ ଗହମ । ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମରେ ସୂଚନା *(ପୃଷ୍ଠା ୭ରେ)*


# ଡାକ୍ତରଙ୍କ ଗୁହାରି ଶୁଣି ସିଜେଆଇ ଚନ୍ଦ୍ରଚୂଡ଼ ଶୁଣାଇଲେ ବଡ ନିଷ୍ପତ୍ତି

**ନୂଆଦିଲ୍ଲୀ, ୨୭।୯**



ଜଣେ ଆୟୁର୍ବେଦିକ ଡାକ୍ତରଙ୍କ ଆବେଦନ ଶୁଣାଣି ବେଳେ ଶୁକ୍ରବାର ସୁପ୍ରିମକୋର୍ଟ ରାଜସ୍ଥାନ ସରକାରଙ୍କ ମନୋଭାବ ଉପରେ ପ୍ରଶ୍ନ ଉଠାଇଛନ୍ତି । ସେ ଏହି ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇ ଆୟୁର୍ବେଦିକ ଡାକ୍ତରମାନଙ୍କୁ ସାବତ ସନ୍ତାନ ପରି କାହିଁକି ବ୍ୟବହାର କରାଯାଉଛି ବୋଲି ପ୍ରଶ୍ନ ପଚାରିଥିଲେ। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଡି ୱାଇ ଚନ୍ଦ୍ରଚୂଡଙ୍କ ବେଞ୍ଚ ରାଜସ୍ଥାନ ସରକାରଙ୍କ ଆବେଦନର ଶୁଣାଣି କରୁଛି । ଏହି ମାମଲା ଆୟୁର୍ବେଦିକ ଡାକ୍ତରଙ୍କ ସହ ଜଡିତ, ଯେଉଁମାନେ ପାଞ୍ଚ ମାସ ବେତନ ପାଇ ନାହାଁନ୍ତି । ରାଜସ୍ଥାନରେ ଅବସର ବୟସ ସୀମା ବୃଦ୍ଧି କରିବାକୁ ରାଜସ୍ଥାନ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଡାକ୍ତରଙ୍କ ବୟସ ସୀମା ବୃଦ୍ଧି କରାଯାଇଥିଲା, କିନ୍ତୁ ସେମାନଙ୍କୁ ୫ ମାସ ଦରମା ମିଳିନାହିଁ। *(ପୃଷ୍ଠା ୭ରେ)*



30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୮ ସେପ୍ଟେମ୍ବର ୨୦୨୪ ଶନିବାର





# ବନ ବିଭାଗ କାର୍ଯ୍ୟାଳୟରେ ତାଲା:କାଠ ମାଫିଆ ସକ୍ରିୟ

**ଖଣ୍ଡପଡ଼ା, ନ୍ୟୁଜ୍ ବ୍ୟୁରୋ**

ଖଣ୍ଡପଡ଼ା ବନାଞ୍ଚଳ ଅଧୀନରେ ରହିଛି କୁମ୍ଭାରପଡ଼ା ବନବିଭାଗ ବିଟ୍ କାର୍ଯ୍ୟାଳୟ। ମାତ୍ର ବିନବିଭାଗ ବିଟ୍ କାର୍ଯ୍ୟାଳୟରେ ସଦା ସର୍ବଦା ତାଲା ଝୁଲୁଥିବା ବେଳେ ସେଠାରେ କେହି କର୍ମଚାରୀ ରହୁନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏହାର ସୁଯୋଗ ନେଇ ସ୍ଥାନୀୟ ଅଞ୍ଚଳରେ କାଠ କଟାଳୀଙ୍କ ଠାରୁ ଆରମ୍ଭ କରି ମାଫିଆମାନେ ଅବାଧରେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ମୂଲ୍ୟବାନ ଗଜା ଶାଳଗଛ ଗୁଡିକ କାଟି ଲୁଟି ନେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କାଠ ମାଫିଆ ଯୋଗୁଁ ସମୟାନୁକ୍ରମେ ଜଙ୍ଗଲ ସଂପଦ କ୍ଷୟ ହେବାରେ ଲାଗିଛି। ଗୋଟିଏ ପଟେ ଜଙ୍ଗଲର ସୁରକ୍ଷା ପ୍ରତି ବନ ବିଭାଗ ସଦାସର୍ବଦା ସଚେତନ ଅଛନ୍ତି ବୋଲି ସରକାର କହୁଥିବା ବେଳେ କୁମ୍ଭାରପଡ଼ା ବନବିଭାଗ ବିଟ୍ କାର୍ଯ୍ୟାଳୟରେ କେହି କର୍ମଚାରୀ ନରହିବା ପରୋକ୍ଷରେ କାଠ କଟାଳୀ ଓ ଅସାମାଜିକ ବ୍ୟକ୍ତିମାନଙ୍କ ପାଇଁ ଆଶୀର୍ବାଦ ପାଲଟିଛି। ଏଥପତି ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ, ନୟାଗଡ ବନଖଣ୍ଡ ଅଧିକାରିଣୀ ଦେବାକୁ କୁମ୍ଭାରପଡା, ରୟତ ଢୋଲମରା, କୋସ୍‌କା ଓ ବଳଭଦ୍ରପ୍ରସାଦ ପଞ୍ଚାୟତର ଜନସାଧାରଣ ଦାବି କରିଛନ୍ତି । କୁମ୍ଭାରପଡା ବନ ବିଭାଗ ବିଟ୍ କାର୍ଯ୍ୟାଳୟରେ ଜଣେ କର୍ମଚାରୀଙ୍କୁ ସ୍ଥାୟୀ ଭାବେ ନିଯୁକ୍ତି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଖୁବ୍‌ଶିଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

# ଆରଡି-ଚାରିଘରିଆ କେନାଲ ବନ୍ଧ ରାସ୍ତା ଶୋଚନୀୟ:ଦୁର୍ଦ୍ଦଶାରେ ଲୋକେ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପ୍ରଶାସନର ଅବେହଳା ଏବଂ ଅଦୂରଦର୍ଶିତା ଯୋଗୁଁ ଏବେ ଦୁର୍ଦ୍ଦଶା ଭୋଗୁଛନ୍ତି ୫ ଶହରୁ ଉର୍ଦ୍ଧ୍ୱ ପରିବାର। ଭଦ୍ରକ ସହର ତଳି ଅଞ୍ଚଳର ଆରଡି ଛକ ଠାରୁ ଚାରିଘରିଆ ଛକ ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତାର ଉଭୟ ପାର୍ଶ୍ୱରେ ଘରଦ୍ୱାର କରି ସ୍ଥାୟୀ ଭାବେ ବସତିସ୍ଥାପନ କରୁଥିବା ୫ ଶହରୁ ଉର୍ଦ୍ଧ୍ୱ ପରିବାରଙ୍କ ସକାଶେ ଏବେ କାଳ ହୋଇଛି ଏହି ରାସ୍ତା। ଦୀର୍ଘଦିନ ଧରି ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ହେଉନଥିବାରୁ ଏହି କେନାଲବନ୍ଧ ରାସ୍ତା ଏବେ ସାଧାରଣ ପଥଚାରୀ, ସ୍କୁଲ୍-କଲେଜ ଯାତାୟାତ କରୁଥିବା ଛାତ୍ରଛାତ୍ରୀଙ୍କ ଲାଗି ସମ୍ପୂର୍ଣ୍ଣ ଭାବେ ଗମନାଗମନ ଅନୁପଯୋଗୀ ହୋଇପଡିଛି । ଆପାତକାଳିନ ସ୍ୱାସ୍ଥ୍ୟ ସେବା, ଅଗ୍ନିକାଣ୍ଡ ଭଳି ଜରୁରୀ ପରିସ୍ଥିତି ସମୟରେ ଏଠାକୁ ନା ଯାଇପାରୁଛି ଦମକଳ ନା ଆମ୍ବୁଲାନ୍ସ। ଯାଜପୁର କେନାଲ୍ ଡିଭିଜନ୍‌ର ୮ ନମ୍ବର କେନାଲ୍‌ର ଅଂଶ ବିଶେଷ କୁହାଯାଉଥିବା ପ୍ରାୟ ୧.୫ କିମି ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତା ଦେଇ ଦୈନିକ ଶହ ଶହ ଲୋକ ଚଳପ୍ରଚଳ ହେଉଥିଲେ ମଧ୍ୟ ବିଭାଗୀୟ ଅବହେଳା ଯୋଗୁ ଏହି ରାସ୍ତା ମାଟିଶୂନ୍ୟ ହୋଇ ଖାଲଖମାରେ ପରିଣତ ହୋଇପଡିଛି। ପରିସ୍ଥିତି ଏବେ ଏପରି ହୋଇଛି ଯେ ଯାତାୟାତ ସମୟରେ ସାମାନ୍ୟତମ ଅସତର୍କ ହେଲେ ପଡି ଖଣ୍ଡିଆ ଖାବରା ହେବା ନିଶ୍ଚିତ ଅଟେ। କେବଳ ସେତିକି ନୁହେଁ, ଚାରିଘରିଆ ଠାରେ ଏହି ରାସ୍ତାର କିଛି ଅଂଶକୁ କିଛି ଅସାଧୁ ବ୍ୟକ୍ତି ଜବରଦଖଲ କରି ନିଜ କବ୍‌ଜାରେ ରଖିବାକୁ ଚେଷ୍ଟା ଚଳାଇଛନ୍ତି। ଗମନାଗମନ ଦୃଷ୍ଟିରୁ ଏହି ରାସ୍ତାଟି ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଟେ। ଭଦ୍ରକ ବନ୍ତଛକ ଠାରେ ବଢିଚାଲିଥିବା ଟ୍ରାଫିକ୍ ଜାମ୍ ରୋକିବା ସହିତ ଆରଡି ଛକ ଠାରୁ ଚାରିଘରିଆ ଛକ ଭାୟା ବନ୍ତ ଛକ ରାସ୍ତାର ଦୂରତ୍ୱ ଅନ୍ୟୂନ ପକ୍ଷେ ୩ କିମି ଦୂରତା ହ୍ରାସ ପାଇପାରିବ। ଏ ବାବଦର ସ୍ଥାନୀୟ ଲୋକଙ୍କ ପକ୍ଷରୁ ଆଗତ ପିଟିସନ୍ ଉପରେ ଭଦ୍ରକ ଜିଲ୍ଲାପାଳ ତା ୧୧-୧୨-୨୦୧୮ ରିଖର ଜନଶୁଣାଣି କରି ଯାଜପୁର କେନାଲ୍ ଡିଭିଜନ୍‌ର କାଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ତିନିଦିନ ମଧ୍ୟରେ ଉକ୍ତ ରାସ୍ତାର ଷ୍ଟାଟସ୍ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରକାଶଥାଉକି କେନାଲ୍‌ର ଏହି ଅଂଶଟି ବହୁଦିନରୁ ଡିଫଣ ହୋଇ ଯାଇଥିବାରୁ ଉକ୍ତ ଅଞ୍ଚଳକୁ ଯାଜପୁର କେନାଲ୍ ଡିଭିଜନ୍ ରାଜସ୍ୱ ବିଭାଗକୁ ଭଦ୍ରକ ମାଷ୍ଟର୍ ପ୍ଲାନିଂ ତା ୧୬-୦୧-୨୦୧୭ ରିଖରେ ହସ୍ତାନ୍ତରିତ କରିସାରିଛି । ଯାଜପୁର କେନାଲ୍ ଡିଭିଜନ ଚିଠି ସଂଖ୍ୟା -୬୯୧୩ (୨) ତା ୦୬-୧୨-୨୦୧୮ ରିଖ ଓ ଆଖୁଆପଦା କେନାଲ୍ ସବ୍‌ଡିଭିଜନ୍ ଚିଠି ସଂଖ୍ୟା-୭୯ ତା ୦୭-୦୩-୨୦୧୯ ରିଖରେ ସେମାନେ ଏହାକୁ ସ୍ପଷ୍ଟ କରିଛନ୍ତି। ଭଦ୍ରକ ଜିଲ୍ଲାପାଳ ଲୋକଙ୍କ ହୀତ ଦୃଷ୍ଟିରୁ ଭଦ୍ରକ ମ୍ୟୁନିସିପାଲିଟି କିମ୍ବା ରାଜସ୍ୱବିଭାଗ ଦ୍ୱାରା କରାଇପାରିବେ ବୋଲି ପ୍ରସ୍ତାବ ଦେଇଛନ୍ତି । ହେଲେ ଜିଲ୍ଲାପ୍ରଶାସନ ନିରବଦ୍ରଷ୍ଟା ସାଜିବା ଫଳରେ ବନ୍ଧର ଉଭୟ ପାର୍ଶ୍ୱରେ ବସବାସ କରୁଥିବା ଅନେକ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ଏ ନେଇ ସ୍ଥାନୀୟ ଲୋକେ ଭଦ୍ରକ ଜିଲ୍ଲାପାଳ ଓ ଭଦ୍ରକ ବିଧାୟକଙ୍କ ଠାରେ ପୁନର୍ବାର ଲିଖିତ ଅଭିଯୋଗ କରିଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ କୌଣସି ଆଖିଦୃଶିଆ କାର୍ଯ୍ୟ ନହେଲେ ସେମାନେ ଆଇନ୍‌ର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି।

# ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକ ମାନ୍ୟତାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ତାଲିକାଭୁକ୍ତ

**ବାଲେଶ୍ୱର, ନ୍ୟୁଜ୍**



ଷ୍ଟାନ୍‌ଫୋର୍ଡ/ଏଲ୍‌ସେଭିଆର୍ ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ମାନ୍ୟତା ପ୍ରକାଶ ପାଇଛି, ଯାହା ବିଭିନ୍ନ କ୍ଷେତ୍ରରେ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ଅନୁସନ୍ଧାନକାରୀ ମାନଙ୍କୁ ଦର୍ଶାଇଥାଏ। ସ୍କୋପସ୍ ତଥ୍ୟ ଉପରେ ଆଧାର କରି ଏବଂ ଷ୍ଟାନ୍‌ଫୋର୍ଡ ୟୁନିଭରସିଟି ସହଯୋଗରେ ଏଲ୍‌ସେଭିଆର୍‌ଙ୍କ ଦ୍ୱାରା ଏହି ତାଲିକା, ବୈଜ୍ଞାନିକମାନଙ୍କୁ ସାଇଟେସନ୍, ଏଚ୍-ଇଣ୍ଡେକ୍ସ ବିଶ୍ଳେଷଣ କରି ଚିହ୍ନଟ କରେ ଏବଂ ବିବଲି ଓ ମେଟ୍ରିକ୍ ସୂଚକଗୁଡ଼ିକର ଏକ ବିସ୍ତୃତ ସେଟ୍ ଅନୁସନ୍ଧାନକାରୀ ମାନେ ୨୨ଟି କ୍ଷେତ୍ରରେ ଏବଂ ୧୭୪ଟି ଉପକ୍ଷେତ୍ରରେ ବିଭକ୍ତ ହୋଇଥାଏ। ଉଭୟ ସାମ୍ପ୍ରତିକ ବର୍ଷର ସଫଳତା ଏବଂ କ୍ୟାରିୟର-ଦୀର୍ଘ ଅବଦାନକୁ ସ୍ୱୀକୃତି ଦେବା ପାଇଁ ଏହି ରାଙ୍କିଂଗର ଡିଜାଇନ୍ କରାଯାଇଛି। ପଦ୍ଧତି କମ୍ପୋଜିଟ୍ ସାଇଟେସନ୍ ସ୍କୋର୍ (ସି-ସ୍କୋର୍) ପରି ମେଟ୍ରିକ୍ ଉପରେ ଧ୍ୟାନ ଦିଆଯାଏ, ଯାହା ସେମାନଙ୍କର ଅନୁସନ୍ଧାନ ପ୍ରକାଶନର ପ୍ରଭାବ ଉପରେ ଆଧାର କରି ବୈଜ୍ଞାନିକ ମାନଙ୍କୁ ଏହି ସୂଚନାଙ୍କରେ ସ୍ଥାନିତ କରିଥାଏ । ଫକୀରମୋହନ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ପଙ୍କଜ କୁମାର ପାଢୀ, ଗଣିତ ବିଭାଗର ଡ଼କ୍ଟର ଗୌରାଙ୍ଗ ସି ସାମନ୍ତ ଏବଂ ପ୍ରାଣୀ ବିଜ୍ଞାନ ବିଭାଗର ଡ଼କ୍ଟର ମନୋଜିତ୍ ଭଟ୍ଟାଚାର୍ଯ୍ୟ ୨୦୨୪ ପାଇଁ ଶ୍ରେଷ୍ଠ ୨% ବୈଜ୍ଞାନିକର ମାନ୍ୟତା ପାଇଁ ତାଲିକାଭୁକ୍ତ ହୋଇଛନ୍ତି। ପ୍ରଫେସର ପାଢୀଙ୍କ ଏହା କ୍ରମାଗତ ଭାବେ ପାଞ୍ଚ ବର୍ଷର ସଫଳତା, ଡ଼କ୍ଟର ସାମନ୍ତ ଚତୁର୍ଥ ଥର ପାଇଁ ଏହି ତାଲିକାଭୁକ୍ତ ହୋଇଥିବାବେଳେ ଡ଼କ୍ଟର ଭଟ୍ଟାଚାର୍ଯ୍ୟ କ୍ରମାଗତ ଦ୍ୱିତୀୟ ଥର ପାଇଁ ତାଲିକାଭୁକ୍ତ ହୋଇ ଏହି ସଫଳତାର ଯାତ୍ରାକୁ ବଜାୟ ରଖିଛନ୍ତି । ବିଗତ ବର୍ଷରେ, ବ୍ୟକ୍ତିଗତ ଭାବରେ ସେମାନେ ଅନେକ ଗବେଷଣା ପ୍ରବନ୍ଧ, ପେଟେଣ୍ଟ ଦାଖଲ, ପୁସ୍ତକ ଲେଖିବା ଇତ୍ୟାଦି ପ୍ରକାଶ କରିଛନ୍ତି । ମୋଟ ଉପରେ, ଷ୍ଟାନ୍‌ଫୋର୍ଡ / ଏଲ୍‌ସେଭିଆର୍ ଶ୍ରେଷ୍ଠ ଦୁଇ ପ୍ରତିଶତ ବୈଜ୍ଞାନିକ ମାନ୍ୟତା ବିଶ୍ୱର ଅନୁସନ୍ଧାନ ଗୋଷ୍ଠୀ ମଧ୍ୟରେ କ୍ୟାରିୟର୍ ସ୍ୱୀକୃତି, ଅଗ୍ରଗତି ଏବଂ ଅନୁଷ୍ଠାନିକ ପ୍ରତିଷ୍ଠା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟ୍‌ଫର୍ମ ପ୍ରଦାନ କରେ । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରତ୍ୟେକଙ୍କୁ ଏହି ଗୌରବପୂର୍ଣ୍ଣ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

# ଦାନ୍ତ ବିନ୍ଧାର ଉପସମ ପାଇଁ ଯନ୍ତ୍ରଣା ନିରୋଧକ ଔଷଧ ସେବନ କରୁଥିଲେ ସାବଧାନ

**କଟକ, ନ୍ୟୁଜ୍ ବ୍ୟୁରୋ**

ଦାନ୍ତ ବିନ୍ଧାକୁ ସାମାନ୍ୟ ଭାବୁଥିଲେ ସାବଧାନ । ଅହେତୁକ ଭିନେ ସାଙ୍ଗକୁ ଯନ୍ତ୍ରଣା ନିରୋଧକ ଔଷଧ ସେବନ ବଢାଇପାରେ ବିପଦ । ଗୁରୁତରଙ୍କ ଯାଇପାରେ ଜୀବନ । କଟକରେ ଦେଖିବାକୁ ମିଳିଛି ଏହାର ଉଦାହରଣ । ଗଞ୍ଜାମ ଅଞ୍ଚଳର ଗୋଲାପ ସ୍ୱାଇଁ ଆଜିକୁ ଏକ ମାସ ହେବ ଦାନ୍ତ ଯନ୍ତ୍ରଣା ଭୋଗୁଥିଲେ । ପ୍ରଥମେ ପେନକିଲର ଓ ପରେ ଦାନ୍ତ ଓପାଡିବା ପରେ ମଧ୍ୟ ଉପଶମ ପାଇପାରୁନଥିଲେ । ଦାନ୍ତରେ ସଂକ୍ରମଣ ହେବାପରେ ଏହାର ସଠିକ୍ ଚିକିତ୍ସା ଅଭାବ କାରଣରୁ ଏହା ମାରାତ୍ମକ ଲୁଡ଼ୱିଗ୍ ଏନ୍‌ଜାଇନା ରୋଗରେ ପରିଣତ ହୋଇଥିଲା । ଏହି ବିରଳ ରୋଗ ଯୋଗୁ ଲଙ୍ଗସ୍ ଫୁସ୍‌ଫୁସ୍ ସଂକ୍ରମିତ ହୋଇଥାଏ । ଫଳରେ ରୋଗୀ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରେ । ଗୋଲାପଙ୍କ କ୍ଷେତ୍ରରେ ଠିକ୍ ଏହାହିଁ ହୋଇଥିଲା । ତେବେ ଶେଷ ମୁହୂର୍ତ୍ତରେ ସେ କଟକରେ ପହଞ୍ଚିବା ପରେ ଡାକ୍ତର ଏକ ଜରୁରୀ କାଳୀନ ଅପରେସନ୍ କରି ରୋଗୀକୁ ନିଶ୍ଚିତ ମୃତ୍ୟୁ ମୁଖରୁ ରକ୍ଷା କରିଛନ୍ତି । ଗୋଲାପ ଓ ପରିବାର ଲୋକ କେବେ ସ୍ୱପ୍ନରେ ଭାବିନଥିଲେ ଯେ ସାମାନ୍ୟ ଦାନ୍ତ ବିନ୍ଧା ଜୀବନ ପାଇଁ ବିପଦ ହୋଇପାରେ । ରୋଗକୁ ଅବହେଳା ଯୋଗୁ ସଂକ୍ରମଣ ବେକ, ଛାତି ମୁଣ୍ଡ ଓ ହାର୍ଟକୁ ପ୍ରଭାବିତ କରିଥିଲା । ଏପରିକି ନିଶ୍ୱାସ ପ୍ରଶ୍ୱାସ ନେବାରେ ସେ ଅସହ୍ୟ ଯନ୍ତ୍ରଣା ଅନୁଭବ କରୁଥିଲେ । ଶେଷ ମୁହୂର୍ତ୍ତରେ ଡାକ୍ତର ଓ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ସହାୟତା ପାଇଁ ଗୋଲାପ ଆଜି ନୂଆ ଜୀବନ ପାଇଛନ୍ତି । ରୋଗ ଛୋଟ ହେଉ ବା ବଡ଼ ହେଉ ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଓ ସେହି ଅନୁଯାୟୀ ଚିକିତ୍ସା କରାଇଲେ ଉପଶମ ମିଳିବ । ନଚେତ୍ ଗୋଲାପ ଭଳି ଶେଷ ମୁହୂର୍ତ୍ତରେ ଜୀବନ ଫେରି ପାଇଲେ ବି ସମସ୍ତଙ୍କ କ୍ଷେତ୍ରରେ ଯେ ଏହା ସମ୍ଭବ ହେବ ତାହା କହିବା ମୁସ୍କିଲ୍ ।

# ଜାପାନୀ ପ୍ରାଧ୍ୟାପକଙ୍କ ଓଡ଼ିଆ ପ୍ରେମ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ସମ୍ପର୍କର ମାନେ ସମସ୍ତଙ୍କ ଦୃଷ୍ଟିରେ ଭିନ୍ନ। ସେହି ସମ୍ପର୍କ ପାଇଁ ଗିଆରି ହୁଏ ନୂତନ ଭାବବେଗର ସେତୁ। ସେତୁର ମାଧ୍ୟମ ହେଉଛି ଭାଷା। ଏଠାରେ ପଡିଶେ କିଆ କୌଣସି ଜିନିଷ ସେମିତି ପ୍ରତିବନ୍ଧକ ନହୁଏ ମନେହୁଏ। ସେଭଳି ଏକ ସମ୍ପର୍କ ତିଆରି ହେଲା ଜାପାନ ଓ ଓଡ଼ିଶାର ଦୁଇ ଯୁବକଙ୍କ ମଧ୍ୟରେ। ଓଡ଼ିଆ ଯୁବକଙ୍କ ଭାଷା, ମମତା, ଜାପାନୀ ବନ୍ଧୁଙ୍କୁ ଆକର୍ଷିତ କଲା। ନିଜ ସାଙ୍ଗର ସହଯୋଗରେ ସେ ଓଡ଼ିଆ ଭାଷା ଶିଖିବା ଆରମ୍ଭ କଲେ। ତତ୍‌ପରେ ସେ ଓଡ଼ିଆ ଭାଷାରେ ଗବେଷଣା ମଧ୍ୟ କଲେ। ବର୍ତ୍ତମାନ ସେ ଓଡ଼ିଆ ବୁଝିବା ସହ ଅତି ସହଜରେ କହି ପାରୁଛନ୍ତି। ଭାଷାର ତତ୍ତ୍ୱ, ଆବଶ୍ୟକତା, ପରିସର ସମ୍ପର୍କରେ ନିଜେ ବୁଝିବା ସହ ଅନ୍ୟମାନଙ୍କୁ ବୁଝାଇ ପାରୁଛନ୍ତି। ସେ ହେଲେ ଜାପାନ ସ୍ଥିତ ହୁମାମୋଟୋ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରାଧ୍ୟାପକ କୁନ୍‌ଡ଼ି ଯାମାବେ। ଟୋକିଓର ଏକ ବିଶ୍ୱବିଦ୍ୟାଳୟରେ ସେ ଓଡ଼ିଆ ଭାଷା ଉପରେ ପିଏଚ୍‌ଡି କରିଛନ୍ତି। ନିଜ ବନ୍ଧୁଙ୍କ ଠାରୁ ପରାମର୍ଶ ପାଇ ଓଡ଼ିଆ ଭାଷାର ମହତ୍ୱ ସମ୍ପର୍କରେ ବୁଝି ପାରିଛନ୍ତି। ଭାଷା ବିଜ୍ଞାନ ବିଭାଗର ସେ ବରିଷ୍ଠ ପ୍ରାଧ୍ୟାପକ ବୋଲି ଜଣାପଡ଼ିଛି। ନିକଟରେ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭାଷା ବିଜ୍ଞାନ ବିଭାଗର ନିମନ୍ତ୍ରଣକ୍ରମେ ଆସିଥିଲେ। ଗାଲି ବ୍ରହ୍ମପୁର ନୁହେଁ, ରାଜ୍ୟର ଅନ୍ୟ ବିଶ୍ୱବିଦ୍ୟାଳୟକୁ ମଧ୍ୟ ସେ ଯିବାର ସୂଚନା ପାଇଥିବା କହିଛନ୍ତି । ବର୍ତ୍ତମାନ ମଧ୍ୟ ଓଡ଼ିଆ ଭାଷାର କ୍ରମବିକାଶ, ଅଗ୍ରଗତି, ଭାଷାର ଆରମ୍ଭ ଆଦି ବିଭିନ୍ନ ଦିଗ ଉପରେ ଗବେଷଣା ଜାରି ରଖିଛନ୍ତି। ଓଡ଼ିଆ ଭାଷା ବୁଝିବା ସହଜ ଓ ସରଳ। ଏହି ଭାଷାରେ ମମତା, ସ୍ନେହ ଓ ଆତ୍ମିୟତା ଭରି ରହିଥିବା ସେ କହିଛନ୍ତି। ଜାପାନ ଓ ଓଡ଼ିଆ ଭାଷା ଦୁଇଟି ଭିନ୍ନ ଭିନ୍ନ। ଜାପାନୀ ଓ ଓଡ଼ିଆ ଭାଷା ମଧ୍ୟରେ ବିଶେଷ ସାମଞ୍ଜସ୍ୟ ନାହିଁ। ଉଭୟ ଭାଷାର କୌଣସି ଶବ୍ଦ ସହିତ ଅନ୍ୟ ଶବ୍ଦ ମଧ୍ୟ ତୁଳନାତ୍ମକ ନାହିଁ। ତଥାପି ଭାଷା ବିଜ୍ଞାନର ଆବଶ୍ୟକତାକୁ ଉପଲବ୍ଧି କରି ଗବେଷଣା କରିବାର ଆବଶ୍ୟକତା ଥିବା ସେ ମତ ଦେଇଛନ୍ତି। ସେ କୁହନ୍ତି, ଭାଷା ସାକ୍ଷ୍ୟ, ପ୍ରମାଣ ଓ ସମାଧାନର ବାଟ। ଭାଷା ଜାଣିଲେ ଜଣେ ଆଉ ଜଣଙ୍କୁ ଜାଣିବା ଖୁବ୍ ସରଳ ହେବ। ସମ୍ପର୍କ ସେତୁବନ୍ଧ ଆହୁରି ସୁଦୃଢ଼ ହେବ। ସେ କିଛି ବର୍ଷ ପୂର୍ବେ ଓଡ଼ିଆ ଭାଷା ସମ୍ପର୍କରେ ଗବେଷଣା ଆରମ୍ଭ କରିଥିଲେ। ବନ୍ଧୁଙ୍କ ପାଇଁ ଓଡ଼ିଆ ଭାଷା ଶିଖୁଥିଲେ। ପରବର୍ତ୍ତୀ ସମୟରେ ଏହି ଭାଷା ତାଙ୍କୁ ବାନ୍ଧି ରଖିଥିଲା। ସମସ୍ତଙ୍କ ମଧ୍ୟରେ ସୁସମ୍ପର୍କ, ଜଣେ ଆଉ ଜଣଙ୍କୁ ବୁଝାଇବାର ଆକାଂକ୍ଷା। ଭାବର ଆଦାନ ପ୍ରଦାନ, ଗୋଟିଏ ଦେଶ ମଧ୍ୟରେ ଅନ୍ୟ ଦେଶ ସହ ଉତ୍ତମ ବୁଝାମଣା ଆଦି କ୍ଷେତ୍ର ସହେତ ଭାଷାଭିତ୍ତିକ ଗବେଷଣା ଲାଗି ଭାଷା ବିଜ୍ଞାନ ବିଭାଗର ଗୁରୁତ୍ୱ ଅଧିକ ଥାଏ।

# ଆସିଲେନି ନିଶାସକ୍ତ ପୋଲିସ ବାବୁ:ବ୍ୟବଚ୍ଛେଦ ନହୋଇ ପଡ଼ିରହିଲା ଶବ

**ବୁର୍ଲା, ନ୍ୟୁଜ୍ ବ୍ୟୁରୋ**

ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ଆସିଲେନି। ନିଶାରେ ଚୁର୍ ହୋଇ ଶୋଇରହିଥିଲେ ପୋଲିସ ବାରାକ୍‌ରେ । ଏହି କାରଣରୁ ବ୍ୟବଚ୍ଛେଦ ହୋଇନପାରି ବହୁ ସମୟ ପଡ଼ିରହିଲା ଶବ। ଏଭଳି ଘଟଣା ଘଟିଛି ବୁର୍ଲା ଭିମସାରରେ । ବରଗଡ଼ ଜିଲ୍ଲା ଅତାବିରା ଥାନା ଲଦିଦା ଗ୍ରାମର ଶ୍ୟାମ ନାୟକ (୩୪) ସଡ଼କ ଦୁର୍ଘଟଣାରେ ଶିକାର ହୋଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଭିମସାରରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ବୁର୍ଲା ପୋଲିସ ଏହାକୁ ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ କରି ଡାକ୍ତରଖାନା ପରିସରରେ ଥିବା ଶବାଗାରରେ ରଖିଥିଲା । ଶବ ବ୍ୟବଚ୍ଛେଦ ପାଇଁ ଆବଶ୍ୟକ କାଗଜପତ୍ର କରିବା ପାଇଁ ବରଗଡ଼ ଜିଲ୍ଲାର ପୋଲିସ ଅଧିକାରୀଙ୍କୁ ଖୋଜିବା ବେଳେ କେହି ନଥିଲେ । ଦୀର୍ଘ ସମୟ ଶବ ପଡ଼ି ରହିବା ପରେ ମୃତକଙ୍କ ପରିବାର ଲୋକେ ବୁର୍ଲା ଥାନାକୁ ଯାଇ ଆଇଆଇସି ଅନିଲ ପ୍ରଧାନଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ପୋଲିସ ଅଧିକାରୀ ନିଶାସକ୍ତ ଅବସ୍ଥାରେ ବାରାକ୍‌ରେ ଶୋଇ ରହିଥିବା ଉପସ୍ଥିତ କର୍ମଚାରୀ ଆଇଆଇସିଙ୍କୁ କହିଥିଲେ । ଶେଷରେ ବିବଶ ହୋଇ ଫାଣ୍ଡି ଅଧିକାରୀ ସାରାଥାଙ୍କୁ କାଗଜପତ୍ର କରିବାକୁ କହିଥିଲେ । ଅଧିକାରୀଙ୍କ କାର୍ଯ୍ୟକଳାପ ଓ କର୍ତ୍ତବ୍ୟରେ ଅବହେଳା ବିଷୟରେ ବରଗଡ଼ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରାଯାଇଥିବା ଆଇଆଇସି ସୂଚନା ଦେଇଛନ୍ତି । ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଗୁରୁତର ରୋଗୀଙ୍କୁ ଉନ୍ନତ ଚିକିତ୍ସା ପାଇଁ ବୁର୍ଲା ଭିମସାରକୁ ସ୍ଥାନାନ୍ତର କରାଯାଏ । ଚିକିତ୍ସା ଓ ଆଇନ୍ ସଂକ୍ରାନ୍ତ (ଏମ୍‌ଏଲ) ମାମଲାର ପରିଚାଳନା କାମ ପାଇଁ ବୁର୍ଲା ପୋଲିସ ଭାରାକ୍ରାନ୍ତ ହୋଇପଡୁଥିଲା । ଏହାକୁ ଲାଘବ କରିବା ପାଇଁ ଉଭୟକ୍ଷେତ୍ରେ ଆଇନି ପରଷ୍ପରେ ନେଇଥିଲେ । ବିଭିନ୍ନ ଜିଲ୍ଲାର ମାମଲା ପରିଚାଳନା କରିବା ପାଇଁ ସଂପୃକ୍ତ ଜିଲ୍ଲାର କିଛି ପୋଲିସ ଅଧିକାରୀଙ୍କୁ ବୁର୍ଲାକୁ ଡେପୁଟେସନରେ ପଠାଯାଇଛି । ବୁର୍ଲାରେ କାର୍ଯ୍ୟରତ ବରଗଡ଼ ଜିଲ୍ଲାର ଦୁଇ ଜଣ ପୋଲିସ ଏଏସଆଇ ନିଜ ଦାୟିତ୍ୱ ଠିକ୍ ଭାବରେ ତୁଲାଉନଥିବା ଓ ଅଧିକାଂଶ ସମୟରେ ଭିମସାରରେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହୋଇଆସୁଛି । ପୂର୍ବରୁ ଏହି ପୋଲିସ ଅଧିକାରୀଙ୍କ ଅବହେଳା ଯୋଗୁଁ ବହୁ ସମୟ ଶବ ପଡ଼ି ରହିବା ଓ ମାଜିଷ୍ଟ୍ରେଟଙ୍କ ଅନୁପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଇବା ଉଦ୍ୟମ ଭଳି ଘଟଣା ଘଟିଥିଲା । ବରଗଡ଼ ଜିଲ୍ଲା ଅତାବିରା ଥାନା ଅଞ୍ଚଳର ଦୁର୍ଘଟଣାରେ ଗୁରୁତର ଥିବା ଜଣେ ଯୁବକଙ୍କ ମୃତ୍ୟୁ ପରେ ପୋଲିସ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ଭିମସାରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ପରିବାର ଲୋକଙ୍କ ଅଭିଯୋଗ ପରେ ବୁର୍ଲା ଆଇଆଇସି ମାମଲାରେ ହସ୍ତକ୍ଷେପ କରି ସମାଧାନ କରିଥିଲେ ସମାନ ଘଟଣା ବାରମ୍ବାର ଘଟୁଥିବାରୁ ବରଗଡ଼ ପୋଲିସର ଛବି ମଳିନ ପଡ଼ୁଛି ।



## ମା' ମଙ୍ଗଳାଙ୍କ ବାର୍ଷିକ ପୂଜା ମହୋତ୍ସବ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ଭୀମକରପୁର ଠାରେ ପ୍ରତିବର୍ଷ ପରି ଚଳିତ ବର୍ଷ ମା' ମଙ୍ଗଳାଙ୍କର ପୂଜା ଉତ୍ସବ ଆରମ୍ଭ ହୋଇଛି । ଏହି ପୂଜା ପାଞ୍ଚଟି ମଙ୍ଗଳବାର ବିଶେଷ ପୂଜାର୍ଚ୍ଚନା ପରେ ପ୍ରାୟ ଏକ ମାସ ମା' ପୂଜା ପାଇଥାନ୍ତି । ଏହି ଉପଲକ୍ଷେ ପ୍ରଥମ ପାଳିରେ ମା'ଙ୍କ ବିଶେଷ ପୂଜା ଆରମ୍ଭ ହୋଇ ଘଟ ସ୍ଥାପନ କରାଯାଇଥାଏ । ଏଥିସହ ଭକ୍ତ ଓ ମାନସିକଧାରୀଙ୍କ ଦ୍ୱାରା ପ୍ରଦବ କଷାରୁ ବଳି ଦିଆଯାଇଥାଏ । ମା'ଙ୍କ ଏହି ବାର୍ଷିକ ପୂଜା ଉତ୍ସବରେ ଯାଜପୁର ସହର ତଥା ଆଖପାଖ ଅଞ୍ଚଳରେ ବହୁ ଶ୍ରଦ୍ଧାଳୁ, ଭକ୍ତ ଓ ମାନସିକଧାରୀ ମା'ଙ୍କ ଏହି ପୂଜାରେ ଯୋଗଦେଇ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥାନ୍ତି ।

## ମା' ମାହେଶ୍ୱରୀଙ୍କ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ

**ଅତାବିରା, ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ଦିନ ମୂଳାଷ୍ଟମୀ ତିଥିରେ ରାତ୍ର ୧୦ଟା ସମୟରେ ବରଗଡ ଜିଲ୍ଲା ଅତାବିରା ବ୍ଲକ ଅନ୍ତର୍ଗତ ଗମ୍ଭାରୀପାଲି ସ୍ଥିତ ଆଞ୍ଚଳିକ ମାହେଶ୍ୱରୀ ମନ୍ଦିରରେ ମା' ମାହେଶ୍ୱରୀଙ୍କର ଷୋଡଶ ଦିନାତ୍ମକ ପୂଜା ଆରମ୍ଭ ହୋଇଯାଇଛି । ପଣ୍ଡିତ ଶଶିଭୂଷଣ ଶତପଥୀଙ୍କ ଦ୍ୱାରା ସଂକଳ୍ପ ପୂଜା କରାଯାଇଥିଲା । ମୁଖ୍ୟ ପୂଜକ ସନ୍ତୋଷ ମହାକୁଡ଼ଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ମା' ମାହେଶ୍ୱରୀଙ୍କର ପ୍ରତୀକ ଖଣ୍ଡାକୁ ବାଡ଼ିଙ୍କୁ ଛତ୍ର ବିଜେ ସହ ଘଣ୍ଟ ଶଙ୍ଖ ଓ ପଞ୍ଚବାଦ୍ୟର ତାଳେ ତାଳେ ସମସ୍ତ ସେବାୟତଙ୍କର ସହଯୋଗରେ ନିକଟସ୍ଥ ପୁଷ୍କରିଣୀକୁ ସ୍ନାନଯାତ୍ରା ପାଇଁ ନିଆଯାଇଥିଲା । ସ୍ନାନ ସାରି ଫେରିବା ସମୟରେ ଗାଁର ସମସ୍ତ ପଡ଼ାମାନଙ୍କରେ ମା' ମାହେଶ୍ୱରୀ ପୂଜା ପାଇଥିଲେ । ମକରଧ୍ୱଜ କର୍ମୀଙ୍କ ଦେହରେ ମା'ଙ୍କର ବରଷା ଆସିଥିଲେ । ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ ସୁଶୀଳ ପ୍ରଧାନ, ସନ୍ତୋଷ ସାହି, ସୁନ୍ଦର ପ୍ରଧାନ, ଚମ୍ପେଶ୍ୱର ମହାକୁଡ, ପ୍ରଫୁଲ କର୍ଣ୍ଣ, ଜୟନ୍ତ କର୍ଣ୍ଣ, ସୁନୀଲ ପ୍ରଧାନ, ନନ୍ଦକିଶୋର ମହାକୁଡ, ପ୍ରମୋଦ କର୍ଣ୍ଣ, ଲକ୍ଷ୍ମଣ ପ୍ରଧାନ, ଅମୂଲ୍ୟ ପ୍ରଧାନ, ବାବନ ବଗାର, ପ୍ରଫୁଲ୍ଲ ଖମାରୀ, ଗୋପାଳ ପ୍ରଧାନ, ବିକୁ କର୍ମୀ, କେଦିଲ୍ୟ ପ୍ରଧାନ, ରମେଶ ପଡିଆ ଓ କମିଟିର ସମସ୍ତ ସଦସ୍ୟଙ୍କ ସହ ଗ୍ରାମବାସୀ ସାହାଯ୍ୟ ସହଯୋଗ କରିଥିଲେ ।

# ମାଣ୍ଡୁକା ପାହାଡ଼ ମୋରମ୍ ଲୁଟ୍ ଘଟଣାରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଯାଜପୁର, ନ୍ୟୁଜ୍**



ଯାଜପୁର ଜିଲ୍ଲାର ଦର୍ପଣ ତହସିଲ ଅନ୍ତର୍ଗତ ମାଣ୍ଡୁକା ପାହାଡ଼ରୁ ମୋରମ୍ ଲୁଟ୍ ନେଇ ବାର୍ତ୍ତାଜିନ ଜେଲା ଚରମ ଅସନ୍ତୋଷ ପ୍ରକାଶ ପାଉଛି । ଏଥିନେଇ ସଚୀଶ ବିଶ୍ୱାଳଙ୍କ ହସ୍ତକ୍ଷେପ ପରେ ସରକାରଙ୍କ ତରଫରୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଆସିଛି । ଏ ସଂକ୍ରାନ୍ତରେ ଇସ୍ପାତ ଓ ଖଣି ବିଭାଗ ତରଫରୁ ନିର୍ଦ୍ଦେଶକ ଲଭ୍ୟ ଖଣିଜ ଦ୍ରବ୍ୟ ଏବଂ ଜିଲ୍ଲାପାଳ ଯାଜପୁରଙ୍କୁ ପତ୍ର ନଂବର-୩୧୮ ତା ୨୫.୦୯.୨୪ ପ୍ରଦାନ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ଏହି ପାହାଡରୁ ମୋରମ୍ ଲୁଟ୍ ନେଇ ବଡ଼ଶାଳା ଆଦି ଅଞ୍ଚଳର ପ୍ରତିନିଧି ଦଳ ପାହାଡ ପର୍ବତ ସୁରକ୍ଷା ପାଇଁ ରାଜ୍ୟରେ ଲଢ଼େଇ କରୁଥିବା ଧର୍ମଶାଳା ପାହାଡ ପର୍ବତ ସୁରକ୍ଷା ମଞ୍ଚ ସଭାପତି ସଚୀଶ ବିଶ୍ୱାଳଙ୍କୁ ସାକ୍ଷାତ କରି ଘଟଣାରେ ହସ୍ତକ୍ଷେପ କରିବାକୁ ନିବେଦନ କରିଥିଲେ । ଏହାପରେ ସଚୀଶ ଗତ ୧୫ ତାରିଖରେ ଏଥିନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏଥିନେଇ ସଚୀଶ ନିଜର ପତ୍ରରେ ଦର୍ଶାଇଛନ୍ତି ଯେ, ଏଠାରୁ ଦୈନିକ ଲକ୍ଷ ଲକ୍ଷ ଟଙ୍କାର ମୋରମ୍ ଲୁଟ୍ କରୁଛନ୍ତି । ଦର୍ପଣ ତହସିଲର ମାଣ୍ଡୁକା ମୌଜାର ଖାତା ନଂବର-୧୩୪୯ ପ୍ଲଟ ନଂବର-୩୬୧୧, କିସମ- ପର୍ବତ ୧୨ ଏକରରୁ ମୋରମ୍ ଉତ୍ତୋଳନ ପାଇଁ ଲିଜ୍ ଦିଆଯାଇଛି । ବାର୍ଷିକ ମାତ୍ର ୩ ହଜାର କ୍ୟୁବିକ୍ ମିଟର ମୋରମ୍ ନେବା ପାଇଁ ଅନୁମତି ମିଳିଛି । ହେଲେ ପ୍ରତି ସପ୍ତାହରେ ଏଠାରୁ ପ୍ରାୟ ୫ ହଜାର କ୍ୟୁବିକ୍ ମିଟର ମୋରମ ଉଠା ହୋଇ ଲୁଟ୍ ହେଉଥିବାର ଅଭିଯୋଗ ହେଉଛି । ଖାଦାନ ଏରିଆ ଭିତରୁ ଯେତିକି ମୋରମ୍ ଟାଣାହେଉଛି, ଲିଜ୍ ଏରିଆ ବାହାରୁ ତତୋଧିକ ମୋରମ୍ ଲୁଟ୍ ହୋଇଛି । ସରକାରଙ୍କ ବିଧି ବ୍ୟବସ୍ଥା ଅନୁସାରେ ଏଥିନେଇ ଲିଜ୍ ନେଇଥିବା ବ୍ୟକ୍ତି ହିଁ ଦାୟୀ । ଏହି ପାହାଡରେ ଐତିହାସିକ ଏବଂ ପୌରାଣିକ ଗୁରୁତ୍ୱ ରହିଛି । ଏଠାରୁ ମୋରମ୍ ଲୁଟ୍ ପାହାଡ ଧ୍ୱଂସ ହେବା ଫଳରେ ସ୍ଥାନୀୟ ଅଞ୍ଚଳର ବ୍ୟାପକ ବିଭିନ୍ନ ପ୍ରକାର କ୍ଷତି ହେଉଛି ।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତା ଅବସ୍ଥା ଶୋଚନୀୟ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ମାଳ ମାଳ ସରକାରୀ ଯୋଜନା । ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ ରାସ୍ତାର ଉନ୍ନତିକରଣ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟବରାଦ କରୁଛନ୍ତି । ଏପରିକି ଆବଶ୍ୟକ ନଥିବା ସ୍ଥାନରେ କଂକ୍ରିଟ୍ ରାସ୍ତା ନିର୍ମାଣ କରୁଛନ୍ତି। ତେବେ ସ୍ଥତରେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଆଗ୍ରହ ଅଭାବରୁ ବହୁ ଆବଶ୍ୟକ ଥିବା ସ୍ଥାନରେ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଉନଥିବା ଦେଖିବାକୁ ମିଳିଛି । ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ମହେଶ୍ୱରପୁର ପଞ୍ଚାୟତ ଅଧୀନସ୍ଥ ନିକଟରେ ଥିବା ବ୍ରହ୍ମବରଦା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ରାସ୍ତା ଗୋଟିଏ ରାସ୍ତାରେ। ମେଡିକାଲ୍‌କୁ ଯିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏ ରାସ୍ତାକୁ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଏହି କଥାକୁ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି । ନିର୍ବାଚନ ମଣ୍ଡଳୀ ମାହେଶ୍ୱରୀଙ୍କ ଓ ବ୍ୟକ୍ତି ଗତ ଜମି ଜାଗାରେ ଏହି ରାସ୍ତା ପଡି ରହିଛି। ଏହି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦୈନିକ ଶହ ଶହ ରୋଗୀ ଓ ସମ୍ପର୍କୀୟମାନେ ଆସିଥାନ୍ତି। ବିଶେଷ କରି ଜାରକା-ବ୍ରହ୍ମବରଦା ମୁଖ୍ୟ ରାସ୍ତା କୋରେଇ ଠାରୁ ମେଡିକାଲ୍‌କୁ ଯାଉଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଉକ୍ତ ରାସ୍ତାଟି ଅଧା ନିର୍ମାଣ ହୋଇ ପଡ଼ିରହିଛି । ସରକାର ଯେତେବେଳେ ନିର୍ମାଣ କରୁଥିଲେ ସେତେବେଳେ ଉକ୍ତ ଜାଗା ଉପରେ ସ୍ଥାନୀୟ ମଣ୍ଡଳରେ ଯାଉଥିଲେ । ଏବଂ ଏହି ରାସ୍ତାର କିଛି ଅଂଶ ବ୍ୟକ୍ତିଗତ ଜମି ଥିବା ଫଳରେ ଏଠାରେ ସ୍ଥାୟୀ ରାସ୍ତା ହୋଇପାରୁ ନଥିବା ମୁଖ୍ୟ ସମସ୍ୟା ରହିଛି । ଏହି ରାସ୍ତା ବିରାଟ ବିରାଟ ଖାଲ ହେବା ସହ ଏଠାରେ ବର୍ଷା ପାଣି ଜମି ରହୁଛି । ଯାଜାଜଙ୍କୁ ନେଇ ରୋଗୀ ଓ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେଇ ସ୍ଥାୟୀ ପ୍ରତିକାର କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି ।



## ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର ସମୀର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡାକ୍ତରଖାନା ପରିସର ସଫେଇ କରାଯାଇଥିଲା । ଉଲୁଣ୍ଡା ଯୁବ ମହାସଂଘର ସଭାପତି ମହେଶ ରଞ୍ଜନ ପୁରୋହିତଙ୍କ ସହ ମହାସଂଘର ସଦସ୍ୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପରେ ପରେ ସ୍ୱଚ୍ଛତା ଶପଥ ପାଠ କରାଯାଇଥିଲା ଏବଂ ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା ଉପରେ ଆଲୋଚନା କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମଟି ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଯୋଜନାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ସେଠାରେ ଡାକ୍ତର ଶାରଦାକାର ବରିଷ୍ଠ ଡାକ୍ତରାନରେ ଅନୁଷ୍ଠିତ ହୋଇଥିବା ବେଳେ ଆଇଭକାଣ୍ଡ ପରିଚାଳକ କ୍ଷୀରୋଦ କୁମାର ସାହୁ, ତଥ୍ୟ ପରିଚାଳକ ରାଜେନ୍ଦ୍ର କୁମାର ବେହୁରା ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ ।

# ଚଳିତବର୍ଷ ୪୨ ହଜାର କୋଟି ଋଣ କରିବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଋଣ ଭାର ବର୍ଷକୁ ବର୍ଷ ବଢିଚାଲିଛି । ଖୋଲା ବଜାର ସହିତ ସରକାର ବିଭିନ୍ନ କେନ୍ଦ୍ର ସରକାରୀ ସଂସ୍ଥାରୁ ବି ଋଣ ଉଠାଇ ଚାଲିଛନ୍ତି । ୨୦୦୯ରେ ରାଜ୍ୟର ଋଣ ଭାର ୩୭,୭୩୦ କୋଟି ଟଙ୍କା ଥିବାବେଳେ ୨୦୨୩ ଏପ୍ରିଲ ୧ ତାରିଖ ସୁଦ୍ଧା ସରକାର ବିଭିନ୍ନ ସୂତ୍ରରୁ ୯୭,୩୧୦ କୋଟି ଟଙ୍କା ଋଣ କରିଥିଲେ । ଚଳିତ ବର୍ଷ ୪୨ ହଜାର କୋଟି ଟଙ୍କା ଋଣ କରିବା ପାଇଁ ବର୍ତ୍ତମାନର ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଯୋଜନା ପରେ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବିପୁଳ ଅର୍ଥ ଆବଶ୍ୟକ ଥିବାରୁ ଆଗାମୀ ଦିନରେ ସରକାର ପୁଣି ଋଣ କରିବା ସମ୍ଭାବନା ରହିଛି । ଋଣ ପରିଶୋଧ ସହିତ ରାଜ୍ୟର ବିକାଶ ଧାରା ଅବ୍ୟାହତ ରଖିବା ପାଇଁ ପୁଣି ଯୋଜନା ସରକାରଙ୍କ ପାଇଁ ବଡ଼ ଆହ୍ୱାନ ହୋଇଛି । ଏହି ପରିପ୍ରେକ୍ଷୀରେ ସମ୍ପ୍ରତି ସରକାର ପୁଣିଥରେ ଋଣ ୨୦,୭୭୩,୭୮ କୋଟି ଟଙ୍କାର ପହଞ୍ଚିଲାଣି । ରାଜ୍ୟ ସରକାରଙ୍କ ବଜେଟ୍ ପ୍ରତିମାସ ୨୦୦୦ ମସିହାରେ ୧୧,୦୦୦ କୋଟି ଟଙ୍କା ରହିଥିଲା । ସେତେବେଳେ ୧୯୦୦୦ କୋଟି ଋଣ ଭାର ରହିଥିଲା । ୨୦୨୩ ଏପ୍ରିଲ ୧ ସୁଦ୍ଧା ରାଜ୍ୟର ଋଣ ଭାର ବୃଦ୍ଧି ପାଇ ୯୭,୩୧୦ କୋଟି ଟଙ୍କାରେ ପହଞ୍ଚିଛି । ବିଭିନ୍ନ ଯୋଜନା କାର୍ଯ୍ୟାନ୍ୱୟନ ପାଇଁ ସରକାର ଖୋଲା ବଜାର ସହିତ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉଦ୍ୟୋଗରୁ ଋଣ ଉଠାଉଛନ୍ତି । ୨୦୨୩ରେ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ଠାରୁ ୧୮,୩୭୩.୩୪ କୋଟି ଟଙ୍କା ଋଣ ଆଣିଥିଲେ । ଜାତୀୟ କ୍ଷୁଦ୍ର ସଞ୍ଚୟ ପାଣ୍ଠିରୁ ୫୬୫୨.୮୫ କୋଟି, ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କରୁ ୧୭,୯୯୪,୮୫ କୋଟି, ସାଧାରଣ ବୀମା ନିଗମରୁ ୧.୨୮ କୋଟି ଗ୍ରାମ୍ୟ ବିଦ୍ୟୁତିକରଣ ନିଗମ ଓ ଅନ୍ୟାନ୍ୟ ସୂତ୍ରରୁ ୩୮୪.୭୫ କୋଟି, ଭବିଷ୍ୟନିଧି ପାଣ୍ଠିରୁ ୨୪,୨୫୯.୬୯ କୋଟି ଟଙ୍କା ରାଜ୍ୟ ସରକାର ଋଣ ଆଣିଛନ୍ତି । ଖୋଲା ବଜାରରୁ ୨୧,୦୫୮,୦୭ କୋଟି ଟଙ୍କା ଋଣ ଆଣିଥିବା ଜଣାପଡ଼ିଛି । କେବଳ ୨୦୨୩-୨୪ ଆର୍ଥିକ ବର୍ଷରେ ସରକାର କେନ୍ଦ୍ର ସରକାରଙ୍କ ଠାରୁ ୪୩୦୧,୯୩ କୋଟି ଟଙ୍କା ଋଣ ଆଣିଛନ୍ତି । ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କରୁ ୪୧୦୬.୫୪ କୋଟି, ଗ୍ରାମ୍ୟ ବିଦ୍ୟୁତିକରଣ ନିଗମ ଓ ଅନ୍ୟାନ୍ୟ ସୂତ୍ରରୁ ୯୭୦୩.୭୦ କୋଟି ଟଙ୍କା, ଭବିଷ୍ୟନିଧି ପାଣ୍ଠିରୁ ୪୩୪୭ କୋଟି ଟଙ୍କା ଋଣ କରିଥିବାବେଳେ ଖୋଲାବଜାରରୁ ୧୨୫ କୋଟି ଟଙ୍କା ଋଣ ଉଠାଇଥିବା ଜଣାପଡ଼ିଛି । ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଋଣ ଅଣିଥିବା ଋଣ ଟଙ୍କା ବାବଦରେ ୮୦୭.୨୩ କୋଟି ଟଙ୍କା ପରିଶୋଧ କରିଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷରେ ଜାତୀୟ କ୍ଷୁଦ୍ର ସଞ୍ଚୟ ପାଣ୍ଠିକୁ ୮୮୨.୫୪ କୋଟି, ଖୋଲାବଜାରରୁ ଅଣିଥିବା ଋଣରୁ ୪୭୫୮ କୋଟି, ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କକୁ ୧୭୬୨.୭୦ କୋଟି, ସାଧାରଣ ବୀମା ନିଗମକୁ ୬୮ ଲକ୍ଷ ଟଙ୍କା, ଗ୍ରାମ୍ୟ ବିଦ୍ୟୁତିକରଣ ନିଗମ ଓ ଅନ୍ୟାନ୍ୟ ସୂତ୍ରକୁ ୨୩ ୯୨ କୋଟି, ଭବିଷ୍ୟନିଧି ପାଣ୍ଠିକୁ ୬୭୮୨.୬୮ କୋଟି ଟଙ୍କା ପରିଶୋଧ କରିଥିବା ଜଣାପଡ଼ିଛି । ୨୦୨୨-୨୪ ଆର୍ଥିକ ବର୍ଷରେ ସରକାର ମୋଟ ୨୪,୬୭୦,୬୧ କୋଟି ଟଙ୍କା ଋଣ କରିଥିବାବେଳେ ଏହି ସମୟରେ ୧୪,୩୨୫,୦୨ କୋଟି ଟଙ୍କା ଋଣ ପରିଶୋଧ କରିଛନ୍ତି । ବର୍ତ୍ତମାନ ସରକାରଙ୍କର ପ୍ରାୟ ୯୭,୩୧୦ କୋଟି ଟଙ୍କା ଋଣ ରହିଛି । ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଋଣ ଭାର ଅପେକ୍ଷାକୃତ କମ୍ ରହିଛି । ଓଡ଼ିଶା ଠାରୁ କିଛାରେ ଆଗୁଆ ରହିଥିବା ରାଜ୍ୟଗୁଡିକର ଋଣ ଭାର ଓଡ଼ିଶା ଠାରୁ ବେଶ୍ ଅଧିକ ରହିଛି । ଗୁଜରାଟ, ପଶ୍ଚିମବଙ୍ଗ, ରାଜସ୍ଥାନ, ହରିୟାଣା, ଛତିଶଗଡ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ପ୍ରଭୃତି ରାଜ୍ୟର ଋଣ ଭାର ଓଡ଼ିଶା ଠାରୁ ବହୁ ଗୁଣା ଅଧିକ । ବର୍ତ୍ତମାନ ଗୁଜରାଟ ସରକାରଙ୍କର ୪,୬୭,୪୬୪ କୋଟି ଟଙ୍କା ଋଣ ରହିଥିବାବେଳେ ଆନ୍ଧ୍ରପ୍ରଦେଶ ୪,୮୫,୪୯୧ କୋଟି, ଆସାମ ୧,୫୦, ୯୦୦ କୋଟି, ଛତିଶଗଡ଼ ୧,୨୨,୧୬୪ କୋଟି, ବିହାର ୩,୧୯,୬୮୧ କୋଟି, ହିମାଚଳ ୩,୩୬,୨୫୩ କୋଟି, ପଞ୍ଜାବର ୩,୫୧,୧୩୦ କୋଟି, ରାଜସ୍ଥାନ ୫,୬୨,୪୭୫ କୋଟି, ତାମିଲନାଡୁର ୮,୩୪,୫୪୪ କୋଟି, ତେଲଙ୍ଗାନାର ୩,୮୯,୬୭୩ କୋଟି, ପଶ୍ଚିମବଙ୍ଗର ୬,୫୮,୪୨୬ କୋଟି ଟଙ୍କା ଋଣ ବୋଝ ରହିଛି ।



# ବିପୁଳ ନକଲି ମଦ ଜବତ:୫ ଜଣ ଗିରଫ

**ସାଲେପୁର, ନ୍ୟୁଜ୍**

ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅଧିନସ୍ଥ ଗୋତରା ପଞ୍ଚାୟତ ପ୍ରହରାଜପୁର ଗ୍ରାମରୁ ବିପୁଳ ପରିମାଣର ନକଲି ମଦ ଜବତ କରାଯାଇଛି । ପ୍ରକାଶ ଯେ କଟକ ଅବକାରୀ ବିଭାଗର ୧୦ ଜଣିଆ ଟିମ୍ ସକାଳୁ ଖବରପାଇ ନିଶ୍ଚିନ୍ତକୋଇଲି ଏସ.ଆର. ବାର୍ ଓ ରେଷ୍ଟୁରାଣ୍ଟରେ ଚଢଉ କରାଯାଇଥିଲା । ସ୍ୱତନ୍ତ୍ର ଅବକାରୀ ଟିମ୍ ଖବରପାଇ ଭଦ୍ରେଶ୍ୱର ଥାନା ପ୍ରହରାଜପୁର ଗ୍ରାମରେ ଏକ ଭଡାଘର ଉପରେ ଚଢଉ କରି ସେଠାରେ ବିଦେଶୀ ନକଲି ମଦ ସହିତ ନକଲି ବିଦେଶୀ ମଦ ତିଆରରେ ବ୍ୟବହୃତ ହେଉଥିବା କେମିକାଲସ୍, ଠିପି, ଖାଲି ବୋତଲ ଓ ନାମୀଦାମୀ ବିଦେଶୀ ମଦ କମ୍ପାନୀର ଲେବୁଲ୍ ଆଦି ଜବତ ହୋଇଥିବା ସହ ଏଥିରେ ସଂପୃକ୍ତ ୫ ଜଣ ବ୍ୟକ୍ତିଙ୍କୁ କଟକ ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ କେ.ଏସ୍. ତିୱାରୀଙ୍କ ଠାରୁ ସୂଚନା ମିଳିଛି । ସୂଚନା ଅନୁସାରେ ଗୁରୁବାର ସକାଳେ ନିଶ୍ଚିନ୍ତକୋଇଲି ଠାରେ ଥିବା ଏସ.ଆର. ବାର୍ ଆଣ୍ଡ ରେଷ୍ଟୁରାଣ୍ଟ ଏବଂ ତାଙ୍କ ପ୍ରହରାଜପୁର ସ୍ଥିତ ବାସଗୃହ ଉପରେ ଅବକାରୀ ବିଭାଗ ୧୦ ଜଣିଆ ଟିମ୍ ଚଢଉ କରି ଲକ୍ଷାଧିକ ଟଙ୍କାର ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ କରିଥିବା ଜଣାପଡିଛି । ଜବତ ସାମଗ୍ରୀ ମଧ୍ୟରେ ୧୧ ଶହ ଲିଟର ନକଲି ମଦ, ୮ ହଜାର ଠିପି, ୯୪୦୦ (ଇଏ.ଏଲ.) ଖଣ୍ଡ, ୧ ହଜାର ଖାଲି ବୋତଲ, ମ୍ୟାକଡେଏଲ୍ ନଂ୧ କମ୍ପାନୀର ୧୧୯୦ ଖଣ୍ଡ ଲେବୁଲ୍, ୩ଟି ସ୍କୁଟି ଓ ୫ଟି ମୋବାଇଲ୍ ଜବତ କରାଯାଇଛି । ଜବତ ହୋଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ୯ ଲକ୍ଷ ୧୫ ହଜାର ଟଙ୍କା ବୋଲି ସୂଚନାରୁ



ଜଣାପଡିଛି । ନିଶ୍ଚିନ୍ତକୋଇଲି ଅବକାରୀ ଥାନା କେଶ୍ ନଂ ୬୪/୨୪-୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଥିବା ପ୍ରକାଶ । ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରେ ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ପ୍ରହରାଜପୁର ଗ୍ରାମର ସୌମ୍ୟରଂଜନ ପ୍ରଧାନ, ଜଗନ୍ନାଥ ନାୟକ, ପବିତ୍ର ଜେନା, ଶ୍ରୀନିବାସ ପ୍ରଧାନ ଓ ମାହାଙ୍ଗା ଥାନା ଅନ୍ତର୍ଗତ ଖନ୍ଦଳ ଗ୍ରାମର ଶରତଚନ୍ଦ୍ର ବାରିକ ଥିବା ଜଣାପଡିଛି । ଏଠାରେ ସୂଚନା ଥାଉ କି ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏଠାରେ ନକଲି ମଦ ପ୍ରସ୍ତୁତ କରାଯାଇ ମାହାଙ୍ଗା, ନିଶ୍ଚିନ୍ତକୋଇଲି ଆଦି ବିଭିନ୍ନ ଅଞ୍ଚଳକୁ ପଠାଯାଉଥିଲା । ଏଥିରେ ସଂପୃକ୍ତ ଥିବା ଅନ୍ୟ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ ସୁପରିଟେଣ୍ଡେଣ୍ଟ କେ.ଏସ୍. ତିୱାରିଙ୍କ ଠାରୁ ସୂଚନା ମିଳିଛି । କିଭଳି ଭାବରେ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ଏଥିପ୍ରତି ଅବଗତ ନଥିଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଠାରେ ସୂଚନା ଥାଉ କି ଏସ୍.ଆର ବାର୍ ଆଣ୍ଡ ରେଷ୍ଟୁରାଣ୍ଟକୁ ସିଲ୍ କରାଯାଇଛି । ଏହି ନକଲି ମଦ ପ୍ରସ୍ତୁତ କରାଯାଇ କୋଟି କୋଟି ଟଙ୍କା ବାର୍ ମାଲିକ ଆୟ କରୁଥିବା ସାଧାରଣରେ ଆଲୋଚନା ହେଉଛି । ଏହାର ଏକ ଭିଜିଲାନ୍ସ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି । ଗଞ୍ଜାମ ଚିକିଟି ମଦ ମୃତ୍ୟୁ ଘଟଣା ପରେ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଜାଗାରେ ଚଢଉ କରାଯାଇଥିଲା । ଆଗକୁ ପାର୍ବଣର ଋତୁ ଥିବାବେଳେ ମାହାଙ୍ଗା ଓ ଭଦ୍ରେଶ୍ୱର ଥାନା ଅଞ୍ଚଳରେ ବିଭିନ୍ନ ମଦ ଦୋକାନରେ ନକଲି ମଦ ପ୍ରସ୍ତୁତ କରାଯାଇ ବିକ୍ରି କରାଯାଉଥିବା ସାଧାରଣରେ ଅଭିଯୋଗ ହୋଇଛି ।





## ପୋଢ଼ହଲ ସଂରକ୍ଷିତ ଜଙ୍ଗଲରେ କଲରାପତରିଆ ବାଘର ମୃତ୍ୟୁ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବନଖଣ୍ଡ ମାଧପୁରରେ ପୋଢ଼ହଲ ସଂରକ୍ଷିତ ଜଙ୍ଗଲ ନାଳ ଭିତରୁ ବୁଧବାର ଅପରାହ୍ନ ସମୟରେ ଏକ କଲରାପତରିଆ ବାଘର ଗଳିତ ଶବକୁ ଜବତ କରିଛି ବନ ବିଭାଗ । ମୃତ ବାଘଟି ୭ ଦିନରୁ ଉର୍ଦ୍ଧ୍ୱ ହେଲା ଏକ ନାଳ ନିକଟରେ ପଡି ରହିଥିବା ବେଳେ ବନ ବିଭାଗର କିଛି କର୍ମଚାରୀ ପାଟ୍ରୋଲିଂ ସମୟରେ ଦେଖିଥିଲେ । ପରେ ଘଟଣା ସମ୍ପର୍କରେ ମାଧପୁର ରେଞ୍ଜର ଖବର ପାଇବା ପରେ ବୌଦ୍ଧ ଡିଏଫଓ ନେତୃତ୍ୱରେ ଘଟଣା ସ୍ଥଳକୁ ଆସିଥିବା ସାଇଣ୍ଟିଫିକ୍ ଟିମ୍, ଦକ୍ଷିଣାଞ୍ଚଳର ଆର୍‌ସିସିଏଫ୍ ପହଞ୍ଚି ମୃତ ବାଘର ଶବକୁ ଜବତ କରିବା ସହ ତାର ନମୁନା ପରୀକ୍ଷା କରିଥିଲେ । ଏବଂ ବାଘଟି ଅଣ୍ଡିରା କି ମାଈ ପ୍ରଜାତିର କୌଣସି ସୂଚନା ମିଳିପାରିନାହିଁ । କୌଣସି କାରଣ ବଶତଃ ବାଘର ମୃତ୍ୟୁ ହୋଇଥିବା ଏବଂ ଆମ ରେଞ୍ଜରେ ବାଘ ନାହିଁ । ଅନ୍ୟ ଜିଲ୍ଲାରୁ ଆସିଥିବା ଓ ନମୁନା ପରୀକ୍ଷା ରିପୋର୍ଟ ଆସିବା ପରେ ମୃତ୍ୟୁର ସତ୍ୟ ଘଟଣା ଜଣାପଡିବ ବୋଲି ରେଞ୍ଜ ଅଧିକାରୀ ଆସିକ କୁମାର ଦିଗାଲ ସୂଚନା ଦେଇଥିଲେ । ଏହି ବାଘ ମୃତ୍ୟୁ ତଦନ୍ତକାରୀ ଦଳରେ ସାଇଣ୍ଟିଫିକ୍ ଦଳ, ଦକ୍ଷିଣାଞ୍ଚଳ ଆର୍‌ସିସିଏଫ୍ ସଂଜୟ ସ୍ୱାଇଁ, ବୌଦ୍ଧ ଡିଏଫଓ ଦେବପ୍ରିୟ କମ୍ପ, ମାଧପୁର ରେଞ୍ଜର, ଆଶିକ କୁମାର ଦିଗାଲ, ଫରେଷ୍ଟର ବିଜୟ ସାହୁ, ଗାର୍ଡ ସୁବଳ ପ୍ରଧାନଙ୍କ ସହ ଅନ୍ୟାନ୍ୟ ବନ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## କେଲୁଅ ନଦୀରେ କୁମ୍ଭୀର:ନଦୀ କୂଳିଆ ଲୋକେ ଆତଙ୍କିତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଲଗାଣ ବର୍ଷା ଲାଗି ରହିଛି । ଫଳରେ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଜଳ ସ୍ତର ବୃଦ୍ଧି ପାଇବା ସହ ନଦୀ କୂଳରେ କୁମ୍ଭୀର ଖେଳୁଥିବା ଦେଖି ନଦୀ କୂଳିଆ ଲୋକେ ଆତଙ୍କିତ ହୋଇପଡିଛନ୍ତି । ସନ୍ଧ୍ୟାରେ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ନିରଘାଟ ସ୍ଥିତ ବ୍ରାହ୍ମଣୀ ଶାଖା କେଲୁଅ ନଦୀ କୂଳରେ କୁମ୍ଭୀର ଖେଳୁଥିବା ନେଇ ଲୋକେ ଭୟଭିତ ହୋଇପଡିଛନ୍ତି । ସନ୍ଧ୍ୟାରେ ଦେଓଦା ପଞ୍ଚାୟତସ୍ଥ ବାସୁଦେବପୁର ଅଞ୍ଚଳର ନରେନ୍ଦ୍ର ସାହୁ ଓ କାର୍ତ୍ତିକ ସାହୁ ଦୁହେଁ ନିକଟସ୍ଥ କେଲୁଅ ନଦୀକୁ ଶୌଚ ହେବାକୁ ଯାଉଥିବା ବେଳେ ନଦୀ କୂଳରେ ଏକ କୁମ୍ଭୀର ଖେଳୁଥିବା ଦେଖିବାକୁ ପାଇଥିଲେ । ସେମାନେ ଏହାକୁ ନେଇ ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ଲୋକେ ନଦୀ କୂଳରେ ପହଞ୍ଚିବା ପରେ କୁମ୍ଭୀରଟି ନଦୀ ଭିତରକୁ ଚାଲି ଯାଇଥିଲା । ଏହି କୁମ୍ଭୀରକୁ ନେଇ ପଞ୍ଚାୟତର ନଦୀ କୂଳିଆ ଲୋକେ ଭୟଭିତ ହୋଇପଡିଛନ୍ତି ।

## ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟରେ 'ବିକଶିତ ଭାରତ' ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ, ଓପରେସନାଲ୍ ରିସର୍ଚ୍ଚ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଓଆର୍‌ଏସ୍‌ଆଇ) ଭୁବନେଶ୍ୱର ଅଧ୍ୟାୟର ମିଳିତ ସହଯୋଗରେ ବିକଶିତ ଭାରତ : ଇନୋଭେଟିଭ୍ ବ୍ୟାପାର, କୃଷି, ପ୍ରଯୁକ୍ତି ଓ ସମ୍ପଦ ପରିଚାଳନା ନାମକ ଅନ୍ତର୍ଜାତୀୟ ସମ୍ମିଳନୀର ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀରେ ଆଷ୍ଟ୍ରେଲିଆ, ବାଙ୍ଗଲାଦେଶ, ଭାରତ, ୟୁଏଇ ଏବଂ ୟୁକେ ମିଶି ୧୫ରୁ ଅଧିକ ଦେଶର ବିଶ୍ୱ ସ୍ତରୀୟ ଉତ୍ତୀର୍ଣ୍ଣ ତଥା ଗବେଷକ ଓ ନୀତି ନିର୍ଦ୍ଦେଶକମାନେ ଯୋଗ ଦେଇଥିଲେ । ସମ୍ମିଳନୀର ଏକ ମୁଖ୍ୟ ଆକର୍ଷଣ ହେଉଛି ବିକଶିତ ଭାରତ ପାଇଁ ସ୍ଥାୟୀ ବିକାଶ: ପଥ ନିର୍ଦ୍ଧାରଣ ବିଷୟରେ ଆୟୋଜିତ ଆଲୋଚନା ଚକ୍ର ଏହି ସେସନ୍‌ଟିକୁ ୟୁଏନ୍‌ଡିପି ଓଡ଼ିଶା କାର୍ଯ୍ୟାଳୟର ମୁଖ୍ୟ ଅଧିକାରୀ ମିସ୍ ଅଭା ମିଶ୍ରା ଅଧ୍ୟକ୍ଷତା କରିଥିଲେ । ଯିଏ ଦୁର୍ଯୋଗ ଜୋମ ହ୍ରାସ, ସହନଶୀଳତା, ଜୀବିକା ଏବଂ ମହିଳା ସଶକ୍ତିକରଣରେ ତାଙ୍କ ଦୀର୍ଘକାଳୀନ ଅଭିଜ୍ଞତାକୁ ଆଧାର କରିଥିଲେ । ତାଙ୍କ ସହ ଆଲୋଚନାରେ ନିର୍ଦ୍ଦିଷ୍ଟ ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତିମାନେ ଯୋଗ ଦେଇଥିଲେ, ଯେମିତି ମାଟ୍ରିଜେଲ୍, ମାଲେସିଆର ମୁଖ୍ୟ ପରାମର୍ଶଦାତା ବୋବି ବରାନାସି (ଭର୍ଚ୍ଚୁଆଲ୍ ଭାବେ ଯୋଗଦାନ କରିଥିଲେ), ଥାମାରର ଯୁବ ସ୍ୱାଭିମାନୀ ସଂସ୍ଥା, ଅଷ୍ଟ୍ରେଲିଆର ଶିକ୍ଷା, ରୋଜଗାର ଓ ପ୍ରଶିକ୍ଷଣ ବ୍ୟବସ୍ଥାପକ ମିସ୍ ରେବେକା କ୍ରାଉଲି, ଏବଂ କ୍ୟାନବେରା ବିଶ୍ୱବିଦ୍ୟାଳୟ, ଅଷ୍ଟ୍ରେଲିଆର ଆସୋସିଏଟ୍ ପ୍ରୋଫେସର ମିଷ୍ଟର ଅବୁ ସାଲେହ ଭର୍ଚ୍ଚୁଆଲ ଭାବେ ଯୋଗଦାନ କରିଥିଲେ, GTDIS Pvt. Ltd., ଭାରତର ମ୍ୟାନେଜିଂ ଡିରେକ୍ଟର ମିଷ୍ଟର ଭେଙ୍କେଟ ଶିଭାନନ୍ଦ, ଏକ ଅଭିଜ୍ଞ ନେତୃତ୍ୱ କରୁଥିବା ମାନବତାମୂଳକ ଉଦ୍ୟମ ଏବଂ ମାଇକ୍ରୋଫାଇନାନ୍ସର ବିଶେଷଜ୍ଞ ମିଷ୍ଟର ବସନ୍ତ ମହାନ୍ତି ଏବଂ ଜୈବ କୃଷି ଓ ଔଷଧୀୟ ଗଛ ଉପରେ ଅଭିଜ୍ଞତା ଥିବା ପ୍ରଫେସର ସନ୍ତୋଷ କୁମାର ଦାସ ପ୍ୟାନେଲ୍‌ରେ ଭିନ୍ନ ଭିନ୍ନ ଦୃଷ୍ଟିଭଙ୍ଗୀ ଉପସ୍ଥାପିତ କରିଥିଲେ ଏବଂ ଭାରତରେ ସ୍ଥାୟୀ ବିକାଶକୁ ଅଗ୍ରସର କରିବା ପାଇଁ ସହକାରୀ ପ୍ରୟାସ ବିଷୟରେ ଆଲୋଚନା କରିଥିଲେ ।

# ଡାବରାଘାଟିରେ ଥମୁନି ଝାଡ଼ାବାନ୍ତି:ପୁଣି ୩ ଆକ୍ରାନ୍ତ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ସୀମାନ୍ତ ତଥା କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ ଡାବରାଘାଟି ଗାଁରେ ବଢୁଛି ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା । ଗୁରୁବାର ପୁଣି ୩ ଆକ୍ରାନ୍ତ ଗୁରୁତର ଅବସ୍ଥାରେ ମଇଦଲପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ସେମାନେ ହେଲେ କମଳା ମାଝୀ (୩୦), ଲାଲଠାଗର ପଥି (୨୨) ଓ ୪ ବର୍ଷର ଜଣେ ଶିଶୁ । ଗତ ୫ ଦିନ ହେଲା ଝାଡ଼ାବାନ୍ତିର ପ୍ରକୋପ ଗାଁରେ ଲାଗି ରହିଛି । ଦୁର୍ଗମ ଅଞ୍ଚଳରେ ରହିଥିବା ଡାବରାଘାଟି ଗାଁର ଲୋକ ସ୍ୱାସ୍ଥ୍ୟସେବା ପାଇଁ ନବରଙ୍ଗପୁର ଜିଲ୍ଲା ଉପରେ ନିର୍ଭର କରୁଛନ୍ତି । ଝାଡ଼ାବାନ୍ତି ବ୍ୟାପିବା ପରେ ସମସ୍ତ ଆକ୍ରାନ୍ତଙ୍କୁ ପ୍ରଥମେ ମଇଦଲପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଉଛି । ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିଲେ ପରବର୍ତ୍ତୀ ସମୟରେ ପାପଡ଼ାହାଣ୍ଡି କିମ୍ବା ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଉଛି । ସ୍ଥିତି ବିଗିଡ଼ିବା ପରେ ଗୁରୁବାର ଜୟପାଟଣାରୁ ଗୋଟିଏ ମୋବାଇଲ୍ ହେଲ୍‌ଥ୍ ୟୁନିଟ୍ ଗାଁକୁ ଯାଇଥିଲା । ଆୟୁଷ ଡାକ୍ତର ଅନୁସୂୟା



ସାହୁ, ଫାର୍ମାସିଷ୍ଟ ଜଗବନ୍ଧୁ ସାହୁ, ସୁପରଭାଇଜର ବିଶ୍ୱନାଥ ଠାକୁର, ସ୍ୱାସ୍ଥ୍ୟକର୍ମୀ ଅମିତ କୁମାର ପଣ୍ଡା ଏବଂ ହାରାବତୀ ଭୋଇ ପ୍ରମୁଖ ସ୍ଥିତି ଅନୁଧ୍ୟାନ କରିଥିଲେ । ଜଣେ ଆକ୍ରାନ୍ତଙ୍କୁ ସାଲାଇନ୍ ଦେଇଥିଲେ । ଅନ୍ୟମାନଙ୍କୁ ଔଷଧ ଦେଇ ଫେରିଥିବା ଜଣାପଡ଼ିଛି । ତେବେ ଏଯାଏ ଗାଁରୁ ନମୁନା ସଂଗ୍ରହ ହୋଇନଥିବା ଗ୍ରାମବାସୀ କହିଛନ୍ତି । ପରିସ୍ଥିତି ଗମ୍ଭୀର ରହିଥିଲେ ସୁଦ୍ଧା ବିଶେଷ ଗୁରୁତ୍ୱ ଦିଆଯାଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପାଖାପାଖି ୪୦ ପରିବାର ଗାଁରେ ବସବାସ କରୁଥିଲା ବେଳେ ଗୋଟିଏ ନଳକୂପ ଏବଂ ଗୋଟିଏ କୂଅ ରହିଛି । ଅନ୍ୟପକ୍ଷରେ ଯାତାୟାତ ପାଇଁ ପକ୍କା ରାସ୍ତା ନାହିଁ । ତେଣୁ ଅସୁସ୍ଥଙ୍କୁ କାନ୍ଧରେ ପ୍ରାୟ ୫ କିଲୋମିଟର ବୋହୁଛନ୍ତି ସମ୍ପର୍କୀୟ । ଏହାପରେ ଅଟୋ ଭଡ଼ା କରି ନବରଙ୍ଗପୁର ଜିଲ୍ଲାକୁ ଚିକିତ୍ସା ପାଇଁ ଆଣୁଛନ୍ତି । ପ୍ରଶାସନର ଦେଖାନଥିଲା ବେଳେ ସ୍ୱାସ୍ଥ୍ୟ ବିଭାଗ ପରିସ୍ଥିତି ପ୍ରତି ବିଶେଷ ଧ୍ୟାନ ନଦେବା ଗ୍ରାମବାସୀଙ୍କୁ କ୍ଷୁବ୍ଧ କରିଛି । ବିଡ଼ମ୍ବନା ହେଲା କେଉଁ କାରଣରୁ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି ଏଯାଏ ସ୍ପଷ୍ଟ ହୋଇପାରିନି ।



## ପୋଖରୀ ହୁଡ଼ା ସଫା କଲେ ମନ୍ତ୍ରୀ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବୁଧବାର ଭାଲୁଗୁଡ଼ା ପୋଖରୀ ହୁଡ଼ା ସଫା କରିଛନ୍ତି । ହୁଡ଼ା ଚାରିପାଖରେ ଥିବା ଅନାବନା ଗଛକୁ ସଫା କରିବା ସହ ପାଣିରୁ ଅଳିଆ ମଧ୍ୟ ସଫା କରିଥିଲେ । ହାତରେ କୋଦାଳ ଧରି ସ୍ୱଚ୍ଛ ଭାରତର ବାର୍ତ୍ତା ଦେଇଥିଲେ । ମନ୍ତ୍ରୀଙ୍କ ଏଭଳି କାର୍ଯ୍ୟ ଦେଖି ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ମଧ୍ୟ ଏହି ସଫେଇ କାର୍ଯ୍ୟରେ ଶ୍ରୀ ଗଣ୍ଡଙ୍କୁ ସହଯୋଗ କରିଥିଲେ । ବୁଧବାର ପ୍ରାତଃଭ୍ରମଣରେ ଯାଉଥିବା ବେଳେ ମନ୍ତ୍ରୀ ଶ୍ରୀ ଗଣ୍ଡ ଭାଲୁଗୁଡ଼ା ପୋଖରୀ ଅପରିଷ୍କାର ଥିବା ଦେଖିଥିଲେ । ସେ ନିଜେ ପୋଖରୀକୁ ସଫା କରିବା ପାଇଁ ବାହାରିଥିଲେ । ଏହି ଅବସରରେ ସେ କହିଛନ୍ତି, ଏକ ସୁସ୍ଥ, ନିରୋଗ ସମାଜ ଗଠନ ପାଇଁ ନିଜେ ସ୍ୱଚ୍ଛ ରହିବା ସହ ପରିବେଶକୁ ମଧ୍ୟ ପରିଷ୍କାର ପରିଚ୍ଛନ୍ନ ରଖିବା ଆବଶ୍ୟକ । ଏଥିପାଇଁ ଆମକୁ ପ୍ରଥମେ ଆଗକୁ ପାଦ ବଢ଼େଇବାକୁ ପଡ଼ିବ । ପରେ ଆମକୁ ନିଶ୍ଚୟ ବଳ ମିଳିଯିବ । ଅନେକ ବ୍ୟସ୍ତତା ମଧ୍ୟରେ ସମୟ ବାହାର କରି ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରିବା ସହ ସାହିପିଲାଙ୍କୁ ନେଇ ସଫେଇ କାର୍ଯ୍ୟ କରିଥିବା ସେ କହିଛନ୍ତି । ମନ୍ତ୍ରୀଙ୍କ ଏଭଳି କାମକୁ ସ୍ଥାନୀୟ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି ।

# କୁଚିଆ ମଦ ବନ୍ଦ ଦାବିରେ ତାତିଲେ ମହିଳା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ କୁଚିଆ ମଦ ଅବାଧ ବିକ୍ରି ଚାଲିଥିବାରୁ ଏବେ ବିଭିନ୍ନ ଜାଗାରେ ପ୍ରତିବାଦର ସ୍ୱର ଉଠିଲାଣି । ସେହି କ୍ରମରେ ଗୁରୁବାର ଡୁଙ୍ଗୁରିପାଲି ବ୍ଲକର ରାମପୁର ଅଞ୍ଚଳରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସାଧାରଣ ଜନତା ଏକ ବିରାଟ ପଟୁଆରରେ ଆସି ରାମପୁର ଥାନାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆଇଆଇସି ପଦ୍ମାସିନୀ ମେହେରଙ୍କୁ ଏକ ଦାବିପତ୍ର ଦେଇଛନ୍ତି । ସେମାନଙ୍କ କହିବା କଥା ଯେ ରାମପୁର ଅଞ୍ଚଳର ବିଭିନ୍ନ ପଡା, ସାହି ବସ୍ତିରେ ବିଭିନ୍ନ ଅସାମାଜିକ ତତ୍ତ୍ୱଙ୍କ ଦ୍ୱାରା ଦେଶୀ ମଦର ଖୁଲମ୍‌ଖୁଲା ବ୍ୟବସାୟ ଚାଲିଛି । ଯାହାଫଳରେ ବହୁତ ଗରିବ ପରିବାର କଷ୍ଟ ଉପାର୍ଜିତ ଟଙ୍କାରେ ମଦ ପିଇ ସର୍ବସ୍ୱାନ୍ତ ହେଲେଣି । ତଥା ଅନେକ ଯୁବକ ନିଶାସକ୍ତ ହୋଇ ଅନେକ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତରହି ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଲାଣି । ଏପରିକି କିଛି ନାବାଳକ ସ୍କୁଲ୍ ଛାତ୍ର ମଧ୍ୟ କୁସଙ୍ଗରେ ପଡ଼ି ପାଠରେ ଡୋରି ବାନ୍ଧିଥିବା ଘଟଣା ସବୁ ଦୃଷ୍ଟିରେ ଆସିଛି । ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅବିଳମ୍ବେ ସମସ୍ତ କୁଚିଆ ଦେଶୀମଦ ବିକୁଥିବା ବା





ବେପାର ଚଳାଇଥିବା ସମସ୍ତଙ୍କୁ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରି ଏହା ସଂପୂର୍ଣ୍ଣ ବନ୍ଦ୍ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଚୋରା ରନ୍ଧା ଖୋଲା ମଦ ବିକ୍ରି ହେଉଥିବା ଯୋଗୁଁ କେତେବେଳେ ଯେ ମଦ ମୃତ୍ୟୁ ଘଟିବାର ମଧ୍ୟ ଆଶଂକା କରିଛନ୍ତି । ଏହାପରେ ସେମାନେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀଙ୍କୁ ଭେଟି ଏହି ସମାନ ଦାବିପତ୍ର ଦେବା ସହ କୁଚିଆ ମଦର ବହୁଳ ପ୍ରଚଳନ ଯୋଗୁଁ ସେମାନେ ଭୋଗୁଥିବା ସମସ୍ତ ଦୁଃଖକୁ ବଖାଣିଛନ୍ତି । ସୂଚନାଯୋଗ୍ୟ ଯେ ଏହି ଦାବିପତ୍ର ମଧ୍ୟ ସେମାନେ ସୁବର୍ଣ୍ଣପୁର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ରାମପୁର ତହସିଲଦାରଙ୍କୁ ମଧ୍ୟ ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଅବିଳମ୍ବେ ଯଦି ପ୍ରଶାସନ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ ତେବେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଲିଖିତ ଜଣାଇଛନ୍ତି । ଏହି ବିକ୍ଷୋଭ ସମାବେଶରେ ଅଞ୍ଚଳର ଅନେକ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ସହ ରାମପୁର ସରପଞ୍ଚ ମନୋଜ ପୁରୋହିତ, ଉମେଶ ପୂଜାରୀ, ଏସସି ସେଲ୍ ସଭାପତି ଲକ୍ଷ୍ମଣ ଭରା ସାଗର, ରାମପୁର ବିକେଏଲ୍ ଏଫ୍ ସଭାପତି ରେସ୍ମା ଖାତୁନ୍, ରାମପୁର ସିଆରପିଏଫ ଏମବିକେଙ୍କ ସହ ଶାନ୍ତି ନାୟକ, ମାମୀ ପଟ୍ଟନାୟକ, ପ୍ରମୋଦିନୀ ପାଢ଼ୀ, ସୂର୍ଯ୍ୟକାନ୍ତୀ ହରିପାଲ, ପୂର୍ଣ୍ଣମୀ ଶିକା, ସୁନିତା ଶିକା, ଅଷ୍ଟମୀ କୁମ୍ଭାର, ଝରଣା ନାଏକ, ବାସନା ବନଛୋର, ଅଞ୍ଜନା ସିଂହକୁ, ତରଙ୍ଗିଣୀ ପ୍ରଧାନ, ପଦ୍ମିନୀ ପ୍ରଧାନ, ଅନିତା ଡାଙ୍ଗ, ସନ୍ତୋଷିନୀ ସାହୁ, ଯଶୋବନ୍ତୀ ପଟେଲ, ସସ୍ମିତା ସେଠୀ ପ୍ରମୁଖ ଯୋଗଦେଇଥିଲେ ।

## କେନ୍ଦୁଝର ଜିଲ୍ଲାରୁ କୁ-ପୋଷଣର ସମ୍ପୂର୍ଣ୍ଣ ମୂଳୋତ୍ପାଟନକୁ ଗୁରୁତ୍ୱ

**କେନ୍ଦୁଝର, ନ୍ୟୁଜ୍**

ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ, କେନ୍ଦୁଝର ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦର୍‌ବାର୍ ହଲ୍‌ଠାରେ କେନ୍ଦୁଝର ଜିଲ୍ଲା ସ୍ତରୀୟ ପୋଷଣ ମାସ ପାଳନ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିତା ନାଏକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ, ଗୋକୁଳ ପ୍ରଧାନ ଓ ଡାକ୍ତର ନୀଲମ୍ ମହାନ୍ତି ଉପସ୍ଥିତ ଥିଲେ । ସୂଚନାଥାଉକି ସେପ୍ଟେମ୍ବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ପୋଷଣ ମାସ ପାଳନ କରାଯାଉଛି ଏବଂ ଜିଲ୍ଲାର ସମସ୍ତ ସ୍ଥାନରେ ଯେପରି କୌଣସି ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମା', କିଶୋରୀ କିମ୍ବା ଶିଶୁକୁ-ପୋଷଣର ଶିକାର ନହୁଅନ୍ତି, ସେଥିପାଇଁ ବିଶେଷ ଯତ୍ନ ନିଆଯାଉଛି । ଉତ୍ତମ ପୋଷଣ-ସୁସ୍ଥ ଜୀବନ ପ୍ରସଙ୍ଗକୁ ଭିତ୍ତି କରି ଏହି କାର୍ଯ୍ୟକ୍ରମରେ କୁପୋଷଣ ଯୋଗୁଁ ହେଉଥିବା ରକ୍ତହୀନତା, ଏହାର ପ୍ରଭାବ, ପରୀକ୍ଷା, ଚିକିତ୍ସା ବିଷୟରେ ଆଲୋଚନା କରିବା, ଦୈନନ୍ଦିନ ଖାଦ୍ୟରେ ବିବିଧତା ଆଣିବା ପାଇଁ ଆଞ୍ଚଳିକ ତଥା ମିଲେଟ ବା କ୍ଷୁଦ୍ର ଖାଦ୍ୟ ଶସ୍ୟ ସାମିଲ୍ କରିବା, ଶିଶୁର ଅଭିବୃଦ୍ଧି ନିରୀକ୍ଷଣ କରିବା ସହିତ ଆଦ୍ୟ ଶୈଶବ ଏବଂ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇଁ ଯତ୍ନବାନ ହେବା ବାବଦରେ ବିଷଦ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ, ଜିଲ୍ଲାର ସମସ୍ତ ସିଡିପିଓ, ଅଙ୍ଗନବାଡି କର୍ମୀଙ୍କ ସମତେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।


## ଭଦ୍ରକରୁ ୨ ଶିଶୁ ଶ୍ରମିକ ଉଦ୍ଧାର



**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଶିଶୁ ଶ୍ରମିକ ନିରାକରଣ ଉଦ୍ଦେଶ୍ୟରେ ଗଠିତ ଭଦ୍ରକ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ଦ୍ୱାରା ଏକ ସ୍ୱତନ୍ତ୍ର ଧରପଗଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟାଉନ୍‌ଥାନାର ପୋଲିସଙ୍କ ସହାୟତା ନେଇ ଭଦ୍ରକର ଡ଼ାହାଣୀଗଡ଼ିଆ, ଛପୁଲିଆ, ଚରମ୍ପା ଅଞ୍ଚଳରେ ଥିବା ହୋଟେଲ୍ ଓ ଗ୍ୟାରେଜ୍‌ମାନଙ୍କରେ ଚଢ଼ଉ କରାଯାଇ ୨ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା । ସହକାରୀ ଶ୍ରମ ଅଧିକାରୀ ରତ୍ନାକର ମଲ୍ଲିକ ଏବଂ ପ୍ରତ୍ୟୁଷ କୁମାର ବେହେରା, ପୋଲିସ୍, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀଙ୍କ ମିଳିତ ନେତୃତ୍ୱରେ ଏହି ଚଢ଼ଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦ୍ଧାର କରାଯାଇଥିବା ଶିଶୁ ଶ୍ରମିକ ଦୁଇଜଣଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟି ପାଖରେ ହାଜର କରାଯାଇଛି । ସୂଚନାଯୋଗ୍ୟକି ଏହି ୨ଜଣ ଯାକ ଶିଶୁ ଶ୍ରମିକଙ୍କୁ ଗ୍ୟାରେଜ୍‌ରେ କାର୍ଯ୍ୟକରୁଥିବା ସମୟରେ ଉଦ୍ଧାର କରାଯାଇଥିଲା ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୯ କେ ୧୦ ମଙ୍ଗ | ୮ | ୭ ରା ୬ ଶୁକ୍ର |
| ୧୧ ଚ | ୯ / ୪ | ୫ |
| ୧୨ / ୧ ଲଗ୍ନ ବୁଧ | ୨ ଶୁ | ୪ / ୩ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୨୮ଙ୍କ

**ତା୨୮।୯।୨୦୨୪, ଆଶ୍ୱିନ ଦି୧୩ନ, ଶନିବାର**

**ସୂର୍ଯ୍ୟୋଦୟ-** ଘ୫।୩୬।୫୦ **ଚନ୍ଦ୍ରୋଦୟ-** ରାଘ୨।୩।୮।୧୨

**ଏକାଦଶୀ-** ଦିଘ ୨।୫୦ ପର୍ଯ୍ୟନ୍ତ । **ଅଶ୍ଳେଷା ନକ୍ଷତ୍ର ଓ କର୍କଟ ଚନ୍ଦ୍ର-** ରାଘ ୩।୩୯ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । ରାଘ ୩।୩୯ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ରାଘ ୩।୩୯ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଦିଘ ୨।୫୦ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୫ ଗତେ ଘ ୮।୩୯ ମଧ୍ୟେ । ଦିଘ ୨।୩୫ ଗତେ ଘ ୩।୧୧ ମଧ୍ୟେ । **ପର୍ବୋତ୍ସବ -** ଇନ୍ଦିରା ଏକାଦଶୀ, ଶହୀଦ୍ ଭଗତ୍ ସିଂ ଓ କବିବର ରାଧାନାଥ ଜୟନ୍ତୀ ।

**ମେଷ:** କର୍ମକ୍ଷେତ୍ରରୁ ଆଶାନୁରୂପକ ଫଳ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଶତ୍ରୁ ନାଶ ହେବେ । ମନସ୍କାମନା ପୂରଣ ହେବ ।

**ବୃଷ:** ଚାକିରୀକ୍ଷେତ୍ରରେ ଉନ୍ନତିର ସୂଚନା । ହଠାତ୍ କୌଣସି ଶୁଭ ଖବର ମିଳିପାରେ । ରୋଜଗାର ଭଲ ହେବ । ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଗୃହେ ଆନନ୍ଦ ।

**ମିଥୁନ:** ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଆୟର ପରିମାଣ ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ ।

**କର୍କଟ:** ଅଟକି ରହିଥିବା କାମଟି ପୂରଣ ହେବ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବାର ସୂଚନା ।

**ସିଂହ:** କର୍ମକ୍ଷେତ୍ରରେ ସମସ୍ତ କାର୍ଯ୍ୟ ବିଳମ୍ବ ହେବ । ଆର୍ଥିକ ସ୍ଥିତି ସ୍ଥିର ରହିବ । ପରିବାରରେ ପିଲାଙ୍କ ନିମନ୍ତେ ସାମାନ୍ୟ ଚିନ୍ତିତ ହୋଇପାରନ୍ତି । ଶତ୍ରୁଙ୍କ ଠାରୁ ସତର୍କ ରହିବେ ।

**କନ୍ୟା:** ବ୍ୟବସାୟରେ କ୍ଷତି ହୋଇପାରେ । ଶାରୀରିକ ଅସୁସ୍ଥତା ଦେଖାଦେବ । ଘରେ ଅଶାନ୍ତି ଓ କଳହ ଦେଖାଦେବ । ଖର୍ଚ୍ଚର ପରିମାଣ ଅଧିକ ହେବ । ମାନସିକ ଦୁଶ୍ଚିନ୍ତା ଦେଖାଦେବ ।

**ତୁଳା:** ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁ ଦର୍ଶନ ସହିତ ସାହାଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ । ଆୟରେ ଉନ୍ନତି ହେବ ।

**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି । ଘରେ ସୁଖ ଶାନ୍ତି ରହିବ । ଉତ୍ତମ ଭୋଜନ କରିପାରନ୍ତି । ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ ।

**ଧନୁ:** ହଠାତ୍ କୌଣସି ଖବର ପାଇ ଆନନ୍ଦିତ ହେବେ । ମନରେ ଭକ୍ତି ଭାବ ଜାଗ୍ରତ ହେବ । ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ । ପାରିବାରିକ ଜୀବନ ଶାନ୍ତିମୟ ହେବ । ରୋଜଗାର ଭଲ ହେବ ।

**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ । ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଦୁଶ୍ଚିନ୍ତା ଦେଖାଦେବ । ମନ ଅସ୍ଥିର ରହିବ ।

**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ଆୟରେ ଉନ୍ନତି ଦେଖାଦେବ । ଦେହ ଭଲ ରହିବ । ଆଜି ଆପଣଙ୍କର ଦିନଟି ଆନନ୍ଦରେ କଟିବ ।

**ମୀନ:** ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଲାଗିଥିବା ବିବାଦରେ ବିଜୟୀ ହେବେ । ଆୟ ଭଲ ହେବ । ଘରେ ସୁଖ ଶାନ୍ତି ରହିବ । ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୨୮ଙ୍କ

**ତା୨୯।୯।୨୦୨୪, ଆଶ୍ୱିନ ଦି୧୪ନ, ରବିବାର**

**ସୂର୍ଯ୍ୟୋଦୟ-** ଘ୫।୩୭।୦୩ **ଚନ୍ଦ୍ରୋଦୟ-** ରାଘ୩।୨୮।୧୨

**ଦ୍ୱାଦଶୀ-** ଦିଘ ୪।୪୮ ପର୍ଯ୍ୟନ୍ତ । **ମଘା ନକ୍ଷତ୍ର ଓ ସିଂହ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇଶାଗ ଦିଘ ୪।୪୮ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଘ ୮।୫୦ ମଧ୍ୟେ । ଦିଘ ୩।୫୭ ଗତେ ଘ ୪।୪୫ ମଧ୍ୟେ । **ପର୍ବୋତ୍ସବ -** ବିଶ୍ୱ ମୂକ ବଧିର ଦିବସ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ପିଆଜ ଦର ନିୟନ୍ତ୍ରଣ ପାଇଁ ଅଣ୍ଟା ଭିଡିଲେ ସରକାର

ପିଆଜ ରପ୍ତାନୀ ଉପରେ ଘୋଷଣା କରାଯାଇଥିବା କଟକଣା ପୂର୍ବ ସମୟ ସୀମା ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଜାରି ରହିବ। ଦେଶରେ ପିଆଜ ଦର ନିୟନ୍ତ୍ରିତ ରଖିବା ପାଇଁ ଘରୋଇ ବଜାରରେ ଉପଲବ୍ଧତା ସୁନିଶ୍ଚିତ କରିବାକୁ ସରକାର ଉଦ୍ୟମ ଜାରି ରଖିଛନ୍ତି। ୮ ଡିସେମ୍ବର ୨୦୨୩ରେ କେନ୍ଦ୍ର ସରକାର ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ପିଆଜ ରପ୍ତାନୀ ଉପରେ ରୋକ ଲଗାଇଥିଲେ। ତାହା ଏପର୍ଯ୍ୟନ୍ତ କାୟମ ଥିବା ଖାଉଟି ବ୍ୟାପାର ସଚିବ ରୋହିତ କୁମାର ସିଂହ କହିଛନ୍ତି।

ପିଆଜ ରପ୍ତାନୀ କଟକଣା ହଟିବା ଖବରରେ ଦେଶରେ ପିଆଜ ଦର ଅଚାନକ ବଢି ଯାଇଛି। ଲାସଲଗାଓଁ ପାଇକାରୀ ବଜାରରେ ଫେବୃଆରୀ ୧୯ ତାରିଖ ଦିନ ପିଆଜ କ୍ୱିଣ୍ଟଲ ପିଛା ଦରରେ ୪୦.୬୨ ପ୍ରତିଶତ ବୃଦ୍ଧି ହୋଇ ୧,୮୦୦ଟଙ୍କା ସ୍ତରକୁ ପହଞ୍ଚିଥିଲା। ତେବେ ସରକାରୀ କଟକଣା ବଳବତ୍ତର ଥିବା ଜଣାପଡିବା ପରେ ପିଆଜ ଦର ପୁଣି ନିୟନ୍ତ୍ରଣକୁ ଆସିଯାଇଛି।

ଉପଭୋକ୍ତା ମନ୍ତ୍ରାଳୟ ୱେବସାଇଟ୍ ଅନୁସାରେ ଫେବୃଆରୀ ୧୯ ତାରିଖ ଦିନ ଖୁଚୁରା ବଜାରରେ ପିଆଜର ହାରାହାରି ଦର କେଜି ପିଛା ୩୨ଟଙ୍କା ୨୬ ପଇସା ଥିବା ବେଳେ ୨୦ ତାରିଖ ଦିନ ୩୨ଟଙ୍କା ୪୩ ପଇସା ଦରରେ କାରବାର ହୋଇଛି। ତେବେ ଛତିଶଗଡ଼ରେ ୧୯ ଫେବୃଆରୀ ତୁଳନାରେ ୨୦ ଫେବୃଆରୀ ଦିନ ପିଆଜ କେଜି ପିଛା ଦରରେ ୧୧.୪୬ ପ୍ରତିଶତ ମହଙ୍ଗା ହୋଇଥିଲା। ଏହା ଛଡା ଗତ ଦୁଇ ଦିନରେ ଗୋଆ, କର୍ଣ୍ଣାଟକ, ଉତ୍ତରାଖଣ୍ଡ, ତେଲେଙ୍ଗାନା, ନାଗାଲ୍ୟାଣ୍ଡ, ମିଜୋରାମ ଓ ୟୁପିରେ ଖୁଚୁରା ପିଆଜ ଦରରେ ସାମାନ୍ୟ ବୃଦ୍ଧି ହୋଇଥିଲେ ବି ବାକି ରାଜ୍ୟମାନଙ୍କରେ ପିଆଜ ଦର ସ୍ୱଭାବିକ ରହିଛି।

ସୂତ୍ରରୁ ମିଳୁଥିବା ସୂଚନା ଅନୁସାରେ ଦେଶରେ ସାଧାରଣ ନିର୍ବାଚନ ପୂର୍ବରୁ ପିଆଜ ରପ୍ତାନୀ କଟକଣା ହଟିବାର ସମ୍ଭାବନା ନାହିଁ। କାରଣ ରବି ଋତୁରେ ମହାରାଷ୍ଟ୍ରରେ କମ୍ ଜମିରେ ପିଆଜ ଚାଷ ହୋଇଥିବାରୁ ଉତ୍ପାଦନ ହ୍ରାସ ହେବାର ଆଶଙ୍କା କରାଯାଉଛି। ୨୦୨୩ ରବି ଋତୁରେ ମୋଟ ପିଆଜ ଉତ୍ପାଦନ ୨.୨୭ କୋଟି ଟନ ହେବାର ଅନୁମାନ କରାଯାଉଛି। କୃଷିମନ୍ତ୍ରାଳୟଙ୍କ ଅଧିକାରୀମାନେ ଆଗାମୀ ଦିନରେ ମୁଖ୍ୟ ଉତ୍ପାଦନକାରୀ ରାଜ୍ୟ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଗୁଜରାଟରେ ରବି ପିଆଜ କଭରେଜର ଆକଳନ କରିବେ। ତେବେ ଅନ୍ତର-ମନ୍ତ୍ରୀ ସମୂହଙ୍କ ମଞ୍ଜୁରୀ ପରେ ମିତ୍ର ଦେଶଙ୍କୁ ସେମାନଙ୍କ ସହିତ ସମ୍ପର୍କ ଓ ଅନ୍ୟ ପରିସ୍ଥିତିକୁ ଦେଖି ପିଆଜ ରପ୍ତାନୀର ଅନୁମତି ଦିଆଯାଇଥିବା ଜଣାପଡିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମୁତେ ।'



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତଙ୍କୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଷସମାସୀ (୧୫)

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

ଲକ୍ଷ୍ୟ ମୋର ପାଉ ନାହିଁ

(କ୍ରମଶଃ)

# ପିଣ୍ଡଦାନ ଓ ତର୍ପଣ



ଲଳିତ ମୋହନ ମିଶ୍ର
ଅରବିନ୍ଦ ନଗର,
ନୟାଗଡ଼,
ମୋ-୯୪୩୭୯୮୫୮୬୬

ହିନ୍ଦୁ ଧର୍ମ ସହ ଅନେକ ରୀତିନୀତି, ପରମ୍ପରା, କିମ୍ବଦନ୍ତୀ ତଥା ପର୍ବପର୍ବାଣୀ ଆଦି କେଉଁ ଅନାଦି କାଳରୁ ଜଡ଼ିତ । ପ୍ରତିଟି ପୂଜା ପର୍ବ ସହ ଏକ କାହାଣୀ ବା କିମ୍ବଦନ୍ତୀ ଜଡ଼ିତ ହୋଇଥାଏ । ଧାର୍ମିକ ଭାବନା ସହ ସଂଶ୍ଳିଷ୍ଟ 'ମହାଳୟା' ହିନ୍ଦୁ ଧର୍ମର ଏକ ବିଶେଷ ଦିନ ଭାବରେ ପରିଗଣିତ । ଆଶ୍ୱିନ ମାସ କୃଷ୍ଣପକ୍ଷ ପିତୃପକ୍ଷ ଭାବରେ ଅଭିହିତ। ଏହି ପକ୍ଷର ଶେଷ ଦିନ ଅର୍ଥାତ ଅମାବାସ୍ୟା ତିଥିଟି 'ମହାଳୟା' ଭାବରେ ପାଳିତ ହୁଏ । ପୂର୍ବ-ପୁରୁଷଙ୍କ ଉଦ୍ଦେଶ୍ୟରେ ଏହି ଦିନ ଶ୍ରାଦ୍ଧ ଅର୍ପଣ କରାଉଥିବାରୁ ଏହାକୁ ଏହାକୁ 'ପିତୃପର୍ବ' ବୋଲି ମଧ୍ୟ କୁହାଯାଏ । ଆଶ୍ୱିନ ମାସର ପ୍ରତିପଦାଠାରୁ ଚତୁର୍ଦ୍ଦଶୀ ଯାଏଁ ତର୍ପଣ କଲା ପରେ ଅମାବସ୍ୟା ଦିନ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଦିନ ପିଣ୍ଡ ଦାନ କରାଯାଏ । ମହାଳୟା ଶ୍ରାଦ୍ଧର ତର୍ପଣରେ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଅଚାର୍ଯ୍ୟ, ବେଦ, ଛନ୍ଦ, ଗନ୍ଧର୍ବଗଣ, ଦେବଗଣ, ପୁରୁଣାଚାର୍ଯ୍ୟ, ସମ୍ବତ୍ସର, ଶାବୟବ, ନାଗଗଣ, ଯକ୍ଷ, ଭକ୍ଷ, ପିଶାଚ, ବନସ୍ପତି, ଔଷଧ, ଭୂତଗ୍ରାମ, ଚତୁଷ୍ଟୟ ଏବଂ ପୃଥିବୀ ଆଦି କୋଡ଼ିଏ ଦେବଗଣଙ୍କୁ ଗୋଟିଏ ଥର ତର୍ପଣ , ସନତ, ସନନ୍ଦ, ସନତନ, କପିଳ, ଆସୁରୀ, ଡୋବୁ, ଏବଂ ପଞ୍ଚଶିଖ ଆଦିଙ୍କୁ ସାତ ଋଷିଙ୍କୁ ଦୁଇ ଥର ତର୍ପଣ ଏବଂ ପିତୃପୁରୁଷଗଣଙ୍କୁ ତିନିଥର ତର୍ପଣ ପ୍ରଦାନ କରାଯାଏ । ପିତୃ ତର୍ପଣରେ ପିତାଙ୍କୁ ରୁଦ୍ର, ପିତାମହଙ୍କୁ ବସୁ ଓ ପ୍ରପିତାମହଙ୍କୁ ଆଦିତ୍ୟରୂପେ କଳ୍ପିତ କରାଯାଏ । ପିଣ୍ଡଦାତାଙ୍କ ଆଳୟରେ ସର୍ବଦେବ, ଋଷି, ଏବଂ ପିତୃପୁରୁଷଙ୍କ ଉପସ୍ଥିତି,ହେତୁ ଏହାକୁ ମହାଳୟା ଶ୍ରାଦ୍ଧ କୁହାଯାଏ । ଧାର୍ମିକ ପରମ୍ପରା ଅନୁସାରେ ପିତୃପୁରୁଷଙ୍କ ପାଇଁ ପାଳନ କରାଯାଉଥିବା ବିଭିନ୍ନ ଶ୍ରାଦ୍ଧ କର୍ମ ମଧ୍ୟରେ ମହାଳୟା ଶ୍ରେଷ୍ଠତମ । ଶାସ୍ତ୍ର ମାନ୍ୟତା ଅନୁଯାୟୀ ପିତୃପକ୍ଷରେ ପିତୃ-ପୁରୁଷ ପୃଥିବୀରେ ପଶୁ-ପକ୍ଷୀ ଏବଂ ବ୍ରାହ୍ମଣଙ୍କ ରୂପରେ ନିଜ ପ୍ରିୟଜନଙ୍କ ସହ ସାକ୍ଷାତ କରିବାକୁ ଆସିଥାନ୍ତି। ଏହି ଅବସରରେ ପିତୃ ପକ୍ଷରେ ଯେକୌଣସି ଦିନ ନିଜର ସାଧ ମତେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଓ ବ୍ରାହ୍ମଣ ଭୋଜନ ଦିଆଯାଏ । ଏହା ଦ୍ୱାରା ପିତୃ ଦୋଷ ଏବଂ ବିଭିନ୍ନ ପ୍ରକାର କଷ୍ଟ ଦୂର ହୋଇଥାଏ। ଏଥିସହ ମହାଳୟା ଅମାବାସ୍ୟା ଦିନ ଧରିତ୍ରୀକୁ ଆସିଥିବା ପିତୃ-ପୁରୁଷମାନେ ପୁଣି ଥରେ ଚାଲିଯାଇଥାନ୍ତି। ଏହାଦ୍ୱାରା ପୁଣ୍ୟ ଲାଭ ଏବଂ ବଂଶର ଉତ୍ତର ପୀଢ଼ିର ମଙ୍ଗଳ ହୁଏ ବୋଲି ବିଶ୍ୱାସ କରାଯାଏ । ଏହି ପବିତ୍ର ତିଥିରେ ବଡ଼ ଦେଉଳରେ ବାଇଶି ପାହାଚରେ ପିଣ୍ଡଦାନ କର୍ମ ହୁଏ। ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ ମହାଦାନୀ କର୍ଣ୍ଣଙ୍କର ପରଲୋକ ଗମନ ପରେ ଯମପୁରରେ ତାଙ୍କୁ ସୁନା, ରୁପା ମିଳିଥିଲା । ହେଲେ, ଖାଦ୍ୟ ଦିଆଯାଇ ନଥିଲା । କାରଣ, ଜୀବିତାବସ୍ଥାରେ ସେ କେବେ ଅନ୍ନଦାନ କରି ନ ଥିଲେ । ଯମରାଜଙ୍କୁ ପ୍ରାର୍ଥନା କରି ସେ ଚଉଦ ଦିନ ପାଇଁ ମର୍ତ୍ତ୍ୟକୁ ଆସି ବ୍ରାହ୍ମଣ ତଥା ଗରିବମାନଙ୍କୁ ଅନ୍ନଦାନ ଦେଇଥିଲେ । ଯମପୁର ଫେରିବା ପରେ ତାଙ୍କୁ ଆଉ ଅନ୍ନରୁ ବଞ୍ଚିତ କରାଯାଇ ନଥିଲା । ମର୍ତ୍ତ୍ୟଲୋକରେ କର୍ଣ୍ଣ କଟାଇଥିବା ସେହି ଚଉଦ ଦିନ ଥିଲା ପିତୃପକ୍ଷ ଭାବରେ ଅଭିହିତ ହୋଇଥିଲା । ପବିତ୍ର ମହାଳୟା ତିଥିରେ ମା' ସମଲେଶ୍ୱରୀ ଧବଳମୁଖୀ ବେଶରେ ଦର୍ଶନ ଦେଇଥାନ୍ତି । ମା'ଙ୍କର ଏହି ଅଲୌକିକ ବେଶକୁ ଦର୍ଶନ କଲେ ଗଙ୍ଗାସ୍ନାନର ଫଳ ମିଳେ ବୋଲି ବିଶ୍ୱାସ ରହିଛି । ଦଶହରା ମାସ ପିତୃପକ୍ଷରେ ପରଲୋକଗତ ପିତୃପୁରୁଷଙ୍କୁ ପିଣ୍ଡ ପ୍ରଦାନ ପରେ ଗଙ୍ଗାସ୍ନାନ ବିଧି ରହିଥିବାରୁ ବିକଳ୍ପ ସଦୃଶ୍ୟ ଦେବୀ ସମଲେଶ୍ୱରୀଙ୍କ ଧବଳମୁଖୀବେଶ ଦର୍ଶନ କରିଥାଆନ୍ତି। ମହାଳୟା ପରଦିନରୁ ଅର୍ଥାତ ଶୁକ୍ଳପକ୍ଷ ପ୍ରତିପଦରୁ ଦେବୀପକ୍ଷର ଆରମ୍ଭ ହୋଇଥାଏ । ମା' ଜଗତଜନନୀ ଦୁର୍ଗାଙ୍କର ଆଗମନୀର ଶୁଭଲଗ୍ନ ମହାଳୟା ସହ ଆରମ୍ଭ ହୋଇ ପାର୍ବଣର ଉତ୍ସବମୁଖର ହେବାକୁ ପ୍ରସ୍ତୁତ ହୁଏ । ତେଣୁ ଏହା ଅମାବାସ୍ୟା ତିଥିରେ ପାଳିତ ହେଉଥିଲେ ମଧ୍ୟ 'ଶୁଭ ମହାଳୟା' ବୋଲି କୁହାଯାଏ ।

ଧର୍ମଶାସ୍ତ୍ରୀୟ ବ୍ୟବସ୍ଥାନୁଯାୟୀ ଶ୍ରାଦ୍ଧ ଦିବସ ପୂର୍ବରୁ ଯଦି ଜନ୍ମ ବା ମରଣ ଅଶୌଚ ହୁଏ, ତେବେ ଶୌଚ ହେବା ପରଦିନ ଶ୍ରାଦ୍ଧ କରାଯିବ। କିନ୍ତୁ ଯଦି ଶ୍ରାଦ୍ଧ ଦିବସରେ ଅକସ୍ମାତ୍ ଶବାଶୌଚ, ଜନନାଶୌଚ ବା ଶ୍ରାଦ୍ଧକର୍ତ୍ତାଙ୍କ ପତ୍ନୀ ରଜସ୍ୱାବଜନିତ ଅଶୌଚ ହେଲେ ସେଇ ଶ୍ରାଦ୍ଧ ପରବର୍ତ୍ତୀ କୃଷ୍ଣପକ୍ଷ ଏକାଦଶୀ ବା ଅମାବାସ୍ୟାରେ କରାଯିବ। ଯେଉଁ ମୃତକଙ୍କ ମୃତ୍ୟୁ ତିଥି ଜଣାଥିବ, ମାତ୍ର ମାସ ଜଣାନଥିଲେ ତାଙ୍କର ଶ୍ରାଦ୍ଧ ଆଷାଢ଼ ମାସର ସେହି ତିଥିରେ କରାଯିବ। ଶ୍ରାଦ୍ଧ ସର୍ବଦା ନିଜ ଘରେ କରାଯାଏ। ବିକଳ୍ପ ଭାବେ ତୀର୍ଥ ପୁଷ୍କରିଣୀ, ଗାଁ ପୋଖରୀ ତୁଠ, ନିଜସ୍ୱ ଜମି/ ସମୁଦ୍ର ତଟ ବା ପାହାଡ଼ ସମୀପରେ ବି ଶ୍ରାଦ୍ଧ କରାଯିବାର ଶାସ୍ତ୍ରୀୟ ବିଧାନ ରହିଛି। ପୁରାଣରେ ଶ୍ରାଦ୍ଧର ମହତ୍ତ୍ୱ ବିଭିନ୍ନ ଭାବେ ବର୍ଣ୍ଣିତ ହୋଇଛି। କୌଣସି ବିଶେଷ ପରିସ୍ଥିତିରେ ଶ୍ରାଦ୍ଧ କରିନପାରିଲେ କର୍ତ୍ତା ତର୍ପଣ ସହ ଉପବାସରେ ରହିଲେ ତାହା ଶ୍ରାଦ୍ଧର ବିକଳ୍ପ ହୋଇଥାଏ । ଆଶ୍ୱିନ ମାସ କୃଷ୍ଣପକ୍ଷଟି ଅପରପକ୍ଷ ଭାବେ ପିତୃପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ଏହି ପକ୍ଷରେ କ୍ଷୌରକର୍ମ ସହ ସ୍ତ୍ରୀ ତୈଳଶଯ୍ୟା ବର୍ଜନ କରାଯାଏ। ବ୍ରାହ୍ମଣମାନେ ପ୍ରତିଦିନ ମଧ୍ୟାହ୍ନରେ ସ୍ନାନ ସାରି ହାତରେ କୁଶବଟୁ ଧାରଣ କରି ପୂର୍ବାଭିମୁଖୀ ହୋଇ ତର୍ପଣ କରିବା ବିଧେୟ। ମାତାପିତାଙ୍କ ତିନି ପୁରୁଷ ସହ ଅଜାଆଈଙ୍କ ତିନିପୁରୁଷ ଏବଂ ପରିବାରର ଦିବଂଗତ ବ୍ୟକ୍ତି, ଗୁରୁ ଗୁରୁପତ୍ନୀଙ୍କ ପାଇଁ ତିଳତର୍ପଣ କରାଯାଏ। ଏଥିସହିତ ସନକାଦି ସପ୍ତଋଷି, ଆଦିତ୍ୟାଦି ନବଗ୍ରହ, ଯମ, ସୋମ, ଅର୍ଯ୍ୟାମା ଆଦିଙ୍କ [illegible] ତର୍ପଣ କରାଯାଏ। ତା'ପରେ ଦେବ, ଅସୁର, ଗନ୍ଧର୍ବ, ପିଶାଚଙ୍କ ସହ ଜଳ ସ୍ଥଳ ବାୟୁ ଅଗ୍ନି ବା ଅନ୍ତରୀକ୍ଷରେ ମୃତ୍ୟୁବରଣ କରିଥିବା ଆତ୍ମାଙ୍କ ଉଦ୍ଦେଶ୍ୟରେ ମଧ୍ୟ ତର୍ପଣ କରାଯାଏ। ଭୀଷ୍ମଙ୍କ ଉଦ୍ଦେଶ୍ୟରେ ତର୍ପଣ କରାଯାଇ ଶେଷରେ ଅପୁତ୍ରିକ ଭାବେ ମୃତ୍ୟୁବରଣ କରିଥିବା ବନ୍ଧୁ ବାନ୍ଧବଙ୍କ ପାଇଁ ତର୍ପଣ ପରେ କ୍ଷମାପ୍ରାର୍ଥନା କରାଯାଇ ତର୍ପଣ ଶେଷ ହୁଏ। ମାତାପିତା ଆମ ଜୀବନ୍ତ ଈଶ୍ୱର। ସେମାନଙ୍କ ଜୀବଦ୍ଦଶାରେ ଆମେ ଏଇ ଭାବନା ରଖିଲେ ଆମପାଇଁ ଈଶ୍ୱରୀୟ ଆଶୀର୍ବାଦ ରହିବ ଏବଂ ପରପିଢ଼ି ପାଇଁ ଅନୁସରଣୀୟ ହୋଇପାରିବ। ଆମ ସଂସ୍କୃତି ରକ୍ଷା ପାଇଁ କୌଣସି ପରିସ୍ଥିତିରେ ବି ଶ୍ରାଦ୍ଧ ବର୍ଜନୀୟ ନୁହେଁ। ଶ୍ରାଦ୍ଧ ଜ୍ୟେଷ୍ଠପୁତ୍ର ଦେବା ବିଧେୟ କିମ୍ବା ଜ୍ୟେଷ୍ଠବ୍ୟକ୍ତି ବି ହୋଇପାରନ୍ତି । ପିତାମାତାଙ୍କୁ ପିଣ୍ଡଦାନ ଓ ତର୍ପଣ ଦ୍ୱାର ସେମାନଙ୍କର ସ୍ୱର୍ଗବାସ ହୁଏ ବୋଲି ବିଶ୍ୱାସ । ପୁତ୍ରମାନେ ଏହା ଶ୍ରଦ୍ଧାର ସହିତ ସମାପନା କରିବା ଦ୍ୱାରା ଏହାକୁ ଶ୍ରାଦ୍ଧ କୁହାଯାଏ । ଏଥିରେ ସେ ନିଜେ ପିତୃଋଣରୁ ମୁକ୍ତି ପାଇବା ସହ ନିଜର ପରମଗତି ପାଇଁ ଧର୍ମ ସଂଚୟକରନ୍ତି । ଏଣୁ ଯଥାର୍ଥରେ କୁହାଯାଇଛି : ପିତାଧର୍ମ ପିତାସ୍ୱର୍ଗ ପିତାହିଁ ପରମ ତପଃ / ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତା ।

# ପାଇକ ବିଦ୍ରୋହ

ପ୍ରସନ୍ନ କୁମାର ପାଇକରାୟ
ସାମ୍ବାଦିକ, ଖୋର୍ଦ୍ଧ
ମୋ-୭୦୦୮୯୩୬୩୭୩

ପାଇକ ବୀରତ୍ୱର ଗାଥା ଓ ସେମାନଙ୍କ ବଳିଦାନର ପଟାନ୍ତର ନାହିଁ । ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ପରାଧୀନ ଭାରତର ଇତିହାସରେ ଏକ କ୍ରାନ୍ତିକାରୀ ଯୁଗ । ଭାରତବର୍ଷ ବ୍ରିଟିଶର କ୍ରୁର ଶାସନରେ ଜର୍ଜରିତ । ସେତେବେଳେ ଓଡ଼ିଶା ଖଣ୍ଡ ବିଖଣ୍ଡିତ। ଖୋର୍ଦ୍ଧାର ଭୋଇ ବଂଶୀୟ ଗଜପତି ଥିଲେ ଦ୍ୱିତୀୟ ମୁକୁନ୍ଦ ଦେବ (୧୭୯୮-୧୮୧୭) । ଉତ୍କଳର ରାଜା ସର୍ବହରା । ବ୍ରିଟିଶ ଶାସନରୁ ମୁକ୍ତ ହୋଇ ସ୍ୱାଧୀନତା ପାଇଁ ମନପ୍ରାଣ ବ୍ୟାକୁଳ , ଓଡ଼ିଶାର ରଣରଙ୍ଗା ପାଇକ ସମ୍ପ୍ରଦାୟ ଏକ ସମର ପିପାସୁ ମୁକ୍ତିକାମୀ ସଂଗ୍ରାମ ଗୋଷ୍ଠୀ । ଜନ୍ମଭୂମିର ମୁକ୍ତି ଚିନ୍ତା ବିଦ୍ରୋହର ରୂପ ନେଲା ଊନବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧିରୁ । ୧୮୦୪ ମସିହାରେ ଖୋର୍ଦ୍ଧା ଗଜପତିଙ୍କ ମନ୍ତ୍ରୀ ଜୟୀ ରାଜଗୁରୁ ରାଜ୍ୟ ପାଇକ ମାନଙ୍କ ସ୍ୱାର୍ଥ ପାଇଁ ସର୍ବପ୍ରଥମେ ବ୍ରିଟିଶ ବିରୁଦ୍ଧରେ ଆନ୍ଦୋଳନ କରିଥିଲେ । କିନ୍ତୁ ଗଜପତିଙ୍କ ଅବିଶ୍ୱାସନିୟତା ଯୋଗୁଁ ଚକ୍ରାନ୍ତକାରୀ ବ୍ରିଟିଶ ଜୟୀ ରାଜଗୁରୁଙ୍କୁ ବନ୍ଦୀ କରି ୧୮୦୬ ମସିହାରେ ଅତି ଅମାନୁଷିକ ଭାବରେ ପଶ୍ଚିମବଙ୍ଗ ମେଦିନିପୁର ବାଘତୋଟା ଠାରେ ବର ଗଛର ଦୁଇ ଡାଳରେ ଜୟୀ ରାଜଗୁରୁଙ୍କର ଗୋଡ଼ ଦ୍ୱୟକୁ ବାନ୍ଧି ଫାଶୀ ଦେଇଥିଲେ । ଜୟୀ ରାଜଗୁରୁଙ୍କ ମୃତ୍ୟୁ ପରେ ଖୋର୍ଦ୍ଧା ଗଜପତି ଓ ପାଇକଙ୍କ ଉପରେ ବ୍ରିଟିଶର ଲୋଲୁପ ଦୃଷ୍ଟିଜନିତ ଅତ୍ୟାଚାର ଏବଂ ଦମାନଲୀଳା ଦିନକୁ ଦିନ ବଢ଼ି ଚାଲିଲା। ୧୮୧୭ ମସିହା ଓଡ଼ିଶାର ପ୍ରାଣୋଚ୍ଛଳ ଜୀବନ ଯାତ୍ରାରେ ଏକ ଐତିହାସିକ ଏବଂ ଅବିସ୍ମରଣୀୟ ମୁହୂର୍ତ୍ତ ଥିଲା । ସେତେବେଳେ ଓଡ଼ିଆ ଜାତିର ଅସ୍ମିତା ଉପରେ ସଂଶୟ ଏବଂ ଅନିଶ୍ଚିତ ଭବିଷ୍ୟତର କଳା ବାଦଲ । ମହାରାଜା ମୁକୁନ୍ଦ ଦେବଙ୍କ ସେନାପତି ତଥା ସୁପ୍ରିମୋ କମାଣ୍ଡୋ ଗଡ଼ରୋଡଙ୍ଗର କିଲ୍ଲାଦାର ସେନାଧକ୍ଷ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ ଓଡ଼ିଶାକୁ ବ୍ରିଟିଶ ଶାସନରୁ ମୁକୁଳେଇବା ପାଇଁ ବଜ୍ର ଶପଥ ନେଇ ପାଇକ ମାନଙ୍କୁ ମେଳିକରି ଗଣଆନ୍ଦୋଳନର ଡାକରା ଦେଇଥିଲେ । ଓଡ଼ିଶାର ପରମ ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ କାମନା ସହ ବିଦ୍ରୋହୀ ପାଇକମାନେ ବଜେଇଥିଲେ ରଣଦୁନ୍ଦୁଭି । ଏହି ସଂଗ୍ରାମ ଥିଲା ବ୍ରିଟିଶ ବିରୁଦ୍ଧରେ ପ୍ରଥମ ସଶସ୍ତ୍ର ମୁକ୍ତି ସଂଗ୍ରାମ । ସେହି ରକ୍ତ ରଞ୍ଜିତ ଐତିହାସିକ ଦିନଟି ଥିଲା ୧୮୧୭ ମସିହା ମାର୍ଚ୍ଚ ୨୯ ତାରିଖ ବାଣପୁରର ପଲଟଣ ପଡ଼ିଆରେ । ଘୁମୁସରର ରାଜା ଶ୍ରୀକର ଭଞ୍ଜଙ୍କୁ ବ୍ରିଟିଶ ଗାଦିଚ୍ୟୁତ କରି ବନ୍ଦୀ କରିଥିବାରୁ ରାଜାଙ୍କର ଅନୁଗତ ୪୦୦ ଆଦିବାସୀ କନ୍ଧ ବିପ୍ଳବୀ ସୈନ୍ୟ ସହ ଖୋର୍ଦ୍ଧା ପାଇକ ମାନେ ଯୋଗଦେଇ ଖୋର୍ଦ୍ଧା ରାଜ୍ୟ ମଧ୍ୟରେ ପଶି ପୁଲିସ ଥାନାରେ ଅଗ୍ନି ସଂଯୋଗ କଲେ, ପୁଲିସଙ୍କୁ ବାନ୍ଧିଲେ ନିର୍ଘୁମ ପିଟିଲେ । ଖଜଣାଖାନା ଲୁଟ କଲେ। ଫିରିଙ୍ଗି ଶାସନ ବିରୁଦ୍ଧରେ ମୂର୍ଦ୍ଧାବାଦର ନାରା ଶୁଭିଲା । ଏହି ବିଦ୍ରୋହରେ ଓଡ଼ିଆ ପାଇକ ପୁଅ ନିଜ ଛାତିଚିରି ଲେଖି ଦେଇଥିଲା ତା ବୀରତ୍ୱର ଗାଥା । ସିପାହୀ ବିଦ୍ରୋହ(୧୮୫୭) ର ୪୦ ବର୍ଷ ପୂର୍ବରୁ ୧୮୧୭ ମସିହାରେ ଓଡ଼ିଶା ମାଟିରେ ପାଇକ ବିଦ୍ରୋହ ଦେଶର ସ୍ୱାଧୀନତା ପାଇଁ ମୂଳମଞ୍ଜି ପୋତିଥିଲା । ଏହି ସ୍ୱାଧୀନତା ସଂଗ୍ରାମରେ ପରବର୍ତ୍ତୀ ସମୟରେ ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ, ପିଣ୍ଡିକି ବାହୁବଳେନ୍ଦ୍ର, ମାଧବ ଚନ୍ଦ୍ର ରାଉତରାୟ, କୃତିବାସ ପାଟଶାଣୀ ପ୍ରମୁଖ ଯୋଗଦାନ କରିଥିଲେ । ପାଇକ ବିଦ୍ରୋହର ଶୀର୍ଷ ନାୟକ ଦୁର୍ଦ୍ଦଶ ବୀର ବକ୍ସି ଜଗବନ୍ଧୁ କେବେହେଲେ ହାର ମାନି ନଥିଲେ । ଓଡ଼ିଶାର ପାରିପାର୍ଶ୍ୱିକ ପରିସ୍ଥିତି ବକ୍ସିଙ୍କୁ ବାଧ କରିଥିଲା କଟକର ପ୍ରସିଦ୍ଧ ଦୁର୍ଗ ବାରବାଟୀରେ ଆତ୍ମ ସମର୍ପଣ କରିବାକୁ । ମର୍ମାହତ ବକ୍ସି ନୟାଗଡ଼ର ବେବର୍ତ୍ତା ବରଜୁ ପାଇକରାୟ ଓ କଟକ ମାଲୁଦର ୱାଜା ମହମ୍ମଦର ମଧ୍ୟସ୍ଥତାରେ ୧୮୨୫ ମସିହା ମେ ମାସ ୨୫ ତାରିଖରେ ଆତ୍ମସମର୍ପଣ କରିଥିଲେ । ବକ୍ସିଙ୍କୁ ବ୍ରିଟିଶ ସରକାର ବାରବାଟୀ ଦୁର୍ଗରେ ନଜରବନ୍ଦୀରେ ରଖିଲେ । ସ୍ୱାଭିମାନି ବକ୍ସି ଚିନ୍ତାରେ ଦିନକୁ ଦିନ ରୁଗଣ ଓ ଦୁର୍ବଳ ହୋଇ ୧୮୨୯ ମସିହା ଜାନୁଆରୀ ୨୪ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରି ବୀରଗତି ପ୍ରାପ୍ତ ହେଲେ । ପାଇକ ବିଦ୍ରୋହ ଓଡ଼ିଆ ଜାତିର ଅଦ୍ୟମ ସାହାସର ଜ୍ୱଳନ୍ତ ଗାଥା । ବୀରତ୍ୱପୂର୍ଣ୍ଣ ଓ ସୌର୍ଯ୍ୟମୟ ପାଇକ ବିଦ୍ରୋହ ଓଡ଼ିଆ ଜନମାନସରେ ଏକ ଗୌରବମୟ ସ୍ଥାନ ରଖିଛି । ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ମିଳିଛି । ୨୦୧୭ ମସିହାରେ ପାଇକ ବିଦ୍ରୋହର ଦ୍ୱିଶତ ବର୍ଷ ପୂର୍ତ୍ତିକୁ ରାଷ୍ଟ୍ରୀୟ ସ୍ତରରେ ପାଳନ ପାଇଁ ମୋଦି ସରକାର କାର୍ଯ୍ୟକାରୀ କରିଥିଲେ । ପୂର୍ବତନ ରାଷ୍ଟ୍ରପତି ଶ୍ରୀ ପ୍ରଣବ ମୁଖାର୍ଜୀ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ପାଇକ ବିଦ୍ରୋହର ରାଷ୍ଟ୍ରୀୟ ଉତ୍ସବକୁ ଉଦଘାଟନ କରି ପାଇକ ବିଦ୍ରୋହକୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଆଦ୍ୟ-ଉଦଘୋଷଣାର ଉଜ୍ଜ୍ୱଳ ଘଟଣା ବୋଲି ଅଭିହିତ କରିଥିଲେ । ବଡ଼ କଥା ହେଲା ଭାରତ ସରକାରଙ୍କ ଏନସିଆରଟି ଦ୍ୱାରା ପରିଚାଳିତ ସିବିଏସ୍‌ଇର ଅଷ୍ଟମ ଶ୍ରେଣୀ ଇତିହାସ ବହିର ୬୨ ଏବଂ ୬୩ ପୃଷ୍ଠାରେ ଲିଖିତ ବିଷୟ ଯାହା ପ୍ରକାଶ ପାଇଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ପାଇକ ବିଦ୍ରୋହର ସ୍ମାରକ ମୁଦ୍ରା, ସ୍ମାରକ ଡାକ ଟିକେଟ ଉନ୍ମୋଚନ ତଥା ଉତ୍କଳ ବିଶ୍ୱବିଦ୍ୟାଳୟରେ ୫ କୋଟି ଟଙ୍କା ବ୍ୟୟରେ ବକ୍ସି ଜଗବନ୍ଧୁ ଚେୟାର , ବରୁଣେଇ ଠାରେ ପାଇକ ସ୍ମାରକ ଆଦି ସ୍ଥାପନ ପାଇଁ ପ୍ରୟାସ ଜାରି ରହିଛି । ଏକ ବୀରତ୍ୱପୂର୍ଣ୍ଣ ଏବଂ ସୌର୍ଯ୍ୟମୟ ଜାତିର ଉତ୍ତରପିଢ଼ି ଭାବେ ଆମେ ଆମର ପୂର୍ବ ପୁରୁଷଙ୍କ ଅଦ୍ୟମ ସାହସର ଗାଥାକୁ ନେଇ ଗୌରବାନ୍ୱିତ ।

# ବ୍ରହ୍ମ ଏବଂ ବ୍ରହ୍ମାସ୍ତ୍ର



ମୌଲାନା ଫଜଲ ହକ ଖାଁ
ଭୁବନେଶ୍ୱର, ୟୁନିଟ-୪
ମୋ-୯୬୯୨୨୫୦୫୭



ରୁଷିଆ ରାଷ୍ଟ୍ରପତି ପୁଟିନ ପଶ୍ଚିମ ଦେଶମାନଙ୍କୁ ଏକ ବଡ଼ ଚେତାବନୀ ଦେଇଛନ୍ତି। ତାଙ୍କ ବିବୃତି ପରେ ସମଗ୍ର ବିଶ୍ୱରେ ଉତ୍ତେଜନା ଦେଖାଦେଇଛି । ଦୀର୍ଘ ଦୁଇ ବର୍ଷରୁ ଅଧିକ ହେଲାଣି ଲାଗିରହିଛି ରୁଷ ଓ ୟୁକ୍ରେନ ଯୁଦ୍ଧ । ଏବେ ବି ବନ୍ଦ ହେବାର କିଛି ରାସ୍ତା ବହାରି ପାରୁନାହିଁ। ଏହା ଭିତରେ ରୁଷ ରାଷ୍ଟ୍ରପତିଙ୍କ ଏ ନିଷ୍ପତ୍ତି ଏକ ବଡ଼ ଏବଂ ଭୟଙ୍କର ନିଷ୍ପତ୍ତି ଜଣାପଡୁଛି । ପୁଟିନ ସ୍ପଷ୍ଟ କରି କହିଛନ୍ତି ଯେ ଯଦି ରୁଷିଆକୁ ମାରାତ୍ମକ କ୍ଷେପଣାସ୍ତ୍ର, ଡ୍ରୋନ ଏବଂ ବିମାନ ଦ୍ୱାରା ଆକ୍ରମଣ କରାଯାଏ, ତେବେ ସେ ଏହାକୁ ମିଳିତ ଆକ୍ରମଣ ବୋଲି ବିବେଚନା କରିବେ ଏବଂ ଆଣବିକ ବୋମା ବ୍ୟବହାର କରି ପ୍ରତିଶୋଧ ନେଇ ପାରିବେ । କେବଳ ୟୁକ୍ରେନ ନୁହେଁ, ପାଶ୍ଚାତ୍ୟ ଦେଶମାନେ ମଧ୍ୟ ତାଙ୍କୁ ଟାର୍ଗେଟ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି ।

ଆଜି ବିଶ୍ୱରେ ରାଜନୈତିକ ଓ ଅର୍ଥନୈତିକ ସମସ୍ୟା ହିଁ ଯୁଦ୍ଧ ପାଇଁ ବାଧ୍ୟ କରିଦେଇଛି । ସୁତରାଂ ଅହମଦୀୟା ମୁସଲିମ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ ଏଥି ପ୍ରତି ଦୃଷ୍ଟି ଆକର୍ଷଣ କରି କୁହନ୍ତି, ଏହା ଆମ ସମସ୍ତଙ୍କୁ ଜଣାଅଛି ଯେ ରାଷ୍ଟ୍ରସଂଘ ଗଠନର ବିଫଳତା ଏବଂ ୧୯୩୨ ମସିହାରେ ଉପୁଜିଥିବା ଉକ୍ତ ଆର୍ଥିକ ସଂକଟ ଯୋଗୁଁ ହିଁ ମୁଖ୍ୟତଃ ଦ୍ୱିତୀୟ ବିଶ୍ୱଯୁଦ୍ଧର ସୂତ୍ରପାତ ହୋଇଥିଲା । ବର୍ତ୍ତମାନ ସମୟର ପ୍ରବୀଣ ଅର୍ଥନୀତିଜ୍ଞମାନେ କୁହନ୍ତି ଯେ ଚଳିତ ସମୟରେ ଦେଖା ଦେଇଥିବା ଆର୍ଥିକ ସଂକଟ ଏବଂ ୧୯୩୨ ମସିହାର ଆର୍ଥିକ ସଂକଟ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି । ରାଜନୈତିକ ସମସ୍ୟା ତଥା ଅର୍ଥନୈତିକ ବିଶୃଙ୍ଖଳା ଇତ୍ୟାଦି ଛୋଟ ଛୋଟ ଦେଶ ମଧ୍ୟରେ ପୁଣି ଥରେ ଯୁଦ୍ଧର କାରଣ ସାଜିଛି । ପୁଣି ଏସବୁ ଦେଶମାନଙ୍କରେ ଆଭ୍ୟନ୍ତରୀଣ ଗୋଷ୍ଠୀ କନ୍ଦଳ ଓ ଜନ ଅସନ୍ତୋଷ ବୃଦ୍ଧି ପାଇବାର ଫଳ ସ୍ୱରୂପ ଏକ ମହା ଯୁଦ୍ଧ ରୂପେ ଉଭା ହେବ । ଯଦି ଛୋଟ ଦେଶଗୁଡ଼ିକ ମଧ୍ୟରେ ରହିଥିବା ବାଦ ବିବାଦ ଓ ସଂଘର୍ଷକୁ ରାଜନୀତି ବା କୂଟନୀତି ପ୍ରୟୋଗ କରି ଏହାର ଉପଯୁକ୍ତ ସମାଧାନ ନକରାଯାଏ, ତା ହେଲେ ନିଶ୍ଚିତ ଭାବରେ ଏହି ଦେଶଗୁଡ଼ିକ ବିଭାଜିତ ହୋଇ ପୃଥିବୀରେ କେତେକ ନୂଆ ନୂଆ ଗୋଷ୍ଠି ବା ମହାମେଣ୍ଟ ଗଠନ କରିବେ। ଏହା ହିଁ ହେବ ତୃତୀୟ ବିଶ୍ୱଯୁଦ୍ଧ ସଂଘଟିତ ହେବାର ମୂଳ କାରଣ । ଆମେ ବର୍ତ୍ତମାନ ପରିପ୍ରେକ୍ଷୀରେ ବିଶ୍ୱର ପ୍ରଗତି ଦିଗରେ ବିଶେଷ ଧ୍ୟାନ ନଦେଇ ପୃଥିବୀକୁ କିପରି ଧ୍ୱଂସର କରାଳରୁ ରକ୍ଷା କରା ଯାଇପାରିବ, ସେଥିପାଇଁ ଯଥାଶୀଘ୍ର ଉଦ୍ୟମ ଚଳାଇବା ଉଚିତ୍। କାରଣ ବିଶ୍ୱ ମାନବ ଏକ ମାତ୍ର ତ୍ରାଣକର୍ତ୍ତା ଈଶ୍ୱରଙ୍କୁ ଚିହ୍ନିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ଯେ କି ମାନବିକତାକୁ ବଞ୍ଚାଇବାର ଏକମାତ୍ର ଆଧାର ଓ ଆମ ସମାଜକୁ ଜୀବିତ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଯଦି ଏହା ନହୁଏ, ତା ହେଲେ ଆମ ବିଶ୍ୱ ଧୀରେ ଧୀରେ ବିନାଶ ଆଡ଼କୁ ଏହିପରି ଧାବମାନ ହେଉଥିବ ।

ଅହମଦୀୟା ମୁସଲିମ ଖଲିଫା ତାଙ୍କ ଏକ ଭାଷଣରେ କହିଲେ,ବିଗତ ଦୁଇଟି ବିଶ୍ୱଯୁଦ୍ଧର ଭୟାବହ ଧ୍ୱଂସଲୀଳା ସମ୍ବନ୍ଧରେ ଆମେ ମାନେ ଭଲ ଭାବରେ ସଚେତନ ଅଛନ୍ତି । ଅଥଚ ପରିତାପର ବିଷୟ ହେଉଛି ଯେ କେତେକ ଦେଶର ଜଟିଳ ଶାସନ ନୀତି ଓ ଗର୍ହିତ ଆଚରଣ ପୃଥିବୀର ଦିଗବଳୟରେ ଅନ୍ୟ ଏକ ବିଶ୍ୱଯୁଦ୍ଧର ଆଭାସ ଦେଉଛି । ଏହି ବିଶ୍ୱଯୁଦ୍ଧ ଏକ ଆଣବିକ ତଥା ପାରମାଣବିକ ଯୁଦ୍ଧରେ ହିଁ ପରିଣତ ହେବ । ପୃଥିବୀ ଯେଉଁ ଆଡ଼କୁ ଗତି କରୁଛି, ତହିଁରେ ନିଶ୍ଚିତ ଭାବରେ ଏପରି ଏକ ମହା ଯୁଦ୍ଧ ଲାଗିଯିବାର ବିପଦ ଦେଖାଦେଇଛି । ଏହାର ଭୟାବହ ପରିଣତିରୁ ରକ୍ଷା ପାଇବା ପାଇଁ ଆମେ ନ୍ୟାୟ, ସାଧୁତା ଓ ସ୍ୱଚ୍ଛତାର ପଥ ଅବଲମ୍ବନ କରିବା ଉଚିତ୍। ଆମେ ସମସ୍ତେ ଏକଜୁଟ ହୋଇ ହିଂସା ଓ ଘୃଣାକୁ ପ୍ରସାର କରୁଥିବା ସେହିସବୁ ଗୋଷ୍ଠୀ ବା ସଂଗଠନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଏବଂ ଯେଉଁମାନେ ପୃଥିବୀରେ ଶାନ୍ତି ନଷ୍ଟ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଦୃଢ ହସ୍ତରେ ଦମନ କରିବା ଏକାନ୍ତ ଅପରିହାର୍ଯ୍ୟ ।

ଅନ୍ତିମ ଯୁଗର ପ୍ରବର୍ତ୍ତକ, ପ୍ରତିଶ୍ରୁତ ଅବତାର ଓ ମସିହ ତଥା ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ ସାହେବ(୧୮୩୫-୧୯୦୮)ବିଶ୍ୱ ସମାଜକୁ ମହା ବିଶ୍ୱଯୁଦ୍ଧର ଚେତାବନୀ ଦେଇ କୁହନ୍ତି, ହେ ୟୁରୋପ ! ତୁ ମଧ୍ୟ ଶାନ୍ତିରେ ନାହୁଁ । ହେ ଏସିଆ ! ତୁ ମଧ୍ୟ ନିରାପଦ ନାହୁଁ । ହେ ଦ୍ୱୀପପୁଞ୍ଜବାସୀ ! କୌଣସି କୃତ୍ରିମ ଈଶ୍ୱର ତୁମକୁ ସାହାଯ୍ୟ କରିବେ ନାହିଁ । ମୁଁ ମହାନଗରୀ ସବୁ ଟଳି ପଡୁଥିବାର ଦେଖି ପାରୁଛି ଓ ଆବାଦି ବସ୍ତିକୁ ପରିତ୍ୟକ୍ତ ଓ ଅନାବାଦି ଅବସ୍ଥାରେ ଦେଖିବାକୁ ପାଉଛି । ପରମେଶ୍ୱର ବହୁ ସମୟ ଧରି ନୀରବ ରହିଲେ ଏବଂ ତାଙ୍କ ସମ୍ମୁଖରେ ବିଭତ୍ସ ଓ ଘୃଣିତ କାର୍ଯ୍ୟ କରାଗଲା, କିନ୍ତୁ ସେ ବାକ୍‌ସ୍ଫୁର୍ତ୍ତି କଲେ ନାହିଁ । ବର୍ତ୍ତମାନ ସେ ନିଜର ରୋଷଯୁକ୍ତ ମୁଖମଣ୍ଡଳ ଦେଖାଇଲେ । ଯାହାର କାନ ଅଛି, ସେ ଶୁଣୁ ଯେ ସେ ସମୟ ଏବେ ଆଉ ବେଶୀ ଦୂର ନାହିଁ । ମୁଁ ଯଥା ସାଧ୍ୟ ପ୍ରୟାସ କରିଛି ଯେ ପ୍ରଭୁଙ୍କ ଶାନ୍ତିପ୍ରଦ ଛାୟା ତଳେ ସମସ୍ତଙ୍କୁ ଏକତ୍ରିତ କରିବି । ପୁଣି ଏହା ଜରୁରୀ ଥିଲା ଯେ ନିୟତିର ବିଧାନ ଅବଶ୍ୟ ପୂରଣ ହେଉ । ମୁଁ ନିରାଟ ସତ କହୁଛି ଯେ ଏ ଦେଶର ନୂତନ ପରିବର୍ତ୍ତନ ମଧ୍ୟ ନିକଟତର ହୋଇ ଆସୁଛି । ନୋହାଙ୍କ ଯୁଗ ତୁମ ଚକ୍ଷୁ ସମ୍ମୁଖରେ ମହାଚକ୍ରବାତ ଜନିତ ବନ୍ୟାର ତାଣ୍ଡବ ଭଳି ଦୃଶ୍ୟ ଆସିଯିବ । ଲୁତ୍‌ଙ୍କ ଭୂମିର ଘଟଣା ତୁମେ ନିଜସ୍ୱ ନେତ୍ରରେ ଚରମ ବ୍ୟଭିଚାରର କୁପରିଣାମ ସ୍ୱରୂପ ଏଡ୍ସ ମହାମାରୀର ଭୟାବହତା ଦେଖିପାରିବ। କିନ୍ତୁ ପରମେଶ୍ୱର ପ୍ରକୋପ ସାଧନରେ ମନ୍ଥର ଗତିକୁ ପସନ୍ଦ କରନ୍ତି । ଏଣୁ ଅନୁତାପ କର । ଫଳରେ ତୁମ ପ୍ରତି ଦୟା କରା ଯାଇପାରିବ ।

ସକଳ ଧର୍ମରେ ବ୍ରହ୍ମ ପରିଚୟ ଦେଇ କୁହାଯାଇଛି, "ଯୋ ମାରୟତି ପ୍ରାଣୟତି ଯସ୍ମାତ୍ ପ୍ରାଣନ୍ତି ଭୁବନାନି ବିଶ୍ୱାଃ ।" ଅର୍ଥାତ୍ ଈଶ୍ୱର ମୃତ୍ୟୁ ଦିଅନ୍ତି, ପ୍ରାଣ ସଂଚାର କରନ୍ତି ଏବଂ ଯାହାଙ୍କ କୃପାରୁ ସକଳ ଜୀବ ଜଗତ ଜୀବିତ ରୁହନ୍ତି । ପୁଣି କୁହାଯାଇଛି,"ଯତୋ ବା ଇମାନି ଭୂତାନି ଜାୟନ୍ତେ ଯେନ ଜାତାନି ଜୀବନ୍ତି/ଯତ୍ ପ୍ରୟନ୍ତ୍ୟଭିସଂବିଶନ୍ତି ତଦ୍ ବିଜିଜ୍ଞାସସ୍ୱ ତଦ୍ ବ୍ରହ୍ମେତି ।" ଅର୍ଥାତ୍ ସକଳ ପ୍ରାଣୀଙ୍କ ଜନ୍ମ ଯାହାଙ୍କ ଠାରୁ, ସମସ୍ତ ପ୍ରାଣୀ ଯାହାଙ୍କ ଦ୍ୱାରା ଜୀବନ ଧାରଣ କରିଥାନ୍ତି ଏବଂ ଶେଷରେ ଯାହା ଠାରେ ଲୀନ ହୋଇ ଥାଆନ୍ତି, ତାହାଙ୍କୁ ତୁମେ ଭଲ ଭାବେ ଜାଣିବା ପାଇଁ ଇଚ୍ଛା କର । ସେଇ ହେଉଛନ୍ତି 'ବ୍ରହ୍ମ' । ପବିତ୍ର କୋରାନ କୁହେ, ଅଲ୍ଲାଃ ତୁମକୁ ସୃଷ୍ଟି କରିଛନ୍ତି, ତୁମକୁ ଆହାର ଦିଅନ୍ତି, ପୁଣି ସେ ତୁମକୁ ମୃତ୍ୟୁ ଦେବେ ଏବଂ ପୁଣି ଜୀବିତ କରିବେ । ବେଦ କୁହେ, ବିଶ୍ୱସ୍ୟ ଭୁବନସ୍ୟ ରାଜା । ସେ ସମଗ୍ର ସଂସାରର ଅଧିପତି ଅଟନ୍ତି। ପବିତ୍ର କୋରାନ କୁହେ ସର୍ବଲୋକେଶ୍ୱର ଅଲ୍ଲାଃ ହିଁ ସକଳ ସ୍ତୁତିର ଯୋଗ୍ୟ । ସେହିଁ ସର୍ବଶକ୍ତିମାନ । ସେହିଁ ଦୟାବାନ । ସେହିଁ ପରାକ୍ରମୀ । ସେହିଁ ଜନ୍ମଦାତା । ସେହିଁ ପାଳନ କର୍ତ୍ତା । ସେହିଁ ସଂହାରକର୍ତ୍ତା । ବ୍ରହ୍ମ ଏକ ଏବଂ ଅଦ୍ୱିତୀୟ । ପୁରାତନ କାଳରେ ଲୋକମାନେ ଘୋର ତପସ୍ୟା କରି ବ୍ରହ୍ମାଙ୍କ ଠାରୁ ବ୍ରହ୍ମାସ୍ତ୍ର ପ୍ରାପ୍ତ କରୁଥିଲେ। କିନ୍ତୁ ବ୍ରହ୍ମାସ୍ତ୍ର ପ୍ରୟୋଗର ବି ଅନେକ କଟକଣା ଓ ନୀତି-ନିୟମ ରହିଥାଏ । କିନ୍ତୁ ଆଜି ବିଶ୍ୱରେ ଅନେକ ବିଶ୍ୱସ୍ତରୀୟ ଦୃଢ଼ ସଂଗଠନ ଥାଇ ମଧ୍ୟ ସେପରି କଟକଣା ଦେଖାଯାଉ ନାହିଁ । ବିଶ୍ୱ ଏବେ ଅଶାନ୍ତ ଓ ଅସହାୟ । ମାନବିକତା ଏବେ ଧ୍ୱସାଂବିମୁଖ । କେବଳ ଈଶ୍ୱର ହିଁ ଏବେ ସାହା-ଭରସା । ଏ ବିଶ୍ୱବିପଦରୁ ସେହି ପରମବ୍ରହ୍ମ ଆମକୁ ବଞ୍ଚାଇ ପାରିବେ । ଯଦି ବିଶ୍ୱବାସୀ ଏହି ଅମୂଲ୍ୟ ବାର୍ତ୍ତାକୁ ବୁଝି ତଦନୁଯାୟୀ କାର୍ଯ୍ୟ ନିର୍ବାହ କରନ୍ତେ ତାହେଲେ ବିଶ୍ୱରେ ଶାନ୍ତି ବିରାଜି ପାରନ୍ତା ଏବଂ ମନୁଷ୍ୟ ଜାତି ଆଉ ଅଧିକ ଦିନ ତିଷ୍ଠି ରହି ପାରନ୍ତା । ପରମତପ ଅଲ୍ଲାଃଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ସେ ସମସ୍ତ ମାନବ ସମାଜକୁ ଏଥିପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ବିଶ୍ୱବାସୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ବସ୍ତୁବାଦର ଲାଳସାକୁ ଜଳାଞ୍ଜଳି ଦେଇ ନିଜର ଦାୟିତ୍ୱ ପ୍ରତି ସଚେତନ ରହିବା ସଂଗେ ସଂଗେ ନିଜ କର୍ତ୍ତବ୍ୟକୁ ସୁଚାରୁ ରୂପେ ସଂପାଦନ କରିବା ପାଇଁ ପ୍ରୟାସ କରିବେ । ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ ଆମ ସମସ୍ତଙ୍କୁ ବିଶ୍ୱଯୁଦ୍ଧ ଜନିତ ଧ୍ୱଂସର ବିଭୀଷିକାର କୁପ୍ରଭାବରୁ ସୁରକ୍ଷିତ ରଖନ୍ତୁ । ଏହା ହିଁ ଆମର କାମନା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ସ୍ୱୟଂସିଦ୍ଧା

*ଶୁଭଦର୍ଶନୀ ଦାଶ*



ଏ ରାତି ଯେତିକି ଗହଳିଆ ହେବ
ମନରେ ଛନକା ସେତିକି ବଢିବ
ବାସ କେଉଁଠୁ କେ ପେଟରେ ପଡ଼ିଗଲେ
ଏ ନରରାକ୍ଷସଗୁଡ଼ା ବାହାରିପଡ଼ିବେ
ଆଖିରେ ଲୋଲୁପର ଲାଳିମା ଲଗାଇ
ଖୋଜିବୁଲିବେ ନିରୀହ ନିଃସହାୟ ଜୀବନକୁ
ଖୁନ୍ ଭିନ୍ କରି ପକାଇବେ ତାର ରକ୍ତ ମାଂସ
ଏଇତ ଠାକୁର ଘରେ ପହଡ଼ ପଡ଼ିଲାଣି
ଛନାକରେ ଛାତିରେ ଶୂନ୍ ହୋଇଗଲାଣି
ସିନ୍ଦୁରା ଫାଟିବା ଆଗରୁ
ଝଡ଼ିଯିବେ କେଜାଣି କେତେ ଶେଫାଳି
ସର୍ବଂସହା ତୋର ସର୍ବନାଶରେ
ଏଠି କେବେ ନାହିଁ ଈଶ୍ୱରଙ୍କ ପୁନରାବୃତ୍ତି
ବାଜିବ ନାହିଁ ସମର ଶଙ୍ଖ



କିଏ ଭରିବ ରାକ୍ଷସର ନାଳି ଆଖିରେ
ଭୟର କଳା ବାଦଲ ?
ଏ କଳିଯୁଗେ ନା ଅଛନ୍ତି ରାମ ନା ମୁରଲୀଧର
ଏଠି ଖାଲି ଘରେ ବିଲୁଆ ବିଲେଇ
ଭିଡ଼ିଦେ ପଣତକୁ ଅଣ୍ଟାରେ ତୋର
ନିଜକୁ ସଜେଇ ଦେ ଲଢ଼ିବାକୁ ଆଉ ଏକ ମହାସମର
ଛେଦି ଦେ ମୁଣ୍ଡକୁ ତାର ସର୍ବ ଶାନ୍ତି କହି
ନାରୀ ନୁହେଁ ତୁ ତ ନାରାୟଣୀ
ସ୍ୱ ରେ ତୁ ସ୍ୱୟଂସିଦ୍ଧା
କାହିଁ ବୋଲାଉଛୁ ଯେ ପତିତା ।

*ଭୁବନେଶ୍ୱର*
*ମୋ- ୮୨୮୦୩୧୧୦୦୦*

## ଅପରୂପା କାଶତଣ୍ଡୀ

*ରାମଚନ୍ଦ୍ର ବେହେରା*

ଶରତ ପରଶେ ତଟିନୀ ସଲିଳ
ନିର୍ମଳ ଦିଶିଲାଣି
ନଦୀର ପଠାରେ ଗହିର ତୁଠରେ
କାଶତଣ୍ଡୀ ହସିଲାଣି
ବର୍ଷା ଆଗମନେ ଜନମି ଥିଲା ସେ
ବଢିଲା ବରଷା କାଳେ
ଶରତ ଆସନ୍ତେ ତା ସୁନ୍ଦର ପୁଷ୍ପ
ଲୋଟିଲା ଧରଣୀ କୋଳେ
ପୁବେଇ ବାଆରେ ଦୋଳି ସେ ଖେଳୁଛି
ଅପୂର୍ବ ଲାଗୁଛି ଶୋଭା
ପଥିକ ନଜର ଫେରାଇ ପାରୁନି
ବିସ୍ମୟ ମନଲୋଭା
କେତେବେଳେ ବାଆରେ ରୁହେ ନିରବ ନିଶ୍ଚଳ
ଶାନ୍ତ ଶୁଭ୍ର ତା ଚେହେରା
ବାଡି ବଗିଚାରେ ନପାଇ ବି ସ୍ଥାନ
ତା ପାଇଁ ହସଇ ଧରା
ରାସ୍ତା ପୁଲ ପାଖେ ସଜେଇ ହୋଇ ସେ
ଜିଣିନିଏ ଜନମନ
ଧୋବ ଫରଫର ଚଉଁରୀଟି ପରି
ହଲୁଥାଏ ରାତିଦିନ
ତାର ଆଗମନେ ଦୁର୍ଗା ମା ଆସନ୍ତି
ପାପର ବିନାଶ ହୁଏ
ତା ରୂପ ଲାବଣ୍ୟ ସାରା ଜଗତରେ
ସ୍ନେହ ଶ୍ରଦ୍ଧା ଭରିଦିଏ
ହସି ଖେଳି ସେହି ସଭଙ୍କ ପରାଣେ
ଖୁସିର ବାରତା ବାଣ୍ଟେ
ତା ସ୍ନେହ ପରଶେ ନିର୍ମଳ ଶରତ
ହର୍ଷ ଉଲ୍ଲାସରେ ବିତେ

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



## କ୍ଷମା-୩

*ବିଷ୍ଣୁ ପ୍ରସାଦ ଦାସ*

ବିକାଶ ବାବୁ ନିଜର ବଡ ଅଫିସର ଏବଂ ତାଙ୍କ ମାଆଙ୍କୁ ଯଥା ରୀତି ସମ୍ମାନ ଜଣାଇ ପାଛୋଟି ନେଲେ । କିଛି ଆଳାପ ତା ପରେ କନ୍ୟା ଦେଖା ଭାବି ବର କନ୍ୟାଙ୍କ ଭିତରେ କିଛି ପ୍ରଶ୍ନ ଏବଂ ଉତ୍ତର ସହିତ ବିକାଶ ନିଜ ମାଆଙ୍କ ସହିତ ଆଲୋଚନା ପରେ କନ୍ୟା ପସନ୍ଦ ହୋଇଥିଲା । ମାଆ ଖୁବ୍ ଖୁସି ଜଣାପଡୁଥିଲେ, ଭାବି ବୋହୂ ତାଙ୍କ ସହିତ ହସି ହସି କଥା ହେଉଥିଲେ । ବିକାଶଙ୍କୁ ମଧ୍ୟ ସୁଚିତ୍ରା ଖୁବ୍ ଭଲ ଲାଗିଥିଲା । ସୁଚିତ୍ରା ଖୁବ୍ ସଂସ୍କାରୀ, ହସକୁରି ଲାଗୁଥିଲେ, ଚାରି ଚକ୍ଷୁର ମିଳନରେ ଦୁହେଁ ଦୁହିଁଙ୍କୁ ନୀରବରେ ଆପଣେଇ ନେଇଥିଲେ । ବାକିଥିଲା ବିବାହ ଦିନ ଧାର୍ଯ୍ୟ ହେବା, ସମୟ ସହିତ ତାଳ ଦେଇ ଖୁବ୍ ନିରାଡମ୍ବର ଭାବେ ବିବାହ କାର୍ଯ୍ୟ ମଧ୍ୟ ଶେଷ ହୋଇଗଲା । ସନାତନ ଧର୍ମର ନିୟମ ଅନୁଯାୟୀ ବିବାହର ପ୍ରତ୍ୟେକ କାର୍ଯ୍ୟ ଶୃଙ୍ଖଳାର ସହିତ ହୋଇଥିଲା । ବିକାଶ ଜୀବନରେ ଦ୍ୱିତୀୟ ଥର ପାଇଁ ବାସର ରାତି ଆସିଥିଲା, ବିକାଶ ସେଦିନ ବାସର ଘରେ ଚିନ୍ତାଗ୍ରସ୍ତ ଥିବା ସମୟରେ ସୁଚିତ୍ରା ବିକାଶଙ୍କୁ ମୁଣ୍ଡିଆମାରି ସ୍ତ୍ରୀ ହିସାବରେ ନିଜର ଆନୁଗତ୍ୟ ତଥା ସହଭାଗିତାର ପରିଚୟ ସୃଷ୍ଟି କରିଥିଲା । ବିକାଶ ସୁଚିତ୍ରାକୁ ଆଲିଙ୍ଗନ କରି ଅନେକ କାନ୍ଦିଥିଲା, ସୁଚିତ୍ରା ଖୁବ୍ ଧିର ସ୍ଥିର ଭାବେ ବିକାଶଙ୍କୁ ବୁଝାଇ ଚାଲିଥିଲା । ବିକାଶ କହୁଥିଲା 'ସୁଚିତ୍ରା, ତୁମେ ମୋ ସହିତ ସାରା ଜୀବନ ସୁଖରେ ରୁହ ଏହାହିଁ ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି, ତୁମକୁ ଆଉ ଗୋଟିଏ ଅନୁରୋଧ କରୁଛି ତୁମେ ନିଜ ସାଧ ମତେ ମୋର ମାଆଙ୍କୁ ଖୁସି ରଖିବାକୁ ଚେଷ୍ଟା କରିବ । ମୋର ବାପା ନାହାନ୍ତି ସେ ମୋତେ ମଣିଷ କରିବା ପାଇଁ ଅନେକ କଷ୍ଟ ସହିଛି, ତା ଆଖିରେ ଲୁହ ଦେଖିଲେ ମୁଁ ସମ୍ଭାଳି ପାରେନାହିଁ ସୁଚିତ୍ରା । 'ସୁଚିତ୍ରା ବିକାଶଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲା ଏବଂ କହିଥିଲା 'ଶୁଣ, ମୋ ଜୀବନ ପଛେ ହାରି ଦେବି କିନ୍ତୁ ତୁମ ମନରେ ଏବଂ ମାଆଙ୍କ ମନରେ କେବେବି ଦୁଃଖ ଦେବାକୁ ଭୁଲ୍‌ରେ ମଧ୍ୟ ଚେଷ୍ଟା କରିବିନାହିଁ । ମୋର ବାପା ମାଆ ତୁମ ବିଷୟରେ ଏବଂ ତୁମ ପରିବାର ବିଷୟରେ ପ୍ରତ୍ୟେକ କଥା କହିଛନ୍ତି, ମୁଁ ପ୍ରତିଜ୍ଞା କରୁଛି ବଞ୍ଚିଥିବା ପର୍ଯ୍ୟନ୍ତ ମୁଁ ସବୁ ସମୟରେ ତୁମ କାନ୍ଧକୁ କାନ୍ଧ ମିଶାଇ ତୁମ ଦୁଃଖ ସୁଖର ସାଥୀ ହୋଇଥିବି ଆଉ ଭଗବାନଙ୍କୁ ପ୍ରାର୍ଥନା କରୁଛି ସେ ଆମକୁ ସତ୍ ମାର୍ଗରେ ପରିଚାଳିତ କରନ୍ତୁ । ସୁଖ ଶାନ୍ତିରେ ଘର ପୁରିଉଠୁ' । ଏହା ମଧ୍ୟରେ ବିକାଶ ଏବଂ ସୁଚିତ୍ରା ବାସର ରାତ୍ରୀକୁ ସମ୍ପୂର୍ଣ୍ଣ ଭାବେ ଉପଭୋଗ କରିଥଲେ, ଯଦିଓ ବିକାଶଙ୍କ ପାଇଁ ଏହା ଦ୍ୱିତୀୟ ବାସର ରାତ୍ରୀ ଥିଲା କିନ୍ତୁ ପ୍ରଥମ ବାସର ରାତ୍ରୀ ତାଙ୍କ ପାଇଁ ଅଭିଶାପ ଥିବା ବେଳେ ଦ୍ୱିତୀୟ ବାସର ରାତ୍ରୀ ତାଙ୍କ ପାଇଁ ଆଶୀର୍ବାଦ ଥିଲା, ସୁଚିତ୍ରା ସ୍ୱର୍ଗର ଅପସରୀ ନହେଲେ ମଧ୍ୟ ମର୍ତ୍ତ୍ୟର ସ୍ନେହ ମମତା ଭରା ହୃଦୟବାନ୍ ନାରୀଟିଏ ବୋଲି ବିକାଶ ହୃଦ୍‌ବୋଧ କରିପାରିଥିଲେ । ବିକାଶ ଏବଂ ତାଙ୍କ ମାଆ ସୁଚିତ୍ରାକୁ ଖୁବ୍ ଭଲ ପାଉଥିଲେ । ସୁଚିତ୍ରା ମଧ୍ୟ ସମସ୍ତଙ୍କ ମନ କିଣି ନେଇଥିଲେ ।

ସମୟ ଚକ୍ରରେ କିଛି ବର୍ଷ ବିତି ଯାଇଛି, ବିକାଶ ପଦୋନ୍ନତି ପାଇ ଅତିରିକ୍ତ ଜିଲ୍ଲାପାଳ ହୋଇଯାଇଛନ୍ତି । ବିକାଶ ଏବେ ପୁରୀ ସଦର ଦାୟିତ୍ୱରେ ଅଛନ୍ତି, ସୁଚିତ୍ରା ମଧ୍ୟ ପଦୋନ୍ନତି ପାଇ ପୁରୀ ଜିଲ୍ଲା ସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀ ପଦରେ କାର୍ଯ୍ୟରତ ବିକାଶଙ୍କ ଏକମାତ୍ର ପୁଅ ଆକାଶ ଏବେ ପ୍ଲସ୍‌ଟୁ ପଢୁଛି, ବାପା ମାଆଙ୍କର ଖୁବ୍ ଗେହ୍ଲା ପାଠ ମଧ୍ୟ ଖୁବ୍ ଭଲ ପଢେ, ଖେଳ କୁଦରେ ଚମ୍ପିଅନ୍ । ଏହା ପଛରେ ସୁଚିତ୍ରାଙ୍କ ଅବଦାନ ବେଶି କାରଣ ଅଫିସ କାର୍ଯ୍ୟରେ ବିକାଶ ପୁଅ ପାଇଁ ସମୟ ଦେଇପାରନ୍ତିନାହିଁ । ସୁଚିତ୍ରା ପୁଅ ପଛରେ ଛାଇ ପରି ଲାଗିଥାଆନ୍ତି । ବିକାଶଙ୍କ ମାଆ ବାର୍ଦ୍ଧକ୍ୟ ଜନିତ ଶଯ୍ୟାଶାୟୀ ବିକାଶ, ସୁଚିତ୍ରା ତଥା ନାତି ଟୋକା ଆକାଶ ବୃଦ୍ଧା ମାଆଙ୍କ ଯତ୍ନ ନିଅନ୍ତି, ଯେତେଦିନ ବଞ୍ଚିଛନ୍ତି ସେ ଶାନ୍ତିରେ ବଞ୍ଚନ୍ତୁ । ଏହାହିଁ ସ୍ୱୟଂ ଜଗନ୍ନାଥଙ୍କ ନିକଟରେ ସମସ୍ତେ ପ୍ରାର୍ଥନା କରୁଥିଲେ ।

ଅଫିସରେ ବିକାଶ ଖୁବ୍ ସଚ୍ଚୋଟ ଭାବେ ନିଜ କାର୍ଯ୍ୟ କରନ୍ତି ବୋଲି ସମସ୍ତେ ଜାଣନ୍ତି, ଥରେ ଜିଲ୍ଲାପାଳ ବିକାଶଙ୍କୁ ପୁରୀ ଭି:ଆଇ:ପି ରୋଡରେ ସରକାରୀ ଜମି ଉପରେ ଗଢ଼ି ଉଠିଥିବା ବେଆଇନ୍ ଦୋକାନ ବଜାର ଭାଙ୍ଗିବାକୁ ଅଦାଲତର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ କହିଥିଲେ । ସରକାରୀ ନିୟମ ଅନୁଯାୟୀ ନୋଟିସ୍ ପଠାଗଲା, ଡ଼ାକବାଜି ଯନ୍ତ୍ରର ସାହାଯ୍ୟରେ ଅବରୋଧକାରୀଙ୍କୁ ଜଣାଇଦିଆଯାଇଥିଲା କିନ୍ତୁ ସେମାନେ ଅବରୋଧ ନହଟାଇ ବିକ୍ଷୋଭ କଲେ । ଫଳରେ ନିର୍ଦ୍ଧାର୍ଯ୍ୟ ଦିନରେ ବୁଲ୍‌ଡୋଜର, ପୋଲିସ ମାଜିଷ୍ଟ୍ରେଟ ନେଇ ଭଙ୍ଗା ରୁଜା ଚାଲିଲା । ବିକାଶ ଏହି ପ୍ରକିୟାକୁ ତୀକ୍ଷ୍ଣ ଭାବେ ତଦାରଖ କରୁଥିଲେ । ହଠାତ୍ ତାଙ୍କ ନଜର ଗୋଟିଏ ଉଠା ଦୋକାନ ଉପରେ ପଡ଼ିଲା । ସେଠାର ମହିଳାଟିଏ ବରା, ସିଙ୍ଗଡ଼ା, ଇଡ଼ିଲି ଇତ୍ୟାଦି ବିକୁଥିଲା, ପୋଲିସ କହିବା ସତ୍ତ୍ୱେ ମଧ୍ୟ ସେ ଦୋକାନ ଖାଲି କରୁନଥିଲା । ତାର ଝିଅ, ସ୍ୱାମୀ ମଧ୍ୟ ପୋଲିସକୁ ବିରୋଧ କରୁଥିଲେ, ହାତ ଯୋଡ଼ି କାକୁତି ମିନତି ହେଉଥିଲେ । ତାଙ୍କ ଆଖିରେ ସତେ ଯେମିତି ବିଦ୍ରୋହର ଅଗ୍ନି ଜଳୁଥିଲା, ତାଙ୍କ ଜୀବନ ଜୀବିକା କଥା ତେଣୁ ସେମାନେ ଅତିରିକ୍ତ ଜିଲ୍ଲାପାଳ ମହୋଦୟଙ୍କ ପାଖକୁ ଆସି ଗୋଡ଼ ଧରି ତାଙ୍କ ଦୋକାନ ନ ଭାଙ୍ଗିବାକୁ ଅନୁରୋଧ କରିଥିଲେ । ବିକାଶ ତାଙ୍କ ବେଶ ଭୂଷାରୁ ଅନୁମାନ କଲେ ସେମାନେ ଖୁବ୍ ଗରିବ ଶ୍ରେଣୀର, ପ୍ରାୟ ୧୫/୧୬ ବର୍ଷର ଝିଅ ଚିରା ଫ୍ରକ୍‌ଟିଏ ପିନ୍ଧିଛି । ତାର ବାପା ଲୁଙ୍ଗି ଏବଂ ଗଞ୍ଜିଟିଏ ପିନ୍ଧିଛି । ସ୍ତ୍ରୀ ଲୋକଟି ଗୋଟିଏ ଶସ୍ତା ମଇଳା ଶାଢୀ ପିନ୍ଧିଛି, ହୁଏତ କିଛି ଦିନ ହେବ ଧୁଆ ହୋଇନାହିଁ । ସେ ତିନି ଜଣଙ୍କୁ ପାଦ ତଳୁ ଉଠିବାକୁ କହିଲେ, ସେମାନେ ଉଠି ଠିଆ ହେଲେ । ବିକାଶଙ୍କୁ ହଠାତ୍ ଭୂମିକମ୍ପ ହେବାପରି ଲାଗିଲା । ସେ ମହିଳା ଜଣକ ଚିହ୍ନା ଚିହ୍ନା ମନେ ହେଉଥିଲେ, ମନର କଥାକୁ ଗୋପନ ନରଖି ପଚାରି ଦେଲେ ତୁମେ କଣ ଅଞ୍ଜଳି ? ସେ ବିକାଶଙ୍କୁ ଦେଖି କାନ୍ଦିବା ଆରମ୍ଭ କରିଦେଲା । ବିକାଶଙ୍କୁ ବୁଝିବାକୁ ଆଉ କିଛି ବାକିନଥିଲା । ହିମାଂଶୁକୁ ଆସନ୍ତା କାଲି ଅଫିସରେ ଦେଖା କରିବାକୁ କହିଦେଇ ପଳାଇ ଆସିଲେ । ଅଞ୍ଜଳି ଦୋକାନକୁ ବାଦ୍ ଦେଇ ଅନ୍ୟ ଦୋକାନ ବଜାର ଉଚ୍ଛେଦ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ସେଦିନ ବିକାଶ ସାରା ରାତି ଶୋଇ ପାରିନଥିଲେ, ବାରମ୍ବାର ତାଙ୍କ ନିଦ ଭାଙ୍ଗିବା ଦେଖି ସୁଚିତ୍ରା ଏହାର କାରଣ ଜାଣିବାକୁ ଚାହିଁଲେ । ବିକାଶ କିଛି ନ ଲୁଚାଇ ସୁଚିତ୍ରାଙ୍କୁ ସବୁ କହି ଦେଇଥିଲେ, ସୁଚିତ୍ରା ମଧ୍ୟ ଅଞ୍ଜଳି ପାଇଁ ଦୁଃଖିତ ବୋଲି କହିଥିଲେ । ପରଦିନ ଅଞ୍ଜଳି ଏବଂ ହିମାଂଶୁ ବିକାଶ ଅଫିସ୍‌ରେ ପହଞ୍ଚିଥିଲେ । ବିକାଶ ହିମାଂଶୁକୁ ତାଙ୍କ ଅବସ୍ଥା ଏପରି କାହିଁକି ହୋଇଛି ବୋଲି ପଚାରିଥିଲେ । ହିମାଂଶୁ ଯାହା କହିଥିଲା ତାର ମର୍ମ ଏପରି ଥିଲା , ସେ ଏବଂ ଅଞ୍ଜଳି ଘରୁ ପଳାଇ ଆସିବା ପରେ ବମ୍ବେ ପହଞ୍ଚି ଯାଇଥିଲେ । ସେଠାରେ ତାର ଜଣେ ସମ୍ପର୍କୀୟ ଦଲାଲ ଜରିଆରେ ଚାକିରୀ କରାଇଦେବ କହି ଦିନ ଗଡ଼ାଇ ଚାଲିଲା ଏବଂ ତାଙ୍କ ଠାରୁ ଟଙ୍କା ଠକି ନେଲା, ଯାହା ଟଙ୍କା ସୁନା ଥିଲା ସେମାନେ ବିକି ଭାଙ୍ଗି ଜୀବନ ବିତାଉଥିଲେ, ସେହି ସମୟରେ ଅଞ୍ଜଳିର ଝିଅଟିଏ ହେଲା, ଅଞ୍ଜଳି ଖୁବ୍ ଅସୁସ୍ଥ ହୋଇଗଲା । ବମ୍ବେ ଠାରେ ରହି ଚିକିତ୍ସା କରିବା ତାଙ୍କ ପକ୍ଷେ ସହଜ ନଥିଲା । ସବୁ ଟଙ୍କା ପଇସା ସରିଯିବାରୁ ବାଧ ହୋଇ ଓଡ଼ିଶା ପଳାଇ ଆସିଲେ । ଟ୍ରେନ୍ ଯୋଗେ ଓଡ଼ିଶା ଫେରିବା ସମୟରେ ପୁରୀ ସହରର ଜଣେ ସହୃଦୟ ବ୍ୟକ୍ତିଙ୍କ ସହାୟତାରେ ସେମାନେ ପୁରୀ ଠାରେ ଛୋଟିଆ ଦୋକାନଟିଏ କରି ଗୁଜୁରାଣ ମେଣ୍ଟାଇବା ଛଡ଼ା ଆଉ ତାଙ୍କର କୌଣସି ଚାରା ନଥିଲା । ବଢ଼ିଲା ଝିଅର ଯତ୍ନ ମଧ୍ୟ ସେମାନେ ନେଇପାରୁନଥିଲେ । ଦୋକାନଟି ଯଦି ଭାଙ୍ଗିଯାଏ ତେବେ ତିନି ଜଣ ମିଶି ଆତ୍ମହତ୍ୟା କରିବା ଛଡା ତାଙ୍କର ଅନ୍ୟ କିଛି ଉପାୟ ନାହିଁ । ନିଜ କଲା କର୍ମ ନିମନ୍ତେ ଦୁହେଁ ଖୁବ୍ ଅନୁତାପ କରୁଛନ୍ତି, କିନ୍ତୁ ଉପାୟ ଶୂନ୍ୟ । ସବୁ ଦିଗରୁ ତାଙ୍କ ପାଇଁ ରାସ୍ତା ବନ୍ଦ୍, ବିଚାରୀ ଝିଅଟି ବାପା ମାଆଙ୍କର କର୍ମ ପାଇଁ ଦୁଃଖ କଷ୍ଟ ଭୋଗ କରୁଛି । ଏକଥା ଶୁଣି ବିକାଶଙ୍କ ଚକ୍ଷୁରୁ ଦୁଇ ବୁନ୍ଦା ଲୁହ ଝରି ଆସିଲା । ବିକାଶ ରୁମାଲରେ ଆଖି ପୋଛି ଦେଇ ନିଜ ମନି ପର୍ସ ବାହାର କରି ହିମାଂଶୁ ହାତରେ ପାଞ୍ଚ ହଜାର ଟଙ୍କା ଧରାଇ ଦେଲେ ଏବଂ ତାଙ୍କୁ ଗୋଟିଏ ଭଲ ସ୍ଥାନରେ ପକ୍କା ଦୋକାନ କରାଇ ଦେବେ ବୋଲି ନିର୍ଭର ପ୍ରତିଶୃତି ଦେଲେ, ଏହି ପ୍ରକ୍ରିୟା ପାଇଁ ହୁଏତ କିଛି ସମୟ ଲାଗିପାରେ କିନ୍ତୁ ନିଶ୍ଚିତ ହେବ । ଅଞ୍ଜଳି ବିକାଶଙ୍କୁ କଣେଇ କଣେଇ ଚାହୁଁଥିଲା ଏବଂ ଆଖିରୁ ବୋହୁଥିବା ଗରମ ଲୁହକୁ ଓଠ ଦେଇ ପିଇ ଯାଉଥିଲା । ତାଙ୍କ ଝିଅର ପାଠ ପଢା ଖର୍ଚ୍ଚ, ଲୁଗାପଟା, ସାଇକେଲ କିଣା ସବୁ ଖର୍ଚ୍ଚ ସରକାର ଦେବେ ବୋଲି ତାଙ୍କୁ ଆଶ୍ୱାସନା ଦେଇଥିଲେ । ଦୁହେଁ ଅନେକ ଆଶା ନେଇ ଆଖି ପୋଛି ପୋଛି ବିକାଶଙ୍କ ଅଫିସ ଚ୍ୟାମ୍ବର୍‌ରୁ ବାହାରି ଗଲେ । ପରଦିନ ହିମାଂଶୁର ଦୋକନ ଭଙ୍ଗା ହେଲା । ପ୍ରାୟ ଛଅ ମାସ ଭିତରେ ବିକାଶ ସ୍ୱର୍ଗଦ୍ୱାର ନିକଟରେ ଗୋଟିଏ ସରକାରୀ ଦୋକାନ ହିମାଂଶୁ ଏବଂ ଅଞ୍ଜଳି ନାମରେ ଲିଜ୍‌ରେ କରାଇ ଦେଇଥିଲେ, ହିମାଂଶୁର ଝିଅ ପାଇଁ ସୁଚିତ୍ରାଙ୍କୁ କହି ମାଗଣା ପାଠ ପଢ଼ିବାର ସୁଯୋଗ ସହିତ ମାଗଣା ହଷ୍ଟେଲ୍ ବନ୍ଦୋବସ୍ତ କରିଥିଲେ । ଏବେ ଅଞ୍ଜଳି ଏବଂ ହିମାଂଶୁ ଦୁହେଁ ବିକାଶଙ୍କ ଉପକାର ସାରା ଜୀବନ ଭୁଲି ପାରିବେନି ବୋଲି ସମସ୍ତଙ୍କୁ କୁହନ୍ତି ।

ସୁଚିତ୍ରା ବିକାଶଙ୍କ ପରି ସ୍ୱାମୀ ପାଇ ନିଜକୁ ଧନ୍ୟ ମନେ କରନ୍ତି । ବିକାଶ ଏତେ କଷ୍ଟ ଭୋଗି ଅଞ୍ଜଳି ଏବଂ ହିମାଂଶୁଙ୍କ ଉପରେ ପ୍ରତିଶୋଧ ନନେଇ କ୍ଷମା କରିଛନ୍ତି, ସରକାରୀ ଅଧିକାରୀ ଭାବେ ଜଣେ ଗରିବ ପରିବାରକୁ ହୃଦୟରୁ ସରକାରୀ ସାହାଯ୍ୟ ଯୋଗାଇ ଦେଇଛନ୍ତି, ଏହାହିଁ ବିକାଶଙ୍କ ମହନୀୟତା । ସମୟ ସବୁଠାରୁ ବଳବାନ ବୋଲି ସ୍ୱୟଂ ଭଗବାନ ପ୍ରମାଣିତ କରିଦେଇଛନ୍ତି ।

*ବରିଷ୍ଠ ନାଗରିକ,ସ୍ନେହ କୁଟୀର*
*ଝାଞ୍ଜିରୀମଙ୍ଗଳା,କଟକ-୭୫୩୦୦୯*
*ମୋ-୯୯୩୭୧୭୪୦୯୭*

## ଏକ ଖିଆଲି ମଣିଷ

*ଲକ୍ଷ୍ମୀପ୍ରିୟା ଓଝା*

ଏକ ଅଜବ ଖିଆଲ
ବାଇ ମହାନ୍ତିମାନେ ହିଁ ପୋଷି ପାରନ୍ତି
ପୋଷି ପାରନ୍ତି ବୋଲି ତ
ସୃଷ୍ଟି କରିପାରନ୍ତି ନୂଆ ସାମ୍ରାଜ୍ୟ
ଫୁଟେଇ ପାରନ୍ତି ହସ ଅନ୍ୟର ଓଠରେ

ସେଇ ଅଜବ ଖିଆଲ
ସେଇ ଅଜବ ଖିଆଲ ଯୋଗୁ
ପୁଲାଙ୍ଗ ତେଲର ମିଞ୍ଜି ମିଞ୍ଜି ଡିବି ଆଲୁଅରେ ଜାଳି ନିଜ ସୁଖ
ଓଡ଼ିଆ ଜାତି ପାଇଁ ଖୁସିଫୁଲ ସାଉଁଟି
ଋଷିସମ ଧ୍ୟାନମଗ୍ନ ହୁଅନ୍ତୁ
ଗୋଟେ ବହେମିଆନ ମଣିଷ

ସେଇ ଅଜବ ଖିଆଲ ହିଁ
ଅପମାନର ନର୍ଦ୍ଦମାକୁ ଚଳୁକରି
ନୀଳକଣ୍ଠ ସାଜି
ବାଣ୍ଟି ପାରନ୍ତି ଅମୃତ
ଅଣ୍ଟା ଭାଙ୍ଗି, ମଥାପାତି
ଠିଆ ହେଇପାରନ୍ତି
ଗୋଟେ ବେପରୱା ମଣିଷ



ଗୋଟେ ରାଜ୍ୟର ଅସ୍ମିତକୁ ବଞ୍ଚାଇବାକୁ ଯାଇ
ନିଜର ମାନ, ସମ୍ମାନ, ଇଜ୍ଜତ,
ପ୍ରତିପତ୍ତି, ଆଭିଜାତ୍ୟ, ପେଶା
ବାଜି ଲଗେଇପାରନ୍ତି
ବାଜି ଲଗେଇ ପାରନ୍ତି ନିଜକୁ
ବନ୍ଧା ପକେଇପାରନ୍ତି ଘରକୁ !

ଜାଣେ ନା କେତେ ଦଶନ୍ଧିରେ ଥରେ
ଜନ୍ମ ନେଉଥିବା ବାଇ ମହାନ୍ତିମାନେ ହିଁ
ଏମିତି ଅଜବ ଖିଆଲ ବୁଣି
ବଞ୍ଚେଇ ପାରନ୍ତି ଗୋଟେ ଦେଶକୁ ଗୋଟେ ଭାଷାକୁ ।



**(ଭାଷାକୋଷ ପ୍ରଣେତା ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ୧୫୦ତମ ଜୟନ୍ତୀ ଅବସରରେ ତାଙ୍କୁ ଉତ୍ସର୍ଗୀକୃତ ଏ କବିତା)**

*ସିଦ୍ଧେଶ୍ୱରପୁର, କଟକ*
*ଫୋନ୍- ୭୪୯୦୯୯୬୮୬୫*

## କାହିଁକି

*ଐଶ୍ୱର୍ଯ୍ୟା ପ୍ରଧାନ*

ମାଗିଲ ବୋଲି ତ ଦେଲି
ନିର୍ଜନ ରାତିରେ ଦେହର ଉଷ୍ମତା
ତୁମ ଗଣ୍ଡ ଦେଶରେ ମୋ ଲିପ୍‌ଷ୍ଟିକ୍ ଦାଗ
ତୁମ ସାର୍ଟରେ ନେସି ହୋଇଥିବା କଜଳ
ବଖାଣୁଥିଲା ମୋ ହୃଦୟର ଅଭିବ୍ୟକ୍ତି
ସମର୍ପିତ କଲି ସର୍ବସ୍ୱ
କେବଳ ଚାହିଁଥିଲି
ତୁମ ଜୀବନ ରାସ୍ତାରେ ସାଥିଟିଏ
ହେବାର ପ୍ରତିଶ୍ରୁତି

ତୁମେ ନ ଥିବା ପଣରେ ବି
ଅନୁଭବ କରୁଥିଲି
ତୁମ ଉପସ୍ଥିତି
ଗାଢ଼ କଳା ରଙ୍ଗରେ
ରଙ୍ଗେଇ ଦେଉଥିଲି ଆଖିକୁ
ଓଠକୁ ସଜଉ ଥିଲି ଲାଲ ଗୋଲାପ ପରି
ତୁମକୁ ପସନ୍ଦ ବୋଲି
ମାଖି ହେଉଥିଲି ରାନୀ ପର୍ଫ୍ୟୁମ୍
ମିଠା ମିଠା ସୁଗନ୍ଧରେ ମହକି ଉଠୁଥିଲା
ମୋ ତନୁ ବଲ୍ଲରୀ

ଆଜି ଦେଖ
ମୁଁ ଗୋଟାଏ ବାସୀ ଫୁଲ,
ବର୍ଜିତ, କଳଙ୍କିତ
ହରେଇ ସାରିଛି ନିଜର ସତେଜତା,
ପବିତ୍ରତା
ଆଉ ଲାଗି ପାରିବିନି
କେଉଁ ଠାକୁରଙ୍କ ପାଦରେ
କାହିଁକି ?

*ପୋଷ୍ଟାଲ କଲୋନୀ,*
*ଭବାନୀପାଟଣା , କଳାହାଣ୍ଡି*
*ମୋ- ୭୦୦୮୯୩୧୫୯୯*

## ପାର୍ବଣ ମହକ ବାସିଲାଣି

*ଧ୍ରୁବ ଚରଣ ଘିବେଲା*

ଗାଡ଼ିଆରେ କଇଁ ପଦ୍ମ ଫୁଟିଲେଣି
ଦେଇକି ସୁନ୍ଦର ବାରତା
ବାଟର ବାଟୋଇ ଗାଡ଼ିଆକୁ ଚାହିଁ
ଓଠେ ରଖେ ହସ ଯଥା
ଗାଡ଼ିଆ ସୌନ୍ଦର୍ଯ୍ୟ ବାଢ଼ି ଦେଇଥାନ୍ତି
କଇଁ ପଦୁଅଁ ବଢ଼ିଆ
କଇଁର ଚମକ ପଦୁଅଁ ମହକ
ତନୁ ମନେ ସୁଖଦିଆ
ବାଟ କାଶଫୁଲ ବସାଇଛି ହାଟ
ଦେହେ ନାଇ ଧଳା ପାଟ
ଧଳାର ଓଢ଼ଣି ମଥା ପରେ ଟାଣି
ଅଶିଣେ ଦେଖାଏ ଥାଟ
ବାଟେ କାଶଫୁଲ ଘରେ ଜହ୍ନିଫୁଲ
ଯେଝା ସ୍ଥାନେ ଶୋଭା ପାଇ
ବାଡ଼ି ବଗିଚାରେ ଜହ୍ନିଫୁଲ ଫୁଟି
ଝଟକେ ହଳଦୀମୁହିଁ
ଏବେ ଅଶିଣରେ ବରଷ ବି ଝରେ
ଘଡ଼ଘଡ଼ି ସାଥେ ଆସି
ଅଶିଣ ଆକାଶ ନାହିଁ ମେଘମୁକ୍ତ
କଳା ମେଘ ଦିଶେ ଭାସି
ଅଶିଣ ଆକାଶ ଅଗଣାରେ ଭାସେ
କଳାହାଣ୍ଡିଆ ବଉଦ
ଧରା ଅଗଣାକୁ କରେ କର୍ଦ୍ଦମାକ୍ତ
ବହିଯାଇ ପାଣି କାଦ
ଅଶିଣରେ ପୂଜା ପାଇବେ ମା' ଦୁର୍ଗା
ପୂଜା ମଣ୍ଡପେ ପ୍ରସ୍ତୁତି
ଚାଲିଛି ତିଆରି ମେଢ଼ କାରିଗରୀ
ମାଆଙ୍କ ମୃଣ୍ମୟ ମୂର୍ତ୍ତି
ପୂଜାର ମହକ ବାସିଆସିଲାଣି
ଆସୁଛନ୍ତି ଦୁର୍ଗା ମାଆ
ଢାଳିବେ ଆଶିଷ କରି ଆଶୀର୍ବାଦ
ସାହା ହେବେ ନିଶ୍ଚେ ମାଆ ।

*ବଉଦରାଜ, ଜି-ବୌଦ୍ଧ*
*ମୋ-୯୪୩୭୪୭୮୪୬୬*

## ଅପେକ୍ଷାରତ ନିର୍ଜନ ପଥେ

*ରାଜଲକ୍ଷ୍ମୀ ମହାପାତ୍ର*



କଦମ୍ବ ଡାଳେ ପୁନେଇଁ ତିଥିରେ
ଡେଣା ମେଲେଇ ତୁମ ସହ ବସିବାର
ପହିଲି ସୁରୁଜ କିରଣ ଛୁଆଁରେ
ଅନ୍ତ ହୁଅଇ ମୋ ଅନାବନା କଳ୍ପନାର,
ଗୋଡରେ ବେଡି, ଚାରିପାଖ ଲୁହା ବାଡି,
ଦେଖି, ଛଳ ଛଳ ଦିନୟନେ..
ମୁଁ କରେ ବସି ମିଶାଣ, ଫେଡାଣ,
ପରିସ୍ଥିତିର ସାଧା କାଗଜ ଉପରେ
କିଛି ପାଇବା, କିଛି ହରେଇବାର !
ଉପଲବ୍ଧି ହୁଏ ହିସାବ ନିକାସରୁ
ଜୀବନର ମୋ ହୋଇଛି ଗୁଣନ
ଶୂନ ଖାଲି, ଶୂନ ସାଥେ,
କେବେ ଆସିବ କୁହ.. ?
ତୁମ ପ୍ରେମ ପାଦ ପରଶେ
କରିବ ମୁକ୍ତ ଏ ବେଡ଼ିରୁ ମୋତେ,
ତୁମ ଆସିବା ବାଟକୁ ଚାହିଁ
ଅପେକ୍ଷାରତ ମୁଁ ନିର୍ଜନ ପଥେ ।

ବିହଙ୍ଗ ତୁମେ ମୁକ୍ତ ଆକାଶର
ମୁକ୍ତ ଦିଗ୍‌ବଳୟେ କର ବିହାର,
ଶାରୀଟିଏ ମୁଁ ପଞ୍ଜୁରୀ ଭିତରର
ସପନ ଦେଖଇ, ବନ୍ଧନରୁ ମୁକୁଳି
ଆକାଶେ ତୁମ ସହ ଉଡିବାର
ଖୋଲା ନୟନେ, ଭାବନାରେ ହଜେ
ଡେଇଁ କାରାଗାର, ଚୁଲୁବୁଲି ମନ ମୋର,
ଅନୁଭବ କରେ ସେ ଶାଶ୍ୱତ ପ୍ରେମ

*ପୁରୀ କେନାଲ ରୋଡ,*
*ହଂସପାଳ, ଭୁବନେଶ୍ୱର*

## ଅରଣ୍ୟରୁ ଜ୍ଞାନ-୧

*ଅଶୋକ ବିଶ୍ୱାଳ*

ମହା ଅରଣ୍ୟର ନିର୍ଜନରେ
ନିଜକୁ ନିରିଖି ମୁଁ ଅନାଇଲି,
ଗହନ ଏକ ବନ
ମନର ଭିତରେ ତିଆରି ହୋଇଛି
ଗଭୀର ଅରଣ୍ୟରେ
ଡାଳ ଲଟା ଛନ୍ଦି ହେଲାପରି
ଅନୁଭୂତିମାନ ଛନ୍ଦି ହୋଇଛନ୍ତି
ଦେଖି ଆଶ୍ଚର୍ଯ୍ୟ ଲାଗିଲା ।

ଲାଗୁଥିଲା,
ମନ ଏକ ଚିତ୍ର ପ୍ରକ୍ଷେପକ ଯନ୍ତ୍ର
କେତେ ଛଇ,
କେତେ ପରସ୍ତ ଛାଇକୁ
ଭାବନାର ପରଦାରେ ତ ଦେଖାଏ
ମୋତେ ଚକିତ କରାଇବାକୁ
ଶୁକୁଟା ରହସ୍ୟମାନ
ବନରେ ନିଶ୍ଚେ ଉଙ୍କିମାରୁଥିବ ।

ଶିହରି, କହିଲି ମନକୁ
ସେଇପରି ଏ ଅରଣ୍ୟରେ
କେତେ କଳା ରଙ୍ଗ, କେତେ ଢଙ୍ଗ ଥିବ
ଛାଇ ଅନ୍ଧାରରେ
ଭୟଙ୍କର ରୂପମାନ ଲୁଚି ରହିଥିବ
ଆଉ ନାଟକର ଚରମ ମୁହୂର୍ତ୍ତ ଆସିବ ।

ତଥାପି ନିଶ୍ଚିତ ହେବାକୁ
ଖୋଲା ଆଖିରେ
ଘୋର ଜଙ୍ଗଲକୁ ଭଲକରି ପରଖିଲି
ଦିନ ଆଲୁଅରେ ସବୁ ସ୍ପଷ୍ଟ ତ ଦିଶୁଛି
ଡରି ଏଯାଏଁ ଦେଖୁ ମୁଁ ନଥିଲି ।

ବୋଧହେଲା,
ଆଖି ଖୋଲି ଦେଖିଲେ, ବୁଝିଲେ
ମହା ଅରଣ୍ୟରେ କିଛି ଡରିବାର ନାହିଁ
ସେଇମିତି ମନ ଅରଣ୍ୟରେ
ଭୟଙ୍କରୀ କିଛି କେମିତି ରହିବ
ଯଦି ବୋଧ ଆଉ ଜ୍ଞାନ ଆଲୋକରେ
ସବୁଆଡ଼ ଆଲୋକିତ ହୋଇଯାଇଥିବ ।

## ଭୋଦୁଅ

*ସରୋଜିନୀ ଜେନା*



ବର୍ଷା ଛାଡିଛାଡି ଆସୁଥିବା
ଓଦା ଆକାଶର ନାଆଁ
କେଉଁ ଋତୁ କେଜାଣି !

ଦେହରୁ ଉତୁରି ଯାଉଥିବା
ତାତିର ମହୋଷୌଧୀର ନାଆଁ
ହୁଏତ ହେଇପାରେ ଭୋଦୁଅ !!

ଆଣ୍ଠୁଏ ପାଣିରେ ନହକି ଯାଉଥିବା
କଇଁ କି ପଦ୍ମ ଫୁଲର ମୁହଁ
ଆକାଶକୁ ଦେଖିବା ବେଳେ
ରାତିର ଟୋପାଏ କାକର କି ଲୁହ
ନା ଜଣାଥାଏ ସୂର୍ଯ୍ୟଙ୍କୁ ନା ଚନ୍ଦ୍ରଙ୍କୁ

କୁଆଁରୀ ମନର ଖୁଦୁରୁକୁଣୀ
କେବଳ ସଞ୍ଜବେଳ ଭୋଗଡାଲା,
ଗାଆଁ ଦାଣ୍ଡ ଧୂପ ଦିହୁଡି କାଠି,
ପୂଜାକୋଠି, ଜହ୍ନି, କାକୁଡି ଫୁଲର
ଗଜରାରେ ବନ୍ଧା
ବରଦାୟିନୀ ମାଆ ମଙ୍ଗଳା
ରଞ୍ଜା ଭାଙ୍ଗୁଥିବା କଷି କାକୁଡିର ଭୋଗ,
ସାତଖଣ୍ଡ ଡାଳି ହଳଦୀ ବଟାରେ ଥପା
ମାଆ ବିମଳା ବୁଧେଇ ନାଆଁରେ
ଦେଇପାରନ୍ତି ଅପୁତ୍ରିକକୁ ପୁତ୍ର,
ଅଫଳନ୍ତି ଗଛକୁ ଫଳ,
ମଲା ରୋଗଣା ପୁଅକୁ ଜୀବଦାନ

ସେଇ ଭୋଦୁଅ ଆସିଲେ
ଷଠି ଠାକୁରାଣୀ ବଜରମୂଳି,
ବିଲବାଲୁଙ୍ଗା, ସାରୁଗଛରେ ଝାଡି
ବରଷି ଦିଅନ୍ତି କରୁଣାବାରି
ଲୁହା ଲେଖନୀରେ ଲେଖି ଦିଅନ୍ତି
ପରମାୟୁ ରେଖା,
ବିଶ୍ୱାସର ଲକ୍ଷ୍ମଣରେଖାକୁ ନିଘା ରଖି
ପୁଅ ଥିଲା ମାଆ ତିରଣ କାମୁଡି
କାନିପାତେ ବଜ୍ର କରିବାକୁ
ତା ସଂସାରର ସୁଖ ଶିରି ଆଉ ସୌଭାଗ୍ୟ
ଯାହା ତାକୁ ଶିଖେଇ ଯାଇଛନ୍ତି
ତା ଶାଶୁ, ଗୋସେଇଁଶାଶୁ ଅବା
ବୟସରେ ଯେତେସବୁ ପୁରୁଖା

ସେଇ ଭୋଦୁଅ ଆସିଲେ
ପୁଣି ନିଶା ରାତିରେ
ଆକାଶରେ ଏକାଠି ହୁଅନ୍ତି ସାତମେଘ
ଦେବକୀର ଅନ୍ତଫାଡି
କଂସର ବନ୍ଦୀଶାଳାରେ
ଜନ୍ମ ହୁଅନ୍ତି କୃଷ୍ଣ
ପ୍ରସବ ବେଦନାର ଅପାର ଆନନ୍ଦରେ
ବିଭୋର ପଣରେ ସେ ଭୁଲିଯାଏ
ସାତଟି ମୁହୂର୍ତ୍ତ ପରି
ସାତ ସନ୍ତାନଙ୍କ ଅନ୍ତ

ଯମୁନାର ପାଣି ପରି
ଦୁଇ ଭାଗ ହୋଇଯାଏ
ଦେବକୀର ଲୁହ ...
ବନ୍ଦୀଶାଳାରେ ବନ୍ଧାଥାଇ ଦୁଇଟି ଆଖି
ଯମୁନାର ସେପାରିକୁ ଭସାଇଦିଏ
ତା ହୃଦୟର କୋହ

ଉଗ୍ରସେନଙ୍କ ମୁଣ୍ଡ ଉପର ଟୋକେଇରେ
ତା ଭାଗ୍ୟକୁ ରଖିଦେଇ
ସେ ଜପୁଥାଏ କୃଷ୍ଣ,
କେଶବ, ବାସୁଦେବ ନାମ
ଛାଡିଯାଏ ବର୍ଷା, ସଫା ଦିଶେ ଆକାଶ
ଆଶା, ଆଶଙ୍କା, ଆନନ୍ଦ, ବିଷାଦର
ନିର୍ଲିପ୍ତ ଆଖି ତଳେ,
କଇଁ ଫୁଲର ଚାହାଁଣୀରେ
ଭୋଦୁଅ ନାଆଁରେ ଲେଖି ହେଇଯାଏ
ସାତ ବୋଇତର ତଅପୋଇ ଗୀତ ।

*କଦ୍ରିମୂଳ,କଲ୍ୟାଣପୁର,ଡେଲାଙ୍ଗ,ପୁରୀ,*
*ସଂପର୍କ- ୯୪୩୭୫୨୪୫୮୦*

# ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ : ବର୍ଷା ଧୋଇନେଲା ପ୍ରଥମ ଦିନର ଅଧା ଖେଳ

**କାନପୁର**

ଭାରତ-ବାଂଲାଦେଶ ମଧ୍ୟରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି ଦ୍ୱିତୀୟ ଟେଷ୍ଟ। ଦୁଇ ଟିକିଆ ଟେଷ୍ଟ ସିରିଜରେ ଭାରତ ପ୍ରଥମ ମ୍ୟାଚ୍ ଜିତି ୧-୦ରେ ଆଗୁଆ ରହିଛି। ଶୁକ୍ରବାର କାନପୁରରେ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହୋଇଥିବା ବେଳେ ବର୍ଷା ଏଥିରେ ପ୍ରତିବନ୍ଧକ ସାଜିଛି। ପ୍ରଥମ ଦିନର ଅଧା ଖେଳକୁ ଧୋଇ ଦେଇଛି ବର୍ଷା। ଲଞ୍ଚ ବ୍ରେକର ୯ମ ଓଭର ପରେ ଆରମ୍ଭ ହୋଇଥିବା ବର୍ଷା ନ ଛାଡ଼ିବାରୁ ପ୍ରଥମ ଦିନର ଖେଳକୁ ସେହି ଠାରେ ହିଁ ବନ୍ଦ କରି ଦିଆଯାଇଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ବାଂଲାଦେଶ ପ୍ରଥମ ଦିନର ଖେଳ ବନ୍ଦ ହେବା ବେଳକୁ ୩ ୱିକେଟ ହରାଇ ୧୦୭ ରନ କରିଛି। ମୋମିନୁଲ ହକ ୪୦ ଓ ଅଭିଜ୍ଞ ମୁଶଫିକର ରହିମ ୬ ରନ କରି କ୍ରିଜ୍‌ରେ ଅପରାଜିତ ରହିଛନ୍ତି। ଶନିବାର ଯଦି ପାଗ ଠିକ୍‌ଠାକ୍ ରହିବ, ତା'ହେଲେ ଉଭୟ ପୁଣି ବ୍ୟାଟିଂ କରିବେ। ପ୍ରଥମ ଦିନରେ ମୋଟ ୩୫ ଓଭର ଖେଳା ଯାଇଥିବା ବେଳେ ଭାରତ ପାଇଁ ଆକାଶ ଦୀପ ୨ଟି ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ୱିକେଟ ନେଇଛନ୍ତି।

କାନପୁରର ଗ୍ରୀନ ପାର୍କ ଷ୍ଟାଡିୟମରେ ଖେଳା ଯାଉଥିବା ଏହି ମ୍ୟାଚ୍‌ରେ ଆରମ୍ଭରୁ ହିଁ ବର୍ଷା ବାଧକ ସାଜିଥିଲା। ଧାର୍ଯ୍ୟ ସମୟ ମଧ୍ୟରେ ଟସ୍ ପଡ଼ି ପାରି ନଥିଲା। ଦିନ ୧୦ଟାରେ ପାଗରେ ପରିବର୍ତ୍ତନ ହେବାରୁ ଟସ୍ ପଡ଼ିଥିଲା। ଭାରତର ଅଧିନାୟକ ରୋହିତ ଶର୍ମା ଟସ୍ ଜିତିବା ପରେ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ।

ସ୍ପିନକୁ ପିଚ୍ ସୁହାଇବ ବୋଲି କୁହାଯାଉଥିଲେ ହେଁ ଭାରତ ଚୂଡ଼ାନ୍ତ ଏକାଦଶରେ କୌଣସି ପରିବର୍ତ୍ତନ କରିନାହିଁ। ଦଳ ପ୍ରଥମ ଟେଷ୍ଟ ଭଳି ଶୁକ୍ରବାର ୩ ପେସର ଓ ୨ ସ୍ପିନର ଅଲରାଉଣ୍ଡରଙ୍କ ସହ ମୈଦାନାକୁ ଓହ୍ଲାଇ। ହେଲେ ବାଂଲାଦେଶ ଅତିରିକ୍ତ ସ୍ପିନରଙ୍କୁ ଚୂଡ଼ାନ୍ତ ଏକାଦଶରେ ରଖିଛି।



ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ବାଂଲାଦେଶର ଦୁଇ ଓପନର ଜାକିର ହାସନ ଓ ଶଦମାନ ଇସଲାମ ୮ ଓଭର ଯାଏ କୌଣସି କ୍ଷତି ଘଟାଇବାକୁ ଦେଇ ନଥିଲେ। କିନ୍ତୁ ଏହି ୮ ଓଭ ଭିତରେ ବାଂଲାଦେଶ କେବଳ ୨୬ ରନ କରିଥିଲା ଓ ଜାକିର ୨୪ ବଲରେ ଖାତା ଖୋଲିବାକୁ ସକ୍ଷମ ହୋଇ ନଥିଲେ। ୯ମ ଓଭରରେ ଆକାଶ ଦୀପ ବୋଲିଂ କରିବାକୁ ଆସି ଜାକିର(୦)ଙ୍କୁ ପ୍ରଥମେ ଯଶସ୍ୱୀ ଜୈସୱାଲଙ୍କ ଦ୍ୱାରା କ୍ୟାଚ୍ କରାଇ ପ୍ୟାଭିଲିୟନ ପଠାଇଥିଲେ। ଏହାପରେ ୨୪ ରନ କରିଥିବା ଶଦମାନ ଗୋଟିଏ ଓଭର ପରେ ଆକାଶ ଦୀପଙ୍କ ଦ୍ୱିତୀୟ ଶିକାର ବନିଥିଲେ। ବାଂଲାଦେଶ ୨୯ ରନରେ ଦ୍ୱିତୀୟ ୱିକେଟ ହରାଇଥିଲା।

ଏତିକି ବେଳେ ଅଧିନାୟକ ନଜମୁଲ ହୁସେନ ସାଣ୍ଟୋ ଓ ମୋମିନୁଲ ହକ ସ୍ଥିତି ସମ୍ଭାଳିଥିଲେ। ସାଣ୍ଟୋ କାଉଣ୍ଟର ଆଟାକ୍ କରିବାକୁ ଚେଷ୍ଟା କରିଥିବାବେଳେ ମୋମିନୁଲ ୱିକେଟ ବଞ୍ଚାଇବାରେ ଲାଗିଥିଲେ। ଉଭୟ ଲଞ୍ଚ ଯାଏ (୧୨.୩୦) ଦମ୍‌ଦାର ବ୍ୟାଟିଂ କରିବା ସହ ଭାରତକୁ ଆଉ କୌଣସି କ୍ଷତି ଘଟାଇବାକୁ ଦେଇ ନଥିଲେ। ମୋମିନୁଲ ୧୭ ଓ ସାଣ୍ଟୋ ୨୬ ରନ କରିଥିବା ବେଳେ ଲଞ୍ଚ ବ୍ରେକ ହୋଇଥିଲା। ଏହି ସମୟରେ ବାଂଲାଦେଶ ସ୍କୋର ୭୪/୨ ରହିଥିଲା।

ତେବେ ଲଞ୍ଚ ବ୍ରେକ୍ ପରେ ଭାରତ ରଣନୀତି ବଦଳାଇ ଥିଲା। ବୋଲିଂ କରିବାକୁ ଆସିଥିଲେ ଅଶ୍ୱିନ। ସେ ଲଞ୍ଚ ବ୍ରେକର ତୃତୀୟ ଓଭରରେ ହିଁ ସାଣ୍ଟୋ(୩୧)ଙ୍କୁ ଆଉଟ୍ କରି ଦେଇଥିଲେ। ୮୦ ରନରେ ବାଂଲାଦେଶକୁ ତୃତୀୟ ଝଟ୍‌କା ଲାଗିଥିଲା। ଆଉଟ ହେବା ପୂର୍ବରୁ ସେ ମୋମିନୁଲଙ୍କ ସହ ମିଶି ବାଂଲାଦେଶ ପାଇଁ ୫୦ ରନ ଯୋଡ଼ିଥିଲେ। ଏହାପରେ ମୋମିନୁଲ ଓ ମୁଶଫିକର ବ୍ୟାଟିଂ କରୁଥିବା ବେଳେ ଦିନ ପ୍ରାୟ ୨ଟାରେ କାନପୁର ଆକାଶରେ କଳା ମେଘ ଘୋଟି ଆସିଥିଲା। ଅମ୍ପାୟାର ମ୍ୟାଚ୍‌କୁ ସେହି ଠାରେ ବନ୍ଦ କରି ଦେଇଥିଲେ। ବର୍ଷା ଆରମ୍ଭ ହୋଇଯିବାରୁ ଆଉ ଖେଳ ସମ୍ଭବ ପର ହୋଇ ନଥିଲା। ଲଞ୍ଚ ପରେ କେବଳ ୯ ଓଭର ହିଁ ଖେଳାଯାଇଛି। ଏହି ୮ ଓଭରରେ ବାଂଲାଦେଶ ୩୩ ରନ କରିବା ସହ ଗୋଟିଏ ୱିକେଟ ହରାଇଛି। ଶନିବାର ବାଂଲାଦେଶ ୧୦୭/୩ରୁ ବ୍ୟାଟିଂ ଆରମ୍ଭ କରିବ।

# ବିରାଟଙ୍କୁ ଦେଖିବା ପାଇଁ ୭ ଘଣ୍ଟାରେ ୫୮ କିମି ସାଇକେଲରେ ଆସିଲେ ୧୫ ବର୍ଷୀୟ ଛାତ୍ର



**କାନପୁର**

ଟିମ୍ ଇଣ୍ଡିଆର କ୍ରିକେଟର ବିରାଟଙ୍କ ପାଇଁ ପାଗଳ। କେବଳ ତାଙ୍କର ଟିକିଏ ଝଲକ୍ ପାଇଁ ସ୍କୁଲରେ ପଢୁଥିବା ଜଣେ ୧୫ ବର୍ଷୀୟ ପିଲା କରିଛନ୍ତି ଅଜବ କାଣ୍ଡ। ସେ ବିରାଟଙ୍କୁ କେବଳ ଟିକିଏ ଦେଖିବା ପାଇଁ ଦୀର୍ଘ ୫୮ କିମି ରାସ୍ତା ସାଇକେଲ ଚଳାଇ ଆସିଛନ୍ତି। ଏଥିପାଇଁ ତାଙ୍କୁ ଲାଗିଛି ୭ ଘଣ୍ଟା। ୧୫ ବର୍ଷୀୟ କାର୍ତ୍ତିକେୟଙ୍କ ଏପରି ଇଚ୍ଛା ଶକ୍ତି ଓ ବିରାଟ କୋହଲିଙ୍କ ପ୍ରତି ଥିବା ତାଙ୍କ ଭଲ ପାଇବା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କାର୍ତ୍ତିକେୟଙ୍କ ଘର ଉତ୍ତର ପ୍ରଦେଶର ଉନ୍ନାଓରେ। ଶୁକ୍ରବାର ଠାରୁ ଭାରତ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ଟେଷ୍ଟ କାନପୁରର ଗ୍ରୀନ ପାର୍କ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏହି ଟେଷ୍ଟରେ ବିରାଟଙ୍କୁ ଦେଖିବା ପାଇଁ କାର୍ତ୍ତିକେୟ ଷ୍ଟାଡିୟମ ଠାରୁ ୫୮ କିମି ଦୂର ଉନ୍ନାଓରୁ ସାଇକେଲ ଧରି ଆସିଛନ୍ତି।

ଶୁକ୍ରବାର ଭୋର ୪ଟାରୁ କାର୍ତ୍ତିକେୟ ଏକାକୀ ଉନ୍ନାଓରେ ଥିବା ତାଙ୍କ ଘରୁ ସାଇକେଲ ଧରି ବାହାରି ଥିଲେ। ବାଟରେ କିଛି ସମୟ ବର୍ଷା ହୋଇଥିଲେ ହେଁ ବିରାଟଙ୍କ ପ୍ରତି ଥିବା ତାଙ୍କ ଭଲ ପାଇବାରେ ଏହା ଆଦୌ ବାଧା ସାଜି ନଥିଲେ। ସେ ବର୍ଷା ସତ୍ତ୍ୱେ ବିରାଟଙ୍କୁ ଦେଖିବା ପାଇଁ କାନପୁରର ଗ୍ରୀନ ପାର୍କ ଷ୍ଟାଡିୟମ ଅଭିମୁଖେ ଯାତ୍ରା କରିଥିଲେ। ଶେଷରେ ୭ ଘଣ୍ଟାର ନିରବଚ୍ଛିନ୍ନ ସାଇକେଲ ଯାତ୍ରା ପରେ ସେ ଦିନ ୧୧ଟା ବେଳେ ଷ୍ଟାଡିୟମ ନିକଟରେ ପହଞ୍ଚିଥିଲେ। ସାଇକେଲ ଚଳାଇ ଆସିଥିଲେ ମଧ୍ୟ ତାଙ୍କ ଉତ୍ସାହକୁ ଏହା ଫିକା କରିନାହିଁ। ସେ ଷ୍ଟାଡିୟମରେ ବିରାଟଙ୍କୁ ଦେଖିବାକୁ ବେଶ୍ ଉତ୍ସାହିତ ଥିବା କହିଛନ୍ତି। ୧୦ମ ଶ୍ରେଣୀରେ ପଢୁଥିବା କାର୍ତ୍ତିକେୟ ସାଙ୍ଗରେ ଗୋଟିଏ ପାଣି ବୋତଲ ଧରି ଏତେ ବାଟ ସାଇକେଲ ଯାତ୍ରା କରିଥିବାରୁ ତାଙ୍କୁ ସମସ୍ତେ ପ୍ରଶଂସା କରିବାରେ ଲାଗିଛନ୍ତି।

# ଅନୀଲ କୁମ୍ବଲେଙ୍କୁ ପଛରେ ପକାଇଲେ ଅଶ୍ୱିନ

**କାନପୁର**

ଟିମ୍ ଇଣ୍ଡିଆର ଭେଟରାନ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ନୂଆ ରେକର୍ଡ କରିଛନ୍ତି। ସେ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଗୋଟିଏ ୱିକେଟ ନେଇଥିଲେ ହେଁ ନୂଆ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ସେ ଏବେ ଏସିଆ ମହାଦେଶରେ ସର୍ବାଧିକ ୱିକେଟ ଦଖଲ କରିଥିବା ଭାରତୀୟ ହୋଇଯାଇଛନ୍ତି। ଶୁକ୍ରବାର ସେ କାନପୁରରେ ବାଂଲାଦେଶର ଅଧିନାୟକ ନଜମୁଲ ହୁସେନ ସାଣ୍ଟୋଙ୍କୁ ଆଉଟ କରି ଏସିଆ ମହାଦେଶରେ ୪୨୦ଟି ୱିକେଟ ନେବାର ରେକର୍ଡ କରିଛନ୍ତି। ୪୨୦ ୱିକେଟ ଦଖଲ କରିବା ପରେ ସେ ଭାରତର ଅନ୍ୟତମ କିମ୍ବଦନ୍ତୀ କ୍ରିକେଟର ଅନୀଲ କୁମ୍ବଲେଙ୍କୁ ପଛରେ ପକାଇ ଦେଇଛନ୍ତି। କୁମ୍ବଲେ ଏସିଆ ମହାଦେଶରେ ୪୧୯ଟି ୱିକେଟ ନେଇ ଭାରତୀୟଙ୍କ ମଧ୍ୟରେ ୧ନଂ ସ୍ଥାନରେ ରହିଥିଲେ।



ଅଶ୍ୱିନଙ୍କ ଟେଷ୍ଟ କ୍ୟାରିୟର ଅତୁଳନୀୟ। ସେ ଏଯାଏଁ ୧୦୨ଟି ଟେଷ୍ଟ ମ୍ୟାଚ୍ ଖେଳି ୫୨୩ଟି ୱିକେଟ ନେଇଛନ୍ତି। ଏସିଆରେ ତାଙ୍କ ପ୍ରଦର୍ଶନ ଅତ୍ୟନ୍ତ ଚମତ୍କାର। ବର୍ତ୍ତମାନ ସେ ଏସିଆ ମହାଦେଶ ୪୦୦ କିମ୍ବା ତା' ଠାରୁ ଅଧିକ ୱିକେଟ ନେଇଥିବା ବିରଳ କ୍ଲବରେ ନିଜକୁ ସାମିଲ କରିପାରିଛନ୍ତି। ତେବେ ଏସିଆ ମହାଦେଶରେ ସର୍ବାଧିକ ଟେଷ୍ଟ ୱିକେଟ ନେଇଥିବା ତାଲିକାରେ ଶ୍ରୀଲଙ୍କାର କିମ୍ବଦନ୍ତୀ କ୍ରିକେଟର ମୁଥିଆ ମୁରଲୀଧରନ ରହିଛନ୍ତି। ସେ ଟେଷ୍ଟ କ୍ରିକେଟରେ ମୋଟ ୮୦୦ ୱିକେଟ ନେଇଥିବା ବେଳେ କେବଳ ଏସିଆରେ ଏହି ସଂଖ୍ୟା ୬୧୨ ରହିଛି। ତାଙ୍କ ପରେ ଏସିଆରେ ୪୦୦ କିମ୍ବା ତା' ଠାରୁ ଅଧିକ ୱିକେଟ ନେଇଥିବା ଦୁଇ ଖେଳାଳି ହେଲେ ଅଶ୍ୱିନ ଓ ଅନୀଲ କୁମ୍ବଲେ।

ଏସିଆରେ ସର୍ବାଧିକ ୱିକେଟ ନେଇଥିବା ତାଲିକାରେ ମୁରଲୀଧରନ ୧ନଂରେ ଥିବା ବେଳେ ଦ୍ୱିତୀୟରେ ଅଶ୍ୱିନ ଓ ତୃତୀୟରେ କୁମ୍ବଲେ ରହିଛନ୍ତି। ଏହି ତାଲିକାର ତୃତୀୟ ସ୍ଥାନରେ ଥିବା ଅନ୍ୟତମ ଶ୍ରୀଲଙ୍କା କ୍ରିକେଟର ରଙ୍ଗନା ହେରାଥଙ୍କ ୱିକେଟ ସଂଖ୍ୟା ୩୫୪। ତାଙ୍କ ପଛକୁ ହରଭଜନ ସିଂହ ରହିଛନ୍ତି। ସେ ଏସିଆରେ ୩୦୦ ୱିକେଟ ଦଖଲ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏସିଆରେ ସର୍ବାଧିକ ୱିକେଟ ନେଇଥିବା ୫ ଜଣ ଯାକ ସ୍ପିନ୍ ବୋଲର। ସେମାନଙ୍କ ମଧ୍ୟରୁ ୪ ଜଣ ଅବସର ନେଇ ସାରିଛନ୍ତି। କିନ୍ତୁ ୩୮ ବର୍ଷୀୟ ଅଶ୍ୱିନ ଏବେ ବି ଟେଷ୍ଟ ଖେଳିବା ଜାରି ରଖିଛନ୍ତି।

# କେକେଆରର ମେଣ୍ଟର ହେଲେ ଡ୍ୱେନ ବ୍ରାଭୋ

**ନୂଆଦିଲ୍ଲୀ**

ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ ଅଲରାଉଣ୍ଡର ଡ୍ୱେନ ବ୍ରାଭୋ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଛନ୍ତି। ବ୍ରାଭୋ ନିଜେ ୨୦୨୧ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ବର୍ତ୍ତମାନ ତାଙ୍କୁ ଖେଳାଳି ଭାବରେ ଟି-୨୦ଲିଗରେ ମଧ୍ୟ ଦେଖିବାକୁ ମିଳିବ ନାହିଁ। କିନ୍ତୁ କ୍ରିକେଟ ପଡ଼ିଆରୁ ଦୂରେଇ ରହିବା ପରେ ମଧ୍ୟ ବ୍ରାଭୋ କ୍ରିକେଟ ସହ ସମ୍ପର୍କ ହରାଇ ନାହାଁନ୍ତି। ସେ କୋଚିଂ ଦୁନିଆରେ ପ୍ରବେଶ କରିଛନ୍ତି ଏବଂ ବର୍ତ୍ତମାନ ଆଇପିଏଲ ଦଳର କୋଲକାତା ନାଇଟ ରାଇଡର୍ସ (କେକେଆର)ର ମେଣ୍ଟର ଭାବରେ ଏକ ନୂତନ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି। ସମସ୍ତ ଫର୍ମାଟରୁ ଅବସର ନେବା ପରେ ଡ୍ୱେନ ବ୍ରାଭୋଙ୍କୁ ବର୍ତ୍ତମାନ କୋଲକାତା ନାଇଟ ରାଇଡର୍ସର ଜର୍ସିରେ ଦେଖିବାକୁ ମିଳିବ, କିନ୍ତୁ ଖେଳାଳି ଭାବରେ ନୁହେଁ ବରଂ ଜଣେ ମେଣ୍ଟର ଭାବରେ। କୋଲକାତା ନାଇଟ ରାଇଡର୍ସର ସୋସିଆଲ ମିଡିଆ ପେଜ୍‌ଗୁଡ଼ିକ ମାଧ୍ୟମରେ ଏହି ଘୋଷଣା କରାଯାଇଛି।

# ଟ୍ରଫି ଜିତିବା ଏକମାତ୍ର ଲକ୍ଷ୍ୟ : ହରମନପ୍ରୀତ କୌର

**ଦୁବାଇ**

ୟୁଏଇରେ ଅକ୍ଟୋବର ୩ରୁ ୨୦ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଅଧିନାୟିକା ହରମନପ୍ରୀତ୍ କୌର ଦଳର ଲକ୍ଷ୍ୟ ଓ ଆଭିମୁଖ୍ୟ ନେଇ ବିସ୍ତୃତ ବିବରଣୀ ଦେଇଛନ୍ତି। ସେ କହିଛନ୍ତି, ଏକ ଦଳ ଭାବେ ବିଶ୍ୱକପ୍ ଜିତିବା ଆମ ପାଇଁ ବହୁପ୍ରତୀକ୍ଷିତ ସ୍ୱପ୍ନ ହୋଇ ରହିଛି। ଟ୍ରଫି ଜିତିବା ହିଁ ଆମର ଏକମାତ୍ର ଲକ୍ଷ୍ୟ ହେବ। ଦେଶ ଓ ସମର୍ଥକଙ୍କ ପାଇଁ ଗୌରବ ଆଣିବାକୁ ଦଳର ସବୁ ଖେଳାଳି ଦୃଢ଼ ପ୍ରତିଶ୍ରୁତିବଦ୍ଧ।

ନିର୍ଭୀକ କ୍ରିକେଟ୍ ଖେଳି ଏହି ଦୁଇ ଲକ୍ଷ୍ୟ ପୂରଣ କରିବାକୁ ଆମେ ପାରୁପର୍ଯ୍ୟନ୍ତ ଚେଷ୍ଟା କରିବୁ। ଆମ ପାଇଁ ପ୍ରତି ମ୍ୟାଚ୍ ନିଜ ଦକ୍ଷତା, କୌଶଳ ଓ ପ୍ରତିଭା ପ୍ରଦର୍ଶନ କରି ଯୁବ ଓ ଉଦୀୟମାନ ତାରକାଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ସୁଯୋଗ ଦେବ। ବିଶ୍ୱକପ୍ ଜିତିବାର ଶକ୍ତି, ସାମର୍ଥ୍ୟ, ଦକ୍ଷତା ଆମ ପାଖରେ ଅଛି। ସେହିଭଳି ୟୁଏଇରେ ପ୍ରଥମ ଥର ଖେଳିବା ନେଇ ଉଲ୍ଲସିତ ଥିବା ହରମନପ୍ରୀତ୍ ମତ ଦେଇଛନ୍ତି। ଅକ୍ଟୋବର ୩ରୁ ଆରମ୍ଭ ହେବାକୁ ଯାଉଥିବା ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ପାଇଁ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ୍



ପରିଷଦ (ଆଇସିସି) ଅଫିସିଆଲ୍‌ଙ୍କ ନାମ ତାଲିକା ଘୋଷଣା କରିଛି। ସମସ୍ତ ପୂର୍ବ ଧାରାକୁ ଭଙ୍ଗ କରି ଏଥର କେବଳ ମହିଳା ଅମ୍ପାୟାରମାନେ ମହିଳା ବିଶ୍ୱକପ୍‌ର ସମସ୍ତ ମ୍ୟାଚ୍ ପରିଚାଳନା କରିବେ ବୋଲି ସ୍ପଷ୍ଟ ହୋଇଛି। ୟୁଏଇରେ ଅନୁଷ୍ଠିତ ହେବାକୁ ଥିବା ଏହି ମହିଳା ବିଶ୍ୱକପ୍ ପାଇଁ ୧୦ ଅମ୍ପାୟାର ଓ ୩ ମ୍ୟାଚ୍ ରେଫରିଙ୍କୁ ମନୋନୀତ କରାଯାଇଥିବା ବେଳେ ଏମାନେ ସମସ୍ତେ ମହିଳା। ବିଗତ ୪ ବିଶ୍ୱକପ୍ ପରିଚାଳନା କରିଥିବା ସବୁଠାରୁ ଅଭିଜ୍ଞ ଅମ୍ପାୟାର କ୍ଲେୟାର ପୋଲୋସାକ୍ ଏଥିରେ ସାମିଲ ଅଛନ୍ତି। କିମ୍ କଟନ୍ ଓ ଜ୍ୟାକଲିନ୍ ୱିଲିୟମ୍ସ ସେମାନଙ୍କ ତୃତୀୟ ବିଶ୍ୱକପ୍ ପରିଚାଳନା ସୁଯୋଗ ପାଇଛନ୍ତି। ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ଗତ ସଂସ୍କରଣ ଫାଇନାଲ୍‌କୁ ଏହି ଦୁଇ ଜଣ ପରିଚାଳନା କରିଥିଲେ। ଗତ ଫାଇନାଲ୍‌ରେ ଟିଭି ଅମ୍ପାୟାର୍ ଥିବା ସୁ ରେଡଫର୍ଣ୍ଣ ତାଙ୍କ ଚତୁର୍ଥ ବିଶ୍ୱକପ୍ ସୁଯୋଗ ପାଇଛନ୍ତି। ଜିମ୍ବାୱେ ଅମ୍ପାୟାର ସାରା ଡାମ୍ବାନେଭାନା କିନ୍ତୁ ବିଶ୍ୱକପ୍ ପଦାର୍ପଣ କରିବେ।

ଅମ୍ପାୟାର : ଲେରେନ୍ ଅନେଗବାଗ, କିମ୍ କଟନ୍, ସାରା ଡାମ୍ବାନେଭାନା, ଆନ୍ନା ହାରିସ୍, ନିମାଲି ପେରେରା, କ୍ଲେୟାର ପୋଲୋସାକ୍, ବ୍ରିନ୍ଦା ରାଠି, ସୁ ରେଡଫର୍ଣ୍ଣ, ଏଲୋସ ସେରିଡାନ୍, ଜ୍ୟାକଲିନ୍ ୱିଲିୟମ୍ସ। ରେଫରି: ସାନ୍ଦ୍ରେ ଫ୍ରିଜ୍, ଜିଏସ୍ ଲକ୍ଷ୍ମୀ, ମାଇକେଲ୍ ପେରେଇରା।

# ସର୍ବ ଭାରତୀୟ ରେଲବାଇ ଆର୍ଚେରୀ ଚାମ୍ପିଅନସିପ୍-୨୦୨୪ରେ ପୂର୍ବତଟ ରେଳପଥକୁ ୪ ପଦକ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଏକ ଚମତ୍କାର ପ୍ରଦର୍ଶନରେ ପୂର୍ବତଟ ରେଳପଥର ଖେଳାଳିମାନେ ଚିତ୍ତରଞ୍ଜନ ଲୋକୋମୋଟିଭ୍ ୱାର୍କସ (ସିଏଲଡବ୍ଲ୍ୟୁ)ରେ ୨୩ରୁ ୨୫ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ଆୟୋଜିତ ୧୪ତମ ସର୍ବଭାରତୀୟ ରେଲବାଇ ଆର୍ଚେରୀ ଚାମ୍ପିଅନସିପ୍ ୨୦୨୪ରେ ଚାରିଟି ପଦକ ହାସଲ କରିଛି। ରେଳଡବା ମରାମତି କାରଖାନା, ମଞ୍ଚେଶ୍ୱରରୁ ପ୍ରତିନିଧିତ୍ୱ କରୁଥିବା ସୁଭମ୍ ଦାଶ କମ୍ପାଉଣ୍ଡ ଗ୍ରୁପ୍‌ରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ଉଲ୍ଲେଖନୀୟ ଦକ୍ଷତା ପ୍ରଦର୍ଶନ କରିଥିବା ବେଳେ ରେଳପଥର ଜେନେରାଲ୍ ଷ୍ଟୋରସ୍ ଡିପୋ (ଜିଏସ୍‌ଡି)ର କୁଲଭେନ୍ଦର ସିଂ ସମାନ ବର୍ଗରେ ଦୁଇଟି ରୌପ୍ୟ ପଦକ ହାସଲ କରି ରେଳପଥ ପାଇଁ ଗର୍ବ ଏବଂ ସ୍ୱୀକୃତି ଆଣିଛନ୍ତି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସେମାନଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ସେମାନଙ୍କର ନିଷ୍ଠା ଏବଂ ପରିଶ୍ରମ ପାଇଁ ସେମାନଙ୍କୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ଉଭୟ ସୁଭମ୍ ଦାଶ ଏବଂ କୁଲଭେନ୍ଦର ସିଂଙ୍କ ଉଦ୍ୟମକୁ ପ୍ରଶଂସା କରି କ୍ରୀଡ଼ାରେ ଉତ୍କର୍ଷତା ପାଇଁ ଉଦ୍ୟମ ଜାରି ରଖିବାକୁ ତଥା ସଂଗଠନକୁ ଅଧିକ ଉତ୍ସାହିତ କରିବାକୁ ପ୍ରୋତ୍ସାହିତ କରିଥିଲେ। କ୍ରୀଡ଼ାରେ ପ୍ରତିଭା ପ୍ରତିପୋଷଣ ଏବଂ ଖେଳାଳିମାନଙ୍କୁ ସମସ୍ତ ଆବଶ୍ୟକୀୟ ସହାୟତା ପ୍ରଦାନ, ସେମାନଙ୍କର ପୂର୍ଣ୍ଣ ସାମର୍ଥ୍ୟ ହାସଲ କରିବାରେ ସାହାଯ୍ୟ କରିବାକୁ ସେ ରେଳପଥର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଚାମ୍ପିୟନସିପ୍‌ରେ ଜିତିଥିବା ପଦକ ଗୁଡ଼ିକ କେବଳ ରେଳ ସେବାରେ ନୁହେଁ ବରଂ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବାରେ ଏବଂ କର୍ମଚାରୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଉନ୍ନତ କରିବାକୁ ଉତ୍ସାହିତ କରିବାରେ ରେଳପଥର ଦକ୍ଷତାକୁ ସୂଚିତ କରୁଛି।

# ଦେଶର ଆକାଂକ୍ଷା: ମେକ୍ ଇନ୍ ଇଣ୍ଡିଆ



**ଶ୍ରୀ ପୀୟୂଷ ଗୋୟଲ**
କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ

ନିଭେମ୍ବର ୨୫ ତାରିଖ ଦିନ ଦେଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମହତ୍ତ୍ୱାକାଂକ୍ଷୀ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମର ୧୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ରୋଜଗାରର ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିବା ନିମନ୍ତେ ପୁଞ୍ଜି ନିବେଶକୁ ପ୍ରୋତ୍ସାହିତ କରିବା ସହିତ ସାଧାରଣ ନାଗରିକମାନଙ୍କୁ ଉପାର୍ଜନ ସୃଜନକର୍ତ୍ତା ରୂପେ ସୃଷ୍ଟି କରିବା ଏବଂ ସେମାନଙ୍କ ମନରେ ଆତ୍ମବିଶ୍ୱାସ ଭରିବାରେ ସହାୟକ ହୋଇପାରିଛି। ସର୍ବୋପରି 'ମେକ୍ ଇନ୍ ଇଣ୍ଡିଆ' ଭାରତର ଔଦ୍ୟୋଗିକ ପରିଦୃଶ୍ୟରେ ବ୍ୟାପକ ପରିବର୍ତ୍ତନ ଘଟାଇବାକୁ ସକ୍ଷମ ହୋଇଛି।

ଏହି ୧୦ ବର୍ଷ ଦେଶ ପାଇଁ ଏକ ଉଲ୍ଲେଖନୀୟ ଯାତ୍ରା ଭାବେ ପ୍ରମାଣିତ ହୋଇଛି ଯେଉଁ ଅବଧିରେ ଔଦ୍ୟୋଗିକ କ୍ଷେତ୍ରକୁ ବିକାଶର ଇଞ୍ଜିନ ଭାବରେ ନୂତନ ଉତ୍ସାହ ଯୋଗାଇ ଦିଆଯାଇଛି। ଏହା ଘରୋଇ ଆବଶ୍ୟକତାକୁ ପୂରଣ କରିବା ସହିତ ରପ୍ତାନି କ୍ଷେତ୍ରକୁ ମଧ୍ୟ ବିଶେଷ ଯୋଗଦାନ କରିବାକୁ ସକ୍ଷମ ହୋଇପାରିଛି। ଏହି ରୋମାଞ୍ଚକ ଯାତ୍ରା ଏକ କଠିନ ସମୟରେ ଶୁଭାରମ୍ଭ ହୋଇଥିଲା ଯେତେବେଳେ ରପ୍ତାନି କରିବାକୁ ଅକ୍ଷମ କଂଗ୍ରେସ ସରକାରଙ୍କ ନୀତିଗତ ନିଷ୍କ୍ରିୟତା ଏବଂ କୁଶାସନ କାରଣରୁ ଘରୋଇ ନିବେଶକମାନେ ସବୁ ଦୃଷ୍ଟିରୁ ନିରାଶ ହୋଇପଡ଼ିଥିଲେ। ଅର୍ଥବ୍ୟବସ୍ଥା ସର୍ବନିମ୍ନ ସ୍ତରରେ ଥିଲା ଏବଂଆତ୍ମବିଶ୍ୱାସ ସମ୍ପୂର୍ଣ୍ଣ ରୂପେ ତୁଟି ସାରିଥିଲା। ଗଣମାଧ୍ୟମରେ ମୁଖ୍ୟ ସମାଚାର ଭାବରେ ନିୟମିତ ଭାବରେ ଭ୍ରଷ୍ଟାଚାର ଏବଂ ଘୋଟାଲା ଭଳି ଖବରମାନଙ୍କ ସମ୍ପର୍କରେ ଆଲୋଚନା କରାଯାଉଥିଲା। ମୁଦ୍ରାସ୍ଫୀତି କ୍ରମାଗତ ଭାବରେ ବୃଦ୍ଧି ପାଇ ଚାଲିଥିଲା, ଋଣ ହାର ଅଧିକ ଥିଲା ଏବଂ ଭାରତୀୟ ମୁଦ୍ରା ସମ୍ପର୍କରେ ପୂର୍ବାନୁମାନ ଲଗାଇବା ସମ୍ପୂର୍ଣ୍ଣ ଅସମ୍ଭବ ଥିଲା।

ଦୁର୍ଭାଗ୍ୟ ଏବଂ ନିରାଶାର ଭାବନାକୁ ସମାପ୍ତ କରିବା ସକାଶେ ଭାରତୀୟ ମତଦାତାମାନେ ନିର୍ଣ୍ଣାୟକ ନିଷ୍ପତ୍ତି ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପକ୍ଷରେ ସେମାନଙ୍କର ମତଦାନ କରିଥିଲେ। ଆମର ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦୀ ଭାରତ ନିମନ୍ତେ ଏକ ଦୃଷ୍ଟିକୋଣ ଏବଂ ଆଭିମୁଖ୍ୟ ନେଇ ଶାସନ କ୍ଷମତାକୁ ଆସିଥିଲେ। ସେ ଏକଥାକୁ ସୁନିଶ୍ଚିତ କରିବାକୁ ଚାହୁଁଥିଲେ ଯେ ଭାରତ କିପରି ଏକ ବୈଶ୍ୱିକ ମହାଶକ୍ତିରେ ପରିଣତ ହୋଇପାରିବ। ସେ ଚାହୁଁଥିଲେ ଯେ ଭାରତ ଆମର ଯୁବଶକ୍ତିଙ୍କୁ କିପରି ରୋଜଗାରର ଅଧିକ ଅବସର ପ୍ରଦାନ କରିପାରିବେ। ଏହି ତଥ୍ୟକୁ ଚିହ୍ନଟ କରି ସେ ବିନିର୍ମାଣ ଭାରତର ସଫଳତାର ଗାଥା ରଚନା କରିବା ନିମନ୍ତେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିଲେ। ସେଭଳି ପରିସ୍ଥିତିରେ ପ୍ରଧାନମନ୍ତ୍ରୀ 'ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ବାସ୍ତବ ପକ୍ଷେ, ବିଗତ ଦଶ ବର୍ଷର ଏହି ଯାତ୍ରା ବେଶ୍ ଉଲ୍ଲେଖନୀୟ ହୋଇପାରିଛି। ଏହା ମୋଦୀ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବ୍ୟାପକ ଏବଂ ପରିବର୍ତ୍ତନକାରୀ ସଂସ୍କାର ବିନା କଦାପି ସମ୍ଭବପର ହୋଇପାରି ନଥାନ୍ତା। ଏଥି ନିମନ୍ତେ ସରକାର ଯେଉଁସବୁ ପ୍ରମୁଖ ପଦକ୍ଷେପ ଗ୍ରହଣ କରିଥିଲେ ସେଥି ମଧ୍ୟରେ, ବସ୍ତୁ ଓ ସେବା କର (ଜିଏସଟି), ଦେବାଳିଆ ସଂହିତା ଏବଂ ଅନ୍ୟ କେତେଗୁଡ଼ିଏ ସଂସ୍କାର କାର୍ଯ୍ୟକ୍ରମ ସାମିଲ। ବାଣିଜ୍ୟ କାରବାର କରିବାର ସୁଗମତା (ଇଜ୍ ଅଫ୍ ଡୁଇଂ ବିଜିନେସ୍) ଏବଂ ଏହି ଦିଗରେ ଘଟାଯାଇଥିବା ସଂସ୍କାର ୪୪୨,୦୦୦ରୁ ଅଧିକ ଅନୁପାଳନ ଆବଶ୍ୟକତାକୁ ସମାପ୍ତ କରାଯାଇଥିଲା ଏବଂ ମାମୁଲି ଅପରାଧ ନିମନ୍ତେ ଅପରାଧିକ ଦଣ୍ଡ ପ୍ରଦାନ କରୁଥିବା ପ୍ରାୟ ୩,୭୦୦ ପ୍ରାବଧାନକୁ ବିଭିନ୍ନ ଆଇନରୁ ହଟାଇ ଦିଆଯାଇଥିଲା। ପରିଣାମ ସ୍ୱରୂପ ଛୋଟ ଛୋଟ ବ୍ୟବସାୟୀମାନଙ୍କୁ ବିଭିନ୍ନ ପ୍ରକାର ଉତ୍ପୀଡ଼ନରୁ ସୁରକ୍ଷିତ ରଖାଯାଇପାରିଥିଲା। ଭାରତ ବିଶ୍ୱ ବ୍ୟାଙ୍କର ବ୍ୟାପାର ସମ୍ପର୍କୀତ ରିପୋର୍ଟରେ ୨୦୧୪ ମସିହାରେ ୧୪୨ତମ ସ୍ଥାନରେ ଥିବାବେଳେ ୨୦୧୯ ମସିହା ବେଳକୁ ୬୩ତମ ସ୍ଥାନରେ ପହଞ୍ଚି ନିଜର ମର୍ଯ୍ୟାଦା ତଥା କାର୍ଯ୍ୟଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ଘଟାଇବାକୁ ସକ୍ଷମ ହୋଇପାରିଥିଲା।

କେନ୍ଦ୍ର ସରକାରଙ୍କ ଷ୍ଟାର୍ଟ ଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ ଚାକିରିରେ ରୁଚି ରଖୁଥିବା ଅନେକ ଲୋକଙ୍କୁ ଚାକିରି ପ୍ରଦାନ କରିବା ଭଳି କ୍ଷମତା ହାସଲ ନିମନ୍ତେ ପ୍ରୋତ୍ସାହିତ କରିପାରିଛି। ଏଥିରେ ଚଳିତ ବର୍ଷ ଜୁନ୍ ମାସରେ ପ୍ରାପ୍ତ ଷ୍ଟାର୍ଟ ଅପ୍ ସଂଖ୍ୟା ବୃଦ୍ଧିପାଇ ୧,୪୦,୮୦୩ ଛୁଇଁଛି ଯେଉଁଥିରେ ପୁଞ୍ଜି ନିବେଶରେ ପର୍ଯ୍ୟାପ୍ତ ବୃଦ୍ଧି ପରିଲକ୍ଷିତ ହୋଇଛି ଏବଂ ଏହା ଫଳରେ ଦେଶରେ ୧୫ ଲକ୍ଷରୁ ଅଧିକ ଚାକିରି ସୃଜନ ହୋଇପାରିଛି। ଏଭଳି ଷ୍ଟାର୍ଟ ଅପର ବାତାବରଣ ନବାଚାରଇକୋସିଷ୍ଟମକୁ ଆଗକୁ ବଢ଼ାଇ ନେବାରେ ସକ୍ଷମ ହୋଇପାରିଛି ତଥା ସ୍ୱଚ୍ଛତା, ମହାକାଶ କାର୍ଯ୍ୟକ୍ରମ, ଖାଦ୍ୟ ନଷ୍ଟକୁ ହ୍ରାସ କରିବା ସହିତ ସ୍ୱାସ୍ଥ୍ୟ ସେବା ପର୍ଯ୍ୟନ୍ତ ମଧ୍ୟ ପହଞ୍ଚିପାରିଛି ଏବଂ ସେହି କ୍ଷେତ୍ରରେ ବ୍ୟାପକ ସୁଧାର ଆଣିପାରିଛି। ମହିଳାମାନଙ୍କୁ ସଶକ୍ତ କରିବା ଭଳି କ୍ଷେତ୍ର ସହିତ ସଂଶ୍ଳିଷ୍ଟ ଜ୍ୱଳନ୍ତ ପ୍ରସଙ୍ଗର ସମାଧାନ କରିବା କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରୁଛି।

ସରକାରଙ୍କର ବିଶେଷ ଧ୍ୟାନର ଅନ୍ୟ ଗୋଟିଏ କ୍ଷେତ୍ର ମଧ୍ୟ ରହିଛି। ତାହା ହେଲା ୧୧ ଔଦ୍ୟୋଗିକକରିଡୋରର ବିକାଶ। ଏହି କାର୍ଯ୍ୟକ୍ରମ ଅଧୀନରେ ୨୦ଟି ଔଦ୍ୟୋଗିକ ସ୍ମାର୍ଟ ସହର ବିକଶିତ କରାଯାଉଛି ଏବଂ ସେସବୁ ଏହିସବୁ କରିଡୋରକୁ ଭାରତର ବିନିର୍ମାଣ ବିକାଶ କ୍ଷେତ୍ରର ପ୍ରମୁଖ ଆଧାର ହେବାରେ ସହାୟକ ହେବ ଏବଂ ସହଯୋଗ ଯୋଗାଇଦେବ। ସେଥି ମଧ୍ୟରୁ ଚାରିଗୋଟି ସ୍ମାର୍ଟ ସହର ପୂର୍ବରୁ ହିଁ ନିବେଶର ଆକର୍ଷଣ କେନ୍ଦ୍ର ବନି ସାରିଥିଲା। ସେଠାରେ ଅବସଂରଚନା ସହିତ ବିନିର୍ମାଣସଂସାଧନ ସ୍ଥାପନ କରିବା ସକାଶେ ମଞ୍ଜୁରି ଉପଲବ୍ଧ କରାଯାଇଛି। ସେଥିରେ ପ୍ରାୟ ୧ ଲକ୍ଷ ୭୦ ହଜାର କୋଟି ଟଙ୍କାର ସମ୍ଭାବିତ ପୁଞ୍ଜି ନିବେଶ ନିମନ୍ତେ ପ୍ରଥମରୁ ହିଁ ପ୍ରତିବଦ୍ଧତା ବ୍ୟକ୍ତ କରାଯାଇଛି। ଏହା ୮୦,୦୦୦ ଲୋକଙ୍କୁ ପ୍ରତ୍ୟକ୍ଷ କର୍ମନିଯୁକ୍ତି ଏବଂ ଏହାଠାରୁ ଅଧିକ ସଂଖ୍ୟକ ପରୋକ୍ଷ ରୋଜଗାର ସୁଯୋଗ ପ୍ରଦାନ କରିବ।

କେନ୍ଦ୍ର ସରକାରଙ୍କ ପି.ଏଲ.ଆଇ. ଯୋଜନାମାନଙ୍କ ମଧ୍ୟରୁ ଇଲେକ୍ଟ୍ରୋନିକ୍ସ, ଔଷଧ, ଯାନବାହନ, ବସ୍ତ୍ର ଏବଂ ଚିକିତ୍ସା ଉପକରଣ ଭଳି ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରାଯାଇଛି। ଏହା ଫଳରେ ଏହିସବୁ କ୍ଷେତ୍ରମାନଙ୍କରେ ନିରନ୍ତର ବିକାଶ ନିମନ୍ତେ ଏକ ସକାରାତ୍ମକ ଇକୋ ସିଷ୍ଟମ ପ୍ରସ୍ତୁତ ହୋଇପାରିବ ଏବଂ ଏହାର ବୈଶ୍ୱିକ ପ୍ରତିସ୍ପର୍ଦ୍ଧା ସୁନିଶ୍ଚିତ କରାଯାଇପାରିବ। ପିଏଲଆଇ ଯୋଜନା ଗୁଡ଼ିକର ସଫଳତାର ପରିଣାମ ସ୍ୱରୂପ ୧ ଲକ୍ଷ ୩୨ ହଜାର କୋଟି ଟଙ୍କାର ନିବେଶ କରାଯାଇଛି ଏବଂ ବିନିର୍ମାଣ ଉତ୍ପାଦନରେ ହାରାହାରି ୧୧ ଲକ୍ଷ କୋଟି ଟଙ୍କାର ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବା ସମ୍ଭବପର ହୋଇପାରିଛି। ଏହିସବୁ ପଦକ୍ଷେପ ମାଧ୍ୟମରେ ୮ ଲକ୍ଷ ୫୦ ହଜାରରୁ ଅଧିକ କର୍ମନିଯୁକ୍ତି ପ୍ରତ୍ୟକ୍ଷ ଏବଂ ଅପ୍ରତ୍ୟକ୍ଷ ଭାବରେ ସୃଷ୍ଟି କରାଯାଇ ପାରିଛି।

ପ୍ରଧାନମନ୍ତ୍ରୀଙ୍କ ଅବସଂରଚନା ସହିତ ଜଡ଼ିତକାର୍ଯ୍ୟକ୍ରମମାନଙ୍କ ମଧ୍ୟରେ ଭାରତୀୟ ବିନିର୍ମାଣ କ୍ଷେତ୍ର ନିମନ୍ତେ ଆଉ ଏକ ପ୍ରୋତ୍ସାହନ ଉପକ୍ରମ। ବସ୍ତୁ ଏବଂ ସେବାର ଚାହିଦା ସୃଷ୍ଟି କରିବା ବ୍ୟତୀତ, ଅବସଂରଚନା ବିକାଶ ଔଦ୍ୟୋଗିକ ଗତିବିଧି ନିମନ୍ତେ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରୁଛି। ଆଜି ଭାରତରେ ଏକ୍ସପ୍ରେସ୍ ୱେ ଏବଂ ଜାତୀୟ ରାଜପଥର ଏକ ବିଶାଳ ଏବଂ ବର୍ଦ୍ଧିତ ସାଧନର ନେଟୱାର୍କ ଉପଲବ୍ଧ ହୋଇପାରିଛି। ବିଶ୍ୱ ସ୍ତରୀୟ ନୂଆ ନୂଆରେଳ ଷ୍ଟେସନମାନ ନିର୍ମାଣ କରାଯାଉଛି ଏବଂ ନୂଆ ଫ୍ରେଟ୍ କରିଡୋରମାନଙ୍କ ନିର୍ମାଣ କାର୍ଯ୍ୟ ମଧ୍ୟ ପ୍ରଗତି ପର୍ଯ୍ୟାୟରେ ରହିଛି।

ଭାରତକୁ ନିବେଶ ପାଇଁ ଏକ ବହୁତ ବଡ଼ ଆକର୍ଷକ ଗନ୍ତବ୍ୟ ଅବା ଲକ୍ଷ୍ୟସ୍ଥଳ ଭାବରେ ଏବେ ସାରା ବିଶ୍ୱ ଦେଖୁଛି। ଦେଶ ଏବେ ୪ଡି ଲାଭର ଉପକ୍ରମ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଣ୍ଣାୟକ ନେତୃତ୍ୱ, ଆମର ଯୁବଶକ୍ତି, ପ୍ରତିଭାଶାଳୀ, କୁଶଳୀ ଭାରତୀୟମାନଙ୍କ ଜନସାଂଖ୍ୟିକ ଲାଭାଂଶ, ୧୪୦ କୋଟି ଭାରତୀୟଙ୍କ ଦ୍ୱାରାଗଢ଼ା ଯାଇଥିବା ଅର୍ଥ ବ୍ୟବସ୍ଥାରୁ ଉତ୍ପନ୍ନ ବିଭିନ୍ନ ଆବଶ୍ୟକତା, ଏକ ଜୀବନ୍ତ ଲୋକତନ୍ତ୍ର ଯାହା ବିଦେଶୀ ନିବେଶକମାନଙ୍କୁ ସୁରକ୍ଷା ଏବଂ ନିବେଶିତ ପୁଞ୍ଜିର ସୁରକ୍ଷାକୁ ସୁନିଶ୍ଚିତ କରୁଛି। ସେହିଭଳି ଆଇନର ଶାସନ ଯାହା କେତେବେଳେ ସୁଦ୍ଧା କାହାରି ପ୍ରତି କୌଣସି ପ୍ରକାର ଭେଦଭାବର ମନୋଭାବ ପୋଷଣର ଅବସର ଦେଉନାହିଁ। ୪-ଡି ଭାରତରେ ନିର୍ମାତାମାନଙ୍କୁ ଆକର୍ଷିତ କରିବା ସକାଶେ ବହୁତ ବଡ଼ ପ୍ରଭାବୀ ପରିଦୃଶ୍ୟ ପ୍ରସ୍ତୁତ କରୁଛି। ଘରୋଇ ଏବଂ ଅନ୍ତରାଷ୍ଟ୍ରୀୟ ନିବେଶକମାନେ ଆଜି ନିଜ ନିଜର ବ୍ୟବସାୟକୁ ବିସ୍ତାର ନିମନ୍ତେ ଭାରତରେ ସ୍ୱର୍ଣ୍ଣିମ ସୁଯୋଗ ପ୍ରାପ୍ତ ହୋଇପାରୁଛନ୍ତି।

ନିବେଶକସମୁଦାୟଙ୍କର ଅନେକ ପ୍ରକାର ଗତିବିଧି ଦେଶରେ ଜାରି ରହିଛି। ଅନେକ ପ୍ରତିନିଧି ମଣ୍ଡଳ ଭାରତ ଗସ୍ତ କରୁଛନ୍ତି। ଯେଉଁମାନେ ନିବେଶ କରିବା ଏବଂ ଭାରତୀୟ ବିକାଶ ଗାଥାରେ ଭାଗ ନେବାର ଅବସର ସନ୍ଧାନରେ ଅଛନ୍ତି ସେମାନଙ୍କ ପାଇଁ ଏବେ ଅପୂର୍ବ ସୁଯୋଗ ସୃଷ୍ଟି ହୋଇଛି। ବିଦେଶୀ ସରକାରମାନେ ଏବଂ ବୈଶ୍ୱିକ ସି.ଇ.ଓମାନେ ଭାରତରେ ସୃଷ୍ଟି ହୋଇଥିବା ଏଭଳି ସକାରାତ୍ମକ ଅବସରକୁ ଉତ୍ସୁକତାର ନଜରରେ ଦେଖୁଛନ୍ତି। ଅନେକ ରାଷ୍ଟ୍ର ଭାରତ ସହିତ ବ୍ୟାପାର ରାଜିନାମାରେ ମଧ୍ୟ ହସ୍ତାକ୍ଷର କରିବାକୁ ଇଚ୍ଛା ପ୍ରକଟ କରିଛନ୍ତି।

ବିଶ୍ୱ ଏବେ ଭାରତକୁ ଏକ ବିନିର୍ମାଣର ଗନ୍ତବ୍ୟ ରୂପରେ ଦେଖିବାକୁ ଆରମ୍ଭ କରିଛି। ଏହା ଅତ୍ୟନ୍ତ ଖୁସି ଏବଂ ଆନନ୍ଦର କଥା ଯେ ଭାରତର ନିଜର ପ୍ରତିସ୍ପର୍ଦ୍ଧୀ ଲାଭ ଏବଂ ଅର୍ଥ ବ୍ୟବସ୍ଥାର ମୂଳ ତତ୍ତ୍ୱ ଏବେ ମଜଭୁତ ସ୍ଥିତିରେ ରହିଛି। ଆଜି ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଛି, ଆର୍ଥିକ ବିକାଶ ମଜଭୁତ ରହିଛି ଏବଂ ମୋଦୀ ସରକାର କଠୋର ରାଜକୋଷୀୟ ଅନୁଶାସନର ପାଳନ କରୁଛନ୍ତି। ଯୁଦ୍ଧ ଏବଂ ଅନିଶ୍ଚିତତା ଗ୍ରସ୍ତ ବର୍ତ୍ତମାନର ବୈଶ୍ୱିକ ପରିସ୍ଥିତିରେ ଏହା ଆହୁରି ଅଧିକ ଆଶ୍ୱସ୍ତିର କଥା ହୋଇପାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ଉପକ୍ରମ ଜରିଆରେ ଭାରତକୁ ୨୦୧୪ ବିଶ୍ୱର ଏକ 'ଦୁର୍ବଳ ଅର୍ଥବ୍ୟବସ୍ଥା' ଯୁକ୍ତ ରାଷ୍ଟ୍ର କୁହାଯାଉଥିବାବେଳେ ସେହିଭଳି ଅପ୍ରୀତିକର ସ୍ଥିତିରୁ ମୁକୁଳି ଭାରତ ଏବେ ବିଶ୍ୱର 'ଶୀର୍ଷ ପାଞ୍ଚ' ଆର୍ଥିକ ମହାଶକ୍ତି ସ୍ଥିତିରେ ପହଞ୍ଚିପାରିଛି।

ବାସ୍ତବ ପକ୍ଷେ, ମେକ୍ ଇନ୍ ଇଣ୍ଡିଆ ଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବିଗତ ୧୦ ବର୍ଷରେ ଦେଶରେ ଏକ ପରିବର୍ତ୍ତନକାରୀ ଦଶକ ସୃଷ୍ଟି କରିବାରେ ସହାୟକ ହୋଇଛି। ଏହାକୁ କଂଗ୍ରେସ ଶାସନରେ ହରାଇଥିବ ଦଶକ ତୁଳନାରେ ଏକ ବିରାଟ ଲମ୍ଫ ବୋଲି କୁହାଯାଇ ପାରିବ।



# ପୂର୍ବତଟ ରେଳପଥ ସରକାରୀ କାର୍ଯ୍ୟରେ ହିନ୍ଦୀ ବ୍ୟବହାରକୁ ପ୍ରୋତ୍ସାହିତ କରୁଛି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତ ସରକାରଙ୍କ ସରକାରୀ ଭାଷା ନୀତି ଅନୁଯାୟୀ ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷା ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ପୂର୍ବତଟ ରେଳପଥ ଏହାର ମୁଖ୍ୟାଳୟ ରେଳ ସଦନ ଠାରେ ରାଜଭାଷା ପକ୍ଷ ପାଳନ କରିଥିଲା। ଦୈନନ୍ଦିନ ଦପ୍ତରୀ କାର୍ଯ୍ୟରେ ହିନ୍ଦୀ ଭାଷା ବ୍ୟବହାରକୁ ବୃଦ୍ଧି କରାଇବା ପାଇଁ ଉଭୟ ଅଧିକାରୀ ଏବଂ କର୍ମଚାରୀଙ୍କୁ ନିୟୋଜିତ କରି ବିଭିନ୍ନ କାର୍ଯ୍ୟକଳାପର ଆୟୋଜନ କରାଯାଇଥିଲା।



ଆୟୋଜିତ ବୈଠକରେ ଉଦ୍‌ବୋଧନ ଦେଇ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଦପ୍ତରୀ କାର୍ଯ୍ୟରେ ହିନ୍ଦୀ ଭାଷାର ଅଧିକ ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ସରକାରୀ ନଥିପତ୍ରର ପ୍ରାଥମିକ ଧାରା ଭାବରେ ହିନ୍ଦୀ ବ୍ୟବହାର କରିବାକୁ ସେ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ, ଯାହାଫଳରେ ଏହାର ପ୍ରଚାର ଓ ପ୍ରସାର କରାଯାଇ ପାରିବ।

ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ସମସ୍ତ ସ୍ତରରେ ହିନ୍ଦୀର ବ୍ୟବହାରକୁ ଦୃଢ଼ କରିବା ପାଇଁ ଗୁରୁତ୍ୱାରୋପ କରିଛନ୍ତି। ଅଧିକାରୀ ଏବଂ କର୍ମଚାରୀମାନେ ହିନ୍ଦୀରେ ସରକାରୀ ନୋଟ୍ ଏବଂ ଚିଠି ଲେଖିବା ଉପରେ ପ୍ରାଧାନ୍ୟ ଦେବା ଉଚିତ୍ । ଏକ ଉତ୍ସର୍ଗୀକୃତ ରାଜଭାଷା ପତ୍ରିକାରେ ହିନ୍ଦୀ ବ୍ୟବହାରକୁ ଉତ୍ସାହିତ କରିବା ପାଇଁ ଟିପ୍ପଣୀ ବ୍ୟବହାରକୁ ଗୁରୁତ୍ୱାରୋପ। ସରକାରୀ କାର୍ଯ୍ୟରେ ହିନ୍ଦୀ ପ୍ରଚାରକୁ ତଦାରଖ ଏବଂ ପ୍ରସାର କରିବା ପାଇଁ ଷ୍ଟେସନ୍ ଏବଂ ମଣ୍ଡଳ ସ୍ତରୀୟ ୟୁନିଟ୍ ଗୁଡିକର ନିୟମିତ ଯାଞ୍ଚ କରିବା ।

ଏହି ରାଜଭାଷା ପକ୍ଷ ପାଳନକୁ ସ୍ମରଣୀୟ କରିବା ପାଇଁ ରେଳପଥର ଅଧିକାରୀ ଏବଂ କର୍ମଚାରୀଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା, ବିତର୍କ, କ୍ଷୁଦ୍ରଗଳ୍ପ ଲେଖା, ଏବଂ ନୋଟିଙ୍ଗ ଏବଂ ଡ୍ରାଫ୍ଟିଙ୍ଗ ପ୍ରତିଯୋଗିତା ଗୁଡିକ ହିନ୍ଦୀରେ ଆୟୋଜିତ କରାଯାଇଥିଲା। ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ହିନ୍ଦୀ ଭାଷାକୁ ଡାଁଫ୍‌ତାରୀ କାର୍ଯ୍ୟରେ ପ୍ରୟୋଗ ପାଇଁ ପରଚା ଓ ପ୍ରସାର କରିବା। ବୈଠକରେ ପରମେଶ୍ୱର ଫୁଙ୍କୱାଲ ପ୍ରତିଯୋଗୀ ମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବୈଠକରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା, ପ୍ରମୁଖ ରାଜଭାଷା ଅଧିକାରୀ ଏବଂ ପ୍ରମୁଖ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ଆଲୋକ ସହାୟଙ୍କ ସମେତ ରେଳପଥର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଉପମୁଖ୍ୟ ରାଜଭାଷା ଅଧିକାରୀ ତଥା ଉପମୁଖ୍ୟ ଇଞ୍ଜିନିୟର ଆଶୁତୋଷ କୁମାର ଶୁକ୍ଳା ଏବଂ ରାଜଭାଷା ଅଧିକାରୀ ଯଲିନା ପଣ୍ଡା ରାଜଭାଷା ପକ୍ଷ୍ୟର କାର୍ଯ୍ୟକ୍ରମର ସଫଳ ସମାପ୍ତିକୁ ସଂଯୋଜନା କରିଥିଲେ। ହିନ୍ଦୀ ଦିବସ ସହିତ ସମକକ୍ଷ ହୋଇଥିବା ଏହି ରାଜଭାଷା ପକ୍ଷରେ ହିନ୍ଦୀକୁ ସରକାରୀ ଚିଠି ଏବଂ କାର୍ଯ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ପାଇଁ ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ଦର୍ଶାଉଛି।

## ହାଇକୋର୍ଟରେ ଉଠିଲା ନର୍ସିଂ ଆନ୍ଦୋଳନ ପ୍ରସଙ୍ଗ

# ନର୍ସମାନଙ୍କ ସମସ୍ୟା ସମାଧାନ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି : ସ୍ୱାସ୍ଥ୍ୟ ସଚିବ

**କଟକ, ନ୍ୟୁଜ୍‌ବ୍ୟୁରୋ**

ହାଇକୋର୍ଟରେ ଉଠିଲା ନର୍ସିଂ ଆନ୍ଦୋଳନ ପ୍ରସଙ୍ଗ। ରୋଗୀ ସେବା ପ୍ରଭାବିତ ନହେବା ପାଇଁ କ'ଣ କ'ଣ ପଦକ୍ଷେପ ନିଆଯାଇଛି ସେନେଇ ଜାଣିବାକୁ ଚାହିଁଥିଲେ କୋର୍ଟ। କଟକ ବଡ଼ ମେଡିକାଲକୁ ଶହ ଶହ ରୋଗୀ ବିଭିନ୍ନ ସ୍ଥାନରୁ ଆସି ଚିକିତ୍ସିତ ହେଉଛନ୍ତି। ମାତ୍ର ନର୍ସମାନଙ୍କ ଆନ୍ଦୋଳନ ପାଇଁ ଯେପରି କେହି ଜଣେ ରୋଗୀ ପ୍ରଭାବିତ ନହୁଅନ୍ତି ସେଥିପାଇଁ କ'ଣ କ'ଣ ପଦକ୍ଷେପ ନିଆଯାଇଛି ବୋଲି ସ୍ୱାସ୍ଥ୍ୟ ସଚିବ ଏବଂ କଟକ ବଡ଼ମେଡିକାଲର ଅଧୀକ୍ଷକଙ୍କୁ କୋର୍ଟ ପ୍ରଶ୍ନ କରିଥିଲେ। ମାମଲାର ଶୁଣାଣି ବେଳେ ନର୍ସ ଆନ୍ଦୋଳନ ନେଇ କୋର୍ଟଙ୍କୁ ଅବଗତ କରିଥିଲେ ଏସସିବି କର୍ତ୍ତୃପକ୍ଷ । ରୋଗୀ ସେବା ପ୍ରଭାବିତ ନହେବା ପାଇଁ ଆଉଟସୋର୍ସିଂ ଜରିଆରେ ନର୍ସିଂ



କଲେଜଗୁଡ଼ିକରୁ ନର୍ସ ଆସିବେ। ସେହିପରି କନିଷ୍ଠ ଡାକ୍ତରମାନଙ୍କ ସହ ଏନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ମଧ୍ୟ କରାଯାଇଛି। ସ୍ୱାସ୍ଥ୍ୟ ସଚିବ କୋର୍ଟରେ ହାଜର ହୋଇ ଏନେଇ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରିଥିଲେ। ବିଶେଷକରି ନର୍ସ ମାନଙ୍କ ସମସ୍ୟାଗୁଡିକର ସମାଧାନ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ତେବେ ରୋଗୀ ସେବା ବ୍ୟାହାତ ନହେବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୋର୍ଟ ଗୁରୁତ୍ୱ ଦେଇଥିଲେ। ସେହିପରି ଏହି ମାମଲାର ଶୁଣାଣି ସମୟରେ କୋର୍ଟ ଜାଣିବାକୁ ଚାହିଁଥିଲେ କି କାହିଁକି ବଡ଼ ମେଡିକାଲରେ ରୋଗୀ ମାନଙ୍କର ଏତେ ଭିଡ଼ ରହୁଛି ? ସମସ୍ତ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଛି ମାତ୍ର କାହିଁକି ରୋଗୀମାନେ କଟକ ବଡ଼ ମେଡିକାଲ ଆସୁଛନ୍ତି। ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ବ୍ୟାପକ ଅର୍ଥ ବିନିଯୋଗ କରୁଛନ୍ତି। ମାତ୍ର ସେଠାରେ ସଠିକ ଚିକିତ୍ସା ମିଳୁଛି କି ନାହିଁ ? ଏନେଇ ସ୍ୱାସ୍ଥ୍ୟ ସଚିବଙ୍କ ଠାରୁ ତଥ୍ୟ ମାଗିଥିଲେ କୋର୍ଟ। ତେବେ ପରବର୍ତ୍ତୀ ଶୁଣାଣି ସମୟରେ ଏହି ତଥ୍ୟ ପ୍ରଦାନ କରିବେ ବୋଲି କୋର୍ଟଙ୍କୁ ଅବଗତ କରିଛନ୍ତି ସ୍ୱାସ୍ଥ୍ୟ ସଚିବ। କଟକ ସହର ସମସ୍ୟା ସମ୍ପର୍କୀୟ ମାମଲାର ଶୁଣାଣି ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସେହିଭଳି ଏସସିବି ମେଡ଼ିକାଲ ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ରାଜ୍ୟର ବିଭିନ୍ନ ଜିଲ୍ଲାରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଖାଲି ପଡ଼ିଥିବା ଡ଼ାକ୍ତର, ଷ୍ଟାଫ୍ ନର୍ସ, ପାରା ମେଡିକାଲ ଷ୍ଟାଫ ପଦ ପୂରଣ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କଟକ ସହରର ବିପର୍ଯ୍ୟସ୍ତ ରାସ୍ତାଘାଟର ମରାମତି, ଜଳବନ୍ଦୀ ଅଞ୍ଚଳର ନିଷ୍କାସନ, ମଶା ନିପାତ ପାଇଁ ପଦକ୍ଷେପ ନେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଶୁକ୍ରବାର ଶୁଣାଣିରେ ସିଏମ୍‌ସି କମିଶନର, ସ୍ୱାସ୍ଥ୍ୟ ଅଧିକାରୀ, ସିଟି ଇଞ୍ଜିନିୟର, ଜିଲ୍ଲାପାଳ, ଏସସିବି ଅଧିକ୍ଷକ, ସ୍ୱାସ୍ଥ୍ୟ ସଚିବ ଓ ନଗର ଉନ୍ନୟନ ବିଭାଗ ସଚିବ ହାଜର ହୋଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜିଲ୍ଲାପାଳଙ୍କୁ ...

ହୋଇଥିବା ଅନେକ ଅନିୟମିତତା ବିଷୟରେ ଅବଗତ ହୋଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଆପଣମାନେ ଅନୁଧ୍ୟାନ କରନ୍ତୁ, ଯଦି ସେପରି କିଛି ଅନିୟମିତତା ଆପଣଙ୍କ ଦୃଷ୍ଟିକୁ ଆସୁଛି, ସେ ସବୁକୁ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ । ଆପଣମାନଙ୍କ ପାଖରେ ସେ ଅଧିକାର ଅଛି, ତାକୁ ବ୍ୟବହାର କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ମୋର ବିଶ୍ୱାସ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କୌଣସି ପ୍ରକାରେ, କୌଣସି ସ୍ତରରେ ଦୁର୍ନୀତିକୁ ସରକାର ସହିବେ ନାହିଁ । ଦୁର୍ନୀତିକୁ ନେଇ କୌଣସି ପ୍ରକାର ସାଲିସ କରିବାର ପ୍ରଶ୍ନ ଉଠୁନାହିଁ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜିଲ୍ଲାପାଳମାନେ ହେଉଛନ୍ତି ସରକାରଙ୍କ ପାଇଁ ତୃଣମୂଳ ସ୍ତରର ସେତୁ । ଲୋକକଲ୍ୟାଣ ପାଇଁ ସରକାର ଉତ୍ତମରୁ ଉତ୍ତମ ଯୋଜନା ଓ ନୀତି ନିର୍ଦ୍ଧାରଣ କରି ପାରିବେ । କିନ୍ତୁ ଏହି ସବୁ ଯୋଜନାକୁ ଅନ୍ତିମ ହିତାଧିକାରୀ ପର୍ଯ୍ୟନ୍ତ ପହଞ୍ଚାଇବାରେ ଜିଲ୍ଲାପାଳ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଆଉ ଯଦି ରାଜଧାନୀ କିମ୍ବା କିଛି ସହରାଞ୍ଚଳକୁ ଛାଡି ଦେବେ ତେବେ ବାକି ସବୁ ଠାରେ ସରକାର କହିଲେ ଲୋକେ ଜିଲ୍ଲାପାଳଙ୍କୁ ବୁଝନ୍ତି, କାରଣ ଦୈନନ୍ଦିନ ଜୀବନରେ ବିଭିନ୍ନ ସମସ୍ୟା ସମାଧାନ ଜିଲ୍ଲା ସ୍ତରରେ ହୋଇଥାଏ । ତେଣୁ ସେମାନଙ୍କ ଆଶା ଆକାଂକ୍ଷା ପୂରଣ କରିବାର ଗୁରୁ ଦାୟିତ୍ୱ ହେଉଛି ଆପଣମାନଙ୍କ କାନ୍ଧରେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଯୋଜନାର ସଫଳ ରୂପାୟନ ହେଲେ, ତାର ସୁଫଳ ଲୋକମାନଙ୍କ ପାଖରେ ପହଞ୍ଚି ପାରିବ । ସଫଳ ରୂପାୟନର ଦାୟିତ୍ୱ ଆପଣମାନଙ୍କ ହାତରେ । ସରକାରଙ୍କ ଯେତେ ଯୋଜନା ରହିଛି, ତାହାର ସୁଫଳ ରୂପାୟନ ହେଲେ, ଆମ ରାଜ୍ୟର ଦାରିଦ୍ର୍ୟ ଘୁଞ୍ଚିଯିବ, ଲୋକମାନଙ୍କ ମୁହଁରେ ହସ ଫୁଟି ଉଠିବ ।

ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ କହିଥିଲେ ମୁଁ ଜଣେ ସାଧାରଣ ଲୋକଟିଏ ର ପ୍ରଶାସନଠାରୁ ଆଶା କରୁଥିବା ଦୃଷ୍ଟିକୋଣ ବିଷୟରେ ମୋର ଅନୁଭୂତି ବିଷୟରେ ମୋର କିଛି କଥା ଆପଣଙ୍କୁ କହିବି ଏବଂ ଆଶା କରେ ଯେ ନୂତନ ସରକାରରେ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ଆମେ ନିଜ ନିଜ ସ୍ତରରେ କାର୍ଯ୍ୟକରିବା ।

ଆମ ସରକାର ଲୋକଙ୍କ ସରକାର । ସେଥିପାଇଁ ଲୋକେ ଆମେ ଭାଗୀଦାର, ରାଜ୍ୟର ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଗ୍ରାମାଞ୍ଚଳ ତଥା ସହରାଞ୍ଚଳର ଭିତ୍ତିଭୂମି ବିକାଶ ଏବଂ ମହିଳାମାନଙ୍କର ଉନ୍ନତି ଭଳି କ୍ଷେତ୍ରକୁ ପ୍ରାଧାନ୍ୟ ଦେବା ଓ ରାଜ୍ୟର ଆର୍ଥିକ ବିକାଶର କ୍ଷେତ୍ରରେ ତ୍ୱରାନ୍ୱିତ କରିବା ପାଇଁ ଆମ ସରକାର ପଦକ୍ଷେପ ନେଉଛନ୍ତି । ଆପଣ ମାନଙ୍କ କଠିନ ପରିଶ୍ରମ ଓ ନିଷ୍ଠା ଦ୍ୱାରା ହିଁ ସବୁ ପଦକ୍ଷେପର ସୁଫଳ ଲୋକଙ୍କ ପାଖରେ ପହଞ୍ଚିବ ଏବଂ ଆମ ରାଜ୍ୟ ଏକ ନମ୍ବର ରାଜ୍ୟ ହେବ ।

ଗ୍ରାମାଞ୍ଚଳକୁ ଆଉର କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର କାର୍ଯ୍ୟାନୁଷ୍ଠାନ ବର୍ତ୍ତମାନ ବିଭିନ୍ନ ସ୍ତରରେ ଅଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୁଁ ସମସ୍ତ ଜିଲ୍ଲାପାଳମାନଙ୍କୁ ଅନୁରୋଧ କରିବି ନିଜ ନିଜ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଏହି ସବୁ ପ୍ରକଳ୍ପକୁ ମାପିଂ କରିବା ପାଇଁ ପଦକ୍ଷେପ ନିଅନ୍ତୁ । ଆଜିକାଲି ଟେକ୍ନୋଲୋଜି ଉପଲବ୍ଧ ଅଛି । ତେଣୁ ଆପଣମାନେ ଜିଓ ଟାଗମ୍ ଡାଟା ଖୁବ ସହଜରେ ପାଇପାରିବେ ଏବଂ ସେସବୁକୁ ଅନୁଧ୍ୟାନ କରି ପ୍ରତିବନ୍ଧକ ସବୁକୁ ଠିକ୍ ସମୟରେ ଜାଣିପାରିବେ ଏବଂ ତଦନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାରେ ଏହି ଡାଟା ବେସ୍ ସହାୟକ ହେବ ସେ କହିଥିଲେ ।

ଯୋଜନାର ସଫଳ ରୂପାୟନ ପାଇଁ ସମନ୍ୱୟର ଗୁରୁତ୍ୱ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବର୍ତ୍ତମାନ ଏପରି ଅନେକ କାର୍ଯ୍ୟକ୍ରମ ଓ ଯୋଜନା ସରକାର କାର୍ଯ୍ୟକାରୀ କରୁଛନ୍ତି ଯାହାର ବିଭିନ୍ନ ରୂପାୟନ କେବଳ କନଭରଜେନ୍ସ ମୋଡରେ ହିଁ ସମ୍ଭବ ହୋଇପାରିବ । ଜିଲ୍ଲାପାଳମାନେ ସବୁ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଯୋଜନା ଓ ପ୍ରକଳ୍ପ ଦ୍ରୁତ ରୂପାୟନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଇଂରାଜୀରେ ଏକ କଥା ଅଛି, 'ସିଙ୍ଗ ଇଜ୍ ବିଲିଭିଂ' ଦେଖିଲେ ହିଁ ବିଶ୍ୱାସ ହେବ । ତେଣୁ ମୁଁ ସବୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିବି ଯେ ସମସ୍ତେ ପ୍ରତିମାସରେ କିଛି ଦିନ ବାହାର କରି ଫିଲ୍ଡ ଭିଜିଟ୍ ବା କ୍ଷେତ୍ର ପରିଦର୍ଶନ କରନ୍ତୁ। ଆପଣମାନେ ନିଜ ଆଖିରେ ଦେଖିବା ଆବଶ୍ୟକ ଆପଣମାନେ ନିଜେ କାର୍ଯ୍ୟକାରୀ କରୁଥିବା ଯୋଜନାର ରୂପରେଖ କ'ଣ, ବିଶେଷ ଭାବେ ସ୍କୁଲ, ଆଙ୍ଗନବାଡି କେନ୍ଦ୍ର, ସ୍ୱାସ୍ଥ୍ୟ କେନ୍ଦ୍ର, ବିଶେଷ ଭାବେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଥାନା ପରି ସଂସ୍ଥାକୁ ନିୟମିତ ଭାବେ ପରିଦର୍ଶନରେ ଯିବେ। ଏହାଦ୍ୱାରା ଆପଣମାନେ ପ୍ରକୃତ ସ୍ଥିତି ବିଷୟରେ ଅବଗତ ହୋଇପାରିବେ । ଏହି ପରିଦର୍ଶନ ସମୟରେ କିଛି ଅନିୟମିତତା କିମ୍ବା ଅବହେଳା ଦେଖାଗଲେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ପଛେଇବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସମ୍ମିଳନୀରେ ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାର ଓ ଚୋରା ମଦ କାରବାର ରୋକିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏ ସବୁ ପ୍ରତି ସରକାରଙ୍କ ଶୂନ୍ୟ ସହନଶୀଳତା ରହିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜନଜାତିମାନଙ୍କ ଜୀବନ ଜୀବିକା ଜଙ୍ଗଲ, ପାହାଡ, ପର୍ବତ ଉପରେ ନିର୍ଭର କରିଥାଏ। ସେମାନେ ଏହା ଉପରେ ନିଜ ଜୀବନ ଜୀବିକା, ନିଜ ସଂସ୍କୃତି ପାଇଁ ନିର୍ଭର କରିଥାନ୍ତି । ତେଣୁ ସେମାନେ ଆଇନ ଅନୁସାରେ ଜଙ୍ଗଲରୁ ଜଙ୍ଗଲଜାତ ଲଘୁ ଦ୍ରବ୍ୟ ସଂଗ୍ରହ ଓ ବିକ୍ରିବଟା କରିବା ଅଧିକାର ପାଇବା ଉଚିତ। କିନ୍ତୁ ଅନେକ ସମୟରେ ଜଙ୍ଗଲ ବିଭାଗର କ୍ଷେତ୍ର କର୍ମଚାରୀମାନେ ନିରୀହ ଜନଜାତିମାନଙ୍କୁ ଅଯଥାରେ ହଇରାଣ ହରକତ କରିଥାନ୍ତି । ଜନଜାତିଙ୍କୁ ଜଙ୍ଗଲ ଅଧିକାର ଆଇନ୍ ଅନୁସାରେ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ସୁଯୋଗ ଦେବା ଉଚିତ। ଯେଉଁ ଅଧିକାରୀମାନେ ନିଜ ନିଜ କ୍ଷମତାର ଅପବ୍ୟବହାର କରୁଛନ୍ତି ନିରୀହ ଲୋକଙ୍କୁ ଅଯଥାରେ ହଇରାଣ ହରକତ କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନ ପଛେଇବାକୁ ସେ ପରାମର୍ଶ ଦେଇଥିଲେ।

ଶିକ୍ଷା ଓ ସ୍ୱାସ୍ଥ୍ୟ ସାଧାରଣ ଜନତାଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ଓଡିଶାରେ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଆମ ସରକାର ଭିତ୍ତିଭୂମି ସହିତ ଶିକ୍ଷକ ନିଯୁକ୍ତି ପାଇଁ ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି । ଏହା ସହିତ ଗୋଦାବରୀଶ ମଡେଲ ସ୍କୁଲ ପ୍ରତି ପଞ୍ଚାୟତରେ ସ୍ଥାପନା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଜିଲ୍ଲା ମୁଖ୍ୟାଳୟର ଚିକିତ୍ସାଳୟଗୁଡିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସାଧାରଣ ଜନତା ଜିଲ୍ଲା ସ୍ତରରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସେବା ପାଇବା ଆବଶ୍ୟକ। ଲୋକଙ୍କ ପାଖରେ ଆମ୍ବୁଲାନ୍ସ ଯେପରି ଠିକ୍ ସମୟରେ ପହଞ୍ଚିବ ସେଥିପ୍ରତି ଆପଣମାନେ ଧ୍ୟାନ ଦିଅନ୍ତୁ । ରୋଗୀଙ୍କ ସମ୍ପର୍କୀୟ ମାନେ ନିଜ କାନ୍ଧରେ, କିମ୍ବା ସାଇକେଲରେ ମର ଶରୀରକୁ ନିଜ ଗ୍ରାମକୁ ନେବାର ଦୃଶ୍ୟ ଆସିବା ଉଚିତ ନୁହେଁ ବୋଲି ସେ କହିଥିଲେ। ଧାନ ସଂଗ୍ରହ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସରକାର ନିଜ ପ୍ରତିଶ୍ରୁତି ମୁତାବକ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ଧାନ ସଂଗ୍ରହ ପାଇଁ ଦେବେ। କିନ୍ତୁ ଏହାର ଏକ ଭିନ୍ନ ଦିଗ ଅଛି। କେନ୍ଦ୍ର ସରକାରଙ୍କ ଏମ୍‌ଏସ୍‌ପି ଦରଠାରୁ ଏହା ପ୍ରାୟ ୮୦୦ ଟଙ୍କା ଅଧିକ ହୋଇଥିବାରୁ ଅଧିକ ଚାଷୀ ଧାନ ବିକ୍ରି କରି ପାରନ୍ତି। କିନ୍ତୁ ପଡୋଶୀ ରାଜ୍ୟରୁ ବି ଧାନ ଚୋରା ଚାଲାଣ ହୋଇପାରେ। ଏହା ଉପରେ ନଜର ରଖିବାକୁ ସେ ପରାମର୍ଶ ଦେଇଥିଲେ। ବିଶେଷ କରି ସୀମାବର୍ତ୍ତୀ ଜିଲ୍ଲାର ଜିଲ୍ଲାପାଳମାନେ ଅନ୍ୟ ରାଜ୍ୟର ଧାନ ଚୋରା ଚାଲାଣ ରୋକିବାକୁ ଅଧିକ ସତର୍କ ରହିବା ଆବଶ୍ୟକ ବୋଲି ସେ କହିଥିଲେ। ସୋହେଲାରୁ ନୂଆ ଏମଏସ୍‌ପିରେ ଧାନ ସଂଗ୍ରହ ଯୋଜନାର ଶୁଭାରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୁକ୍ ସର୍କୁଲାର ୪୭ ଅନୁଯାୟୀ ସରକାରୀ ଅଧିକାରୀମାନେ ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ଯଥୋଚିତ ସମ୍ମାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମ୍ମିଳନୀରେ ଉପସ୍ଥିତ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଲେ ଯେ ତୁରନ୍ତ ନିଷ୍ପତ୍ତି ନେଇ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିପାରିଲେ ଉତ୍ତମ ପ୍ରଶାସନ ଉପଲବ୍ଧ ହୋଇପାରିବ। ଏ ଦିଗରେ ଜିଲ୍ଲାପାଳମାନଙ୍କ ସହଯୋଗ ଜରୁରୀ ବୋଲି ସେ କହିଥିଲେ। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ ସୁଭଦ୍ରା ଯୋଜନାର ଶୁଭାରମ୍ଭ କ୍ଷେତ୍ରରେ ଜିଲ୍ଲାପାଳମାନଙ୍କ ସହଯୋଗର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଜିଲ୍ଲାପାଳମାନେ ତୃଣମୂଳ ସ୍ତରରେ ଲୋକଙ୍କ ସମସ୍ୟାର ସମାଧାନ କରିପାରିବେ । ଏହା ଦ୍ୱାରା ବିକଶିତ ଓଡିଶାର ଲକ୍ଷ୍ୟ ପୂରଣ ହେବ ବୋଲି ସେ କହିଥିଲେ।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ୨୦୩୬ରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ ହେଉଛି । ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୫-୧୦ ବର୍ଷ ମଧ୍ୟରେ ଆମେ ଚେଷ୍ଟା କଲେ ବ୍ୟାପକ ପରିବର୍ତ୍ତନ ଆଣିପାରିବା। ସେ କହିଥିଲେ ଯେ ବର୍ତ୍ତମାନ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ ସରକାର ଭାବରେ ଜିଲ୍ଲାସ୍ତରରେ ଲୋକଙ୍କୁ ଉନ୍ନତ ସେବା ଯୋଗାଇଦେବା ଉପରେ ଜିଲ୍ଲାପାଳମାନେ ଗୁରୁତ୍ୱ ଦେବା ବୋଲି ସେ କହିଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ବିଭିନ୍ନ ବିଭାଗର ମନ୍ତ୍ରୀଗଣ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

## ବାୟୁ ଗୁଣବତ୍ତା...

ବନ୍ଦ କରିବା ପାଇଁ ବିକଳ୍ପ ରାସ୍ତା ବାହାର କରିବା ଆବଶ୍ୟକ। ଯେଉଁମାନେ ନଡ଼ା ଜାଳୁଛନ୍ତି ସେମାନଙ୍କ ବିରୁଦ୍ଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ଏଥିପାଇଁ ସିଏକ୍ୟୁଏମ୍ ପାଖରେ ବିପୁଳ କ୍ଷମତା ଅଛି, କିନ୍ତୁ ସଂସ୍ଥା ଏହା ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ । ତିନି ମାସରେ କେଉଁ ସବୁ ବୈଠକ ବସିଛି ଏବଂ ବୈଠକରେ ସବୁ କି କି ନିଷ୍ପତ୍ତି ନିଆଯାଉଛି ତାର ରେକର୍ଡ ରଖିବାକୁ ସିଏକ୍ୟୁଏମ୍‌କୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଏଥିସହ ପ୍ରଦୂଷଣ ହ୍ରାସ କରିବା ପାଇଁ ଆୟୋଗ ଯଥେଷ୍ଟ ଉଦ୍ୟମ କରିବା ଆବଶ୍ୟକ ଏବଂ ନିର୍ଦ୍ଦେଶନାମାକୁ ଅନୁପାଳନ କରିବା ଜରୁରୀ ବୋଲି ସୁପ୍ରିମକୋର୍ଟ କହିଛନ୍ତି ।

## ଅକ୍ଟୋବରରୁ ହିତାଧିକାରୀଙ୍କୁ ...

ଦେଇଛନ୍ତି। ସେ କହିଛନ୍ତି, ପୂର୍ବ ସରକାର ଗହମକୁ ବନ୍ଦ କରି ରାସନ କାର୍ଡ ହିତାଧିକାରୀଙ୍କୁ କେବଳ ଚାଉଳ ଯୋଗାଇ ଦେଉଥିଲେ। ଏବେ ଅର୍ଡର ଆସିଛି, ହିତାଧିକାରୀଙ୍କୁ ମୁଣ୍ଡ ପିଛା ଏକ ପଞ୍ଚମାଂଶ ଗହମ ମିଳିବ। ଅର୍ଥାତ ଜଣେ ହିତାଧିକାରୀଙ୍କୁ ୨୦ ପ୍ରତିଶତ ଗହମ ମିଳିବ। ଜଣେ ହିତାଧିକାରୀ ୨୦ କେଜି ଚାଉଳ ସହ ୫କେଜି ଗହମ ନେଇ ପାରିବେ । ଯଦି ଜଣେ ହିତାଧିକାରୀ ଚାହିଁବେ ୧୫ କେଜି ଚାଉଳ ସହ ୧୦କେଜି ଗହମ ମଧ୍ୟ ନେଇପାରିବେ। ମନ୍ତ୍ରୀ କହିଛନ୍ତି, ଯେଉଁମାନେ ନୂଆ ରାସନ କାର୍ଡ ପାଇଁ ଆବେଦନ କରିଛନ୍ତି ସେମାନଙ୍କର ଇ-କେୱାଇସି ଯାଞ୍ଚ ଚାଲିଛି । ଯାଞ୍ଚ ପରେ ସେମାନଙ୍କୁ ରାସନକାର୍ଡ ମିଳିବ। ଇ-କେୱାଇସି ଯାଞ୍ଚ ବେଳେ ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ଅଧିକ ରହିଛି ବୋଲି ଯୋଗାଣ ମନ୍ତ୍ରୀ ସୂଚନା ଦେଇଛନ୍ତି।

## ସଂସଦୀୟ ଷ୍ଟାଣ୍ଡିଂ...

ପଞ୍ଚାୟତିରାଜ ବିଭାଗ କମିଟି ଅଧକ୍ଷ ଭାବେ ସପ୍ତଗିରି ଉଲ୍ଲାକା ନିଯୁକ୍ତ ହୋଇଛନ୍ତି । ଖାଦ୍ୟ ଓ ସାଧାରଣ ବଣ୍ଟନ କମିଟିର ସଦସ୍ୟ ଭାବେ ମାଳବିକା ଦେବୀଙ୍କ ନାଁ ରହିଛି। କୋଇଲା, ଖଣି, ଇସ୍ପାତ କମିଟିରେ ଅନନ୍ତ ନାଏକ ଏବଂ ଶ୍ରମ, ଦକ୍ଷତା ବିକାଶ କମିଟିରେ ପ୍ରଦୀପ ପୁରୋହିତ ସାମିଲ ହୋଇଛନ୍ତି । ସେହିପରି ବୈଦେଶିକ ବ୍ୟାପାର ବିଭାଗ କମିଟିରେ ପ୍ରଦୀପ ପାଣିଗ୍ରାହୀ ଅଛନ୍ତି । ପଞ୍ଚାୟତିରାଜ ବିଭାଗ କମିଟିରେ ନବ ଚରଣ ମାଝୀ ଓ ଜଳ ସଂପଦ ବିଭାଗ କମିଟିରେ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ସଦସ୍ୟ ଅଛନ୍ତି। ସୂଚନା ଓ ପ୍ରଯୁକ୍ତିବିଦ୍ୟା କମିଟିରେ ରବୀନ୍ଦ୍ର ନାରାୟଣ ନାୟକ ଓ ଶ୍ରମ, ଦକ୍ଷତା ବିକାଶ କମିଟିରେ ରୁଦ୍ର ନାରାୟଣ ପାଣି ସାମିଲ ହୋଇଛନ୍ତି। କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ କମିଟିରେ ସୁକାନ୍ତ ପାଣିଗ୍ରାହୀଙ୍କ ନାଁ ରହିଛି । ବାଣିଜ୍ୟ କମିଟିରେ ସାଂସଦ ଅନୀତା ଶୁଭଦର୍ଶିନୀ ସଦସ୍ୟ ଅଛନ୍ତି। ଶକ୍ତି କମିଟିରେ ସ୍ଥାନ ପାଇଛନ୍ତି ରାଜ୍ୟସଭା ସାଂସଦ ମମତା ମହାନ୍ତ। ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ କମିଟିରେ ସସ୍ମିତ ପାତ୍ର ଓ ପ୍ରତିରକ୍ଷା ବିଭାଗ କମିଟିରେ ରାଜ୍ୟସଭା ସାଂସଦ ମୁନ୍ନା ଖାଁ ସାମିଲ ହୋଇଛନ୍ତି । ଶିଳ୍ପ କମିଟିରେ ରାଜ୍ୟସଭା ସାଂସଦ ସୁଲତା ଦେଓଙ୍କ ନାଁ ରହିଛି। ସେହିପରି ସାର ଓ ରସାୟନ ବିଭାଗ କମିଟିର ସଦସ୍ୟ ଭାବେ ନିରଂଜନ ବିଶିଙ୍କ ନାଁ ରହିଛି।

## ଡାକ୍ତରଙ୍କ ଗୁହାରି ...

ରାଜସ୍ଥାନ ସରକାର ହାଇକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟଙ୍କ ନିକଟକୁ ଯାଇଛନ୍ତି, କିନ୍ତୁ ସୁପ୍ରିମକୋର୍ଟ ମଧ୍ୟ ସରକାରଙ୍କୁ ତାଗିଦ କରିଛନ୍ତି । ପ୍ରତିବାଦୀମାନେ ଏଲୋପାଥିକ ଡାକ୍ତରଙ୍କ ଅବସର ବୟସ ସୀମା ବୃଦ୍ଧି କରିବାକୁ ଏବଂ ଆୟୁର୍ବେଦିକ ଡାକ୍ତରଙ୍କ ପାଇଁ ତାହା ନ କରିବାକୁ ଆପତ୍ତି କରିଥିଲେ। ସେ କହିଛନ୍ତି ଯେ ଏହା କରିବା ଦ୍ୱାରା ଏକ ଭେଦଭାବପୂର୍ଣ୍ଣ ମନୋଭାବ ଗ୍ରହଣ କରାଯାଇଛି। ଜଷ୍ଟିସ୍ ମନୋଜ ମିଶ୍ର ମଧ୍ୟ ସିଜେଆଇ ଚନ୍ଦ୍ରଚୂଡଙ୍କ ସହ ଶୁଣାଣି କରିଥିଲେ। ରାଜସ୍ଥାନ ସରକାର ହାଇକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଏକ ପିଟିସନ ଦାଖଲ କରିଥିଲେ। ଯେଉଁଥିରେ ଏଲୋପାଥିକ ଡାକ୍ତରଙ୍କ ପରି ଅବସର ପାଇଁ ବୟସ ସୀମା ବୃଦ୍ଧି କରିବାକୁ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟର ଓକିଲ କହିଛନ୍ତି ଯେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବୟସ ସୀମା ବୃଦ୍ଧି କରାଯାଇଛି, କିନ୍ତୁ ତାଙ୍କୁ ପାଞ୍ଚ ମାସ ପର୍ଯ୍ୟନ୍ତ ଦରମା ମିଳିନାହିଁ। ଦରମା ବିଳମ୍ବକୁ ଗୁରୁତର ସହ ଗ୍ରହଣ କରି ସିଜେଆଇ ଚନ୍ଦ୍ରଚୂଡଙ୍କ ବେଞ୍ଚ କହିଛନ୍ତି ଯେ ଆୟୁର୍ବେଦିକ ଡାକ୍ତରମାନେ ମଧ୍ୟ କାର୍ଯ୍ୟ କରୁଛନ୍ତି, ତେବେ ସେମାନଙ୍କ ପାଇଁ ଏହି ସଉତୁଣୀ ଭଳି ବ୍ୟବହାର କାହିଁକି କରାଯାଉଛି ବୋଲି ପ୍ରଶ୍ନ କରାଯାଇଛି । ସରକାର ତାଙ୍କୁ ଏପର୍ଯ୍ୟନ୍ତ ତାଙ୍କ ଦରମା କାହିଁକି ଦେଇନାହାଁନ୍ତି । ଉକ୍ତ ପଦର ଏଲୋପାଥିକ ଡାକ୍ତରମାନଙ୍କୁ ଦିଆଯାଉଥିବା ଦରମା ତଥା ଅନ୍ୟ ଡାକ୍ତରମାନଙ୍କୁ ସମାନ ଦରମା ଦେବାକୁ କୋର୍ଟ ରାଜସ୍ଥାନ ସରକାରଙ୍କୁ କହିଛନ୍ତି । ଏକ ସପ୍ତାହ ମଧ୍ୟରେ ଡାକ୍ତରମାନଙ୍କୁ ଦରମା ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫେବୃଆରୀ ୨୮ରେ, ରାଜସ୍ଥାନ ହାଇକୋର୍ଟ ଆୟୁର୍ବେଦିକ ଡାକ୍ତରଙ୍କ ଅବସର ବୟସକୁ ଏଲୋପାଥିକ ଡାକ୍ତରଙ୍କ ସହ ସମାନ କରିବା ପାଇଁ ଦାଖଲ ହୋଇଥିବା ଲିଖିତ ଆବେଦନକୁ ଅନୁମତି ଦେଇଥିଲେ। କୋର୍ଟଙ୍କୁ କୁହାଯାଇଥିଲା ଯେ ମାର୍ଚ୍ଚ ୩୧, ୨୦୧୬ରେ ଏଲୋପାଥିକ ଡାକ୍ତରଙ୍କ ଅବସର ବୟସ ସୀମା ୬୦ ବର୍ଷରୁ ୬୨ବର୍ଷକୁ ବୃଦ୍ଧି କରାଯାଇଥିଲା। ଆବେଦନପତ୍ରରେ କୁହାଯାଇଛି ଯେ ଅବସର ବୟସରେ ଏହି ଚୟନାତ୍ମକ ବ୍ୟବହାର ଚିକିତ୍ସା ଆୟୁର୍ବେଦିକ ଡାକ୍ତରଙ୍କ ପ୍ରତି ଭେଦଭାବପୂର୍ଣ୍ଣ ମନୋଭାବ ଦେଖାଏ, ଯାହା ସମ୍ବିଧାନର ଧାରା ୧୪ ର ଉଲ୍ଲଂଘନ।

## ଅରୁଣ ଷଡ଼ଙ୍ଗୀ ଓପିଏସ୍‌ସି ଅଧକ୍ଷ ନିଯୁକ୍ତ



**କଟକ, ନ୍ୟୁଜ୍‌ବ୍ୟୁରୋ**

ବରିଷ୍ଠ ଆଇପିଏସ ଅରୁଣ ଷଡ଼ଙ୍ଗୀଙ୍କୁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଚେୟାରମ୍ୟାନ ନିଯୁକ୍ତ କରିଛନ୍ତି ସରକାର। ଏହି ପଦବୀରେ ତାଙ୍କୁ ଆଗାମୀ ୬ ବର୍ଷ ପାଇଁ ନିଯୁକ୍ତ କରାଯାଇଛି। ଏବେ ସେ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀ ନିର୍ଦ୍ଦେଶକ ଅଛନ୍ତି।ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ପଦର ଅତିରିକ୍ତ ଦାୟିତ୍ୱରୁ ଅବ୍ୟାହତି ନେବା ପରେ ତାଙ୍କୁ ଏହି ଦାୟିତ୍ୱ ମିଳିଛି। ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମିର ନିର୍ଦ୍ଦେଶକ ସହିତ ୨୦୨୩ ଡିସେମ୍ବର ୩୧ରେ ସେ ପୋଲିସ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ପ୍ରାୟ ସାତ ମାସ ଅତିରିକ୍ତ ଡିଜି ଥିବା ସମୟରେ ଓଡ଼ିଶା ପୋଲିସ ଅରୁଣ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଗତ ସାଧାରଣ ନିର୍ବାଚନ ଶାନ୍ତିପୂର୍ଣ୍ଣ, ନିରପେକ୍ଷରେ ସମାପନ କରିଥିଲା। ବିଶେଷ କରି ୨୬ବର୍ଷ ପରେ ପ୍ରଥମଥର ପାଇଁ ଓଡ଼ିଶାରେ ନିର୍ବାଚନ ମାଓ ହିଂସାମୁକ୍ତ ହୋଇପାରିଥିଲା। ଏଥିସହିତ ରାଜ୍ୟରେ ନୂଆ ସରକାର ଆସିବା ପରେ ରଥଯାତ୍ରା ସମୟରେ ଗୋଟିଏ ଦିନରେ ନବଯୌବନ ଓ ରଥଯାତ୍ରା ପଡୁଥିବା ବେଳେ ଏହା ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା।

# ଗୋପାଳ ପ୍ରହରାଜ ଥିଲେ ଓଡ଼ିଆ ଜାତିର ଚଳନ୍ତି ଅଭିଲେଖାଗାର : ବିଜେଡି




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସାରସ୍ୱତ ସାଧକ ଗୋପାଳ ଚନ୍ଦ୍ର ପ୍ରହରାହ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନ ପୁରୁଷ ଓ ଚଳନ୍ତି ଅଭିଲେଖାଗାର। ଯେତେବେଳେ ଓଡ଼ିଶାର କୋଣ ଅନୁକୋଣରେ କଥିତ ଓ ଶାସ୍ତ୍ର ଭାଷା ବିଲୟମୁଖୀ ସେତେବେଳେ ସେ ଯେଉଁ ସମ୍ପୂର୍ଣ୍ଣ ନିଜସ୍ୱ ଉଦ୍ୟମରେ ଏକ ଅକଳ୍ପନୀୟ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ପ୍ରଣୟନ କଲେ, ତାହା ଆଜିବି ବିଶ୍ୱାସ କରି ହେଉନାହିଁ। କେବଳ ସେତିକି ନୁହେଁ ସେ ଉତ୍କଳୀୟ ବାଣୀ ଭଣ୍ଡାରକୁ ତାଙ୍କର ସାରସ୍ୱତ ଦାନ ଅତୁଳନୀୟ। ଆଜି ତାଙ୍କ ନାମରେ ବିଶ୍ୱବିଦ୍ୟାଳୟରେ ଗୋଟିଏ ଚେୟାର ପ୍ରତିଷ୍ଠା ହେଉ ଏବଂ ତାଙ୍କର କୃତି ପାଠ୍ୟକ୍ରମରେ ରହୁ ବୋଲି ତାଙ୍କର ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ଦୃଢ଼ ଦାବି କରିଥିଲେ।

ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଶୁକ୍ରବାର ରାଜଧାନୀର ଏ.ଜି. ଛକ ନିକଟରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଏହା ପାଳନ କରାଯାଇଅଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦାନ କରିଥିବାବେଳେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା ଅନ୍ୟମାନଙ୍କ ମଧ୍ୟରେ ସାମ୍ମୁଖ୍ୟର ପୂଜ୍ୟପୂଜା ଆବାହକ ଅକ୍ଷୟ ଜେଠି, ଅଶୋକ ମଲ୍ଲିକ, ରବୀନ୍ଦ୍ର ମହାରଣା, ସଙ୍କେତ ପ୍ରଧାନ, ପ୍ରହରାଜ ପୂଜ୍ୟପୂଜା ପରିଷଦ ପକ୍ଷରୁ ରଘୁନାଥ ପୃଷ୍ଟି, ପୀୟୂଷ ରଞ୍ଜନ ପରିଡ଼ା, କରୁଣାକର ପ୍ରଧାନ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

**ପୂର୍ବତଟ ରେଳପଥ**

Tender Notice No.: ST-OT-AMC-TADIRAN-KUR-415, ତା.18.09.2024 ରିଖ

କାର୍ଯ୍ୟର ନାମ: ସର୍ଭର ଗେଟୱେ ଆର୍କିଟେକ୍ଟର ରେ ରେଳ ସଦନ ମୁଖ୍ୟ ଟେଲିଫୋନ୍ ଏକ୍ସଚେଞ୍ଜ (TADIRAN IPX 4000), ସର୍ଭର ଗେଟୱେ ଆର୍କିଟେକ୍ଟର ରେ TADIRAN GM ଇଣ୍ଟରକମ୍ (ରେଳ ସଦନ, ରେଳ ବିହାର ମଞ୍ଚେଶ୍ୱର ଏବଂ GM ଇଣ୍ଟରକମ୍ ଏକ୍ସଚେଞ୍ଜ-TADIRAN IPX 3000) ଏବଂ DRM ଇଣ୍ଟରକମ୍ TADIRAN ଏକ୍ସଚେଞ୍ଜ, ଖୋର୍ଦ୍ଧା ରୋଡ଼ର ବିସ୍ତୃତ ବାର୍ଷିକ ଅନସାଇଟ୍ ରକ୍ଷଣାବେକ୍ଷଣ ଚୁକ୍ତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.15,52,886.64/-
ଟେଣ୍ଡର କାଗଜାତ୍ ମୂଲ୍ୟ: ଟ.31,100/-, ବିଡ୍ ସିକ୍ୟୁରିଟି: ଟ.2,360/-
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.14.10.2024 ରିଖ 1100 ଘଣ୍ଟିକାରେ

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବସାଇଟ୍: www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ୱେବ୍‌ସାଇଟ୍ : www.ireps.gov.in

ବରିଷ୍ଠ ମଣ୍ଡଳ ସିଗନାଲ ଏବଂ ଟେଲିକମ୍ ଯନ୍ତ୍ରୀ
ଖୋର୍ଦ୍ଧା ରୋଡ଼
PR-554/P/24-25

B-350

Government of Odisha

e-mail ID:eerbkbj@rediffmail.com
Tel/FAX No.06657-220216

OFFICE OF THE SUPERINTENDING ENGINEER
KANTABANJI (R&B) DIVISION

Bid Identification No.03 / KBJ / 2024-2025

The Superintending Engineer, Kantabanji (R&B) Division, Kantabanji on behalf of Governor of Odisha invites **Percentage rate Bid** in **Single Cover** system in ONLINE MODE for the E.I. work detailed in the table below from the contractor registered the State Government ELBO for execution of **Electrical work**. The proof of registration from the appropriate authority shall be enclosed along with the Bid.

1) No. of work :- 01 No. (Single Cover)
2) Nature of work :- E.I. work
3) Class of contractor :- HT
4) Approximate value of work :- Rs.32.81 Lakh
5) Tender cost :- Rs.6,000/-
6) Date and time of vailability of Bid documents in online :- From 11.00 A.M. of Dt.01.10.2024 Up to 05.00 P.M. of Dt.14.10.2024
7) Date of Opening of Technical Bid (Cover-I) in online :- Dt.15.10.2024 at 11.30 A.M.
8) Other details can be seen in the bidding documents from the e-procurement portal "www.tendersodisha.gov.in"
9) The bidders have to participate in ONLINE bidding only. Further details can be seen from the website: "www.tendersodisha.gov.in". All future corrigendum will be available on ONLINE MODE only.

Sd/-ARJUNA BEHERA
Superintending Engineer,
Kantabanji (R&B) Division

OIPR : 34099/11/0004/2425

Expression of Interest L-69

For Selection of Cluster Level Self Help Group for Establishment of Bio-input Production unit under the programme "Promotion of Indigenous Aromatic and Non aromatic paddy with export potential/ local market in the State of Odisha" under the sub-scheme "Crop Diversification Programme"

OFFICE OF THE CHIEF DISTRICT AGRICULTURE OFFICER, SAMBALPUR
No 4459 /Agril. Dated. 21/09/2024

Expression of Interest (EoI) is invited by the Chief District Agriculture Officer Sambalpur for selection of Cluster Level Self Help Groups (SHGs) for establishment of Bio input Production Unit under the programme "Promotion of indigenous aromatic and non aromatic paddy with export potential/ local market" in the blocks namely Rairakhol Naktideul during 2024-25.

Interested Self Help Groups (SHGs) are reguired to submit the application/ proposals in sealed envelope super-scribed as "Application/ PropOsals for selection of Cluster Level Self Help Group for Promotion of Indigenous Aromatic and Non-aromatic paddy with export potential/ local market in the State of Odisha" as per the enclosed application format by registered/ speed post only. Application/ proposals in e-mail will not be entertained in this regard. The duly filled in Eol should be addressed to the Block Agriculture Officer of the concern block i.e Rairakhol /Naktideul. Last date for receipt of application/ propos al is 18.10.2024 up to 3.00 PM and the same shall be opened on the same day at 4.00 PM under the Chairmanship of concern Block Development Officer in the presence of the authorized signatories or representatives of the participating organizations/ agencies. The application form and the terms & conditions are available in the Sambalpur Official District Website.

The authority shall not be responsible for any sort of postal delay and application/ proposals received beyond scheduled date and time shall not be entertained & outright to be rejected. The authority reserves the right to cancell reject any or all the Eol without assigning any reason thereof.

Chief District Agriculture Officer
Sambalpur

OIPR : 24408/11/0005/2425

# ବଦଳିବ ଧଉଳିର ରୂପରେଖ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବଦଳିବ ଧଉଳିର ରୂପରେଖ। ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଛି ରୋଡ୍ ମ୍ୟାପ୍। ବିଶ୍ୱ ପର୍ଯ୍ୟଟନ ଦିବସରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନୁଷ୍ଠିତ ବାଇକ୍ ରାଲିରେ ଏହା କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ଏକ 'ଏଡିଟ ସୁପରବାଇକ ରାଲି'ର ଶୁଭାରମ୍ଭ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ରାଲିକୁ ଉଦ୍‌ଘାଟନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ଓଡ଼ିଶାକୁ ବିଶ୍ୱ ଦରବାରରେ ଲୋକାଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ପର୍ଯ୍ୟଟନ ବିଭାଗ ଏ ନେଇ ରୋଡ଼ ମ୍ୟାପ୍ ପ୍ରସ୍ତୁତ କରୁଛି। ଧଉଳିର ଏକ ନୂଆ ରୂପ ଦେଖିବ ସାରା ବିଶ୍ୱ। ପ୍ରାକୃତିକ ପର୍ଯ୍ୟଟନରେ ଉନ୍ନତ ଓଡ଼ିଶା ଦେଶରେ ୩ ନମ୍ବର।

GOVERNMENT OF ODISHA
Panchayat Samiti, Golamunda
*E-Procurement Notice*
*Bid Identification No. PS-GLMND-T- 1/2024-25*
i-201

| | | | |
|---|---|---|---|
| 1 | No. of the work: | : | Building works 3 no. |
| 2 | Estimated cost: | : | Rs. 12.48lakh to Rs. 13.95 lakh |
| 3 | Class of Contractor : | : | "C & D" |
| 4 | Period of completion: | : | 6 months |
| 5 | Date and time of availability of bid document in the portal: | : | 11.00 hrs of 03.10.2024 to 17.00 hrs of 17.10.2024 |
| 6 | Last date/Time for receipt of bid in the portal: | : | 17.00hour of 17.10.2024 |
| 7 | Name and address of the Officer Inviting Bid: | : | Block Development Officer, Golamunda |
| 8 | Date & Venue of Opening of the Single Cover Bid and Technical Bid (Cover 1). | : | On 18.10.2024 at 11.00 AM in the Office of the Panchayat Samiti, Golamunda |

Further details can be seen from the e-procurement portal https://tendersodisha.gov.in

Block Development Officer
Golamunda

OIPR : 19173/11/0001/2425

RNI Regd. No. : 52640/94
Postal Regd. No. :
BN/60/22-24



ଭୁବନେଶ୍ୱର : ରାଜଭବନରେ ପୂର୍ବତନ ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଛନ୍ତି । (ଫଟୋ:ସମ୍ବାଦ କଳିକା)

## ଭିଜିଲାନ୍ସ ଜାଲରେ ମହିଳା କନିଷ୍ଠ ଯନ୍ତ୍ରୀ

**ବୈପାରୀଗୁଡା, ୨୭।୯ :ନ୍ୟୁଜ୍‌ବ୍ୟୁରୋ**

୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଲେ ମହିଳା କନିଷ୍ଠ ଯନ୍ତ୍ରୀ । କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ଠାରେ ମହିଳା କନିଷ୍ଠ ଯନ୍ତ୍ରୀ ଭାନୁମତି ଟୁଡୁଙ୍କୁ ଧରିଛି ଜୟପୁର ଭିଜିଲାନ୍ସ ଟିମ୍ । କୋରାପୁଟ ଜିଲ୍ଲା ଘୁମର ପଞ୍ଚାୟତର ଜଣେ ହିତାଧିକାରୀଙ୍କ ଠାରୁ ଗାଈ ଗୁହାଳ ନିର୍ମାଣ କାର୍ଯ୍ୟର ବିଲ୍ ପାସ୍ କରିବାକୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ । ଲାଞ୍ଚ ଟଙ୍କା ନେବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିବା ସହ ତାଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିଛନ୍ତି । କନିଷ୍ଠ ଯନ୍ତ୍ରୀ ଧରାପଡିବା ପରେ ତାଙ୍କ କାର୍ଯ୍ୟାଳୟରେ ରେଡ୍ କରିଥିଲା ଭିଜିଲାନ୍ସ ଟିମ୍ ।

## ପାର୍ବଣ ଋତୁ ପାଇଁ ରେଳ ମନ୍ତ୍ରଣାଳୟର ବ୍ୟାପକ ବ୍ୟବସ୍ଥା

# ଯାତ୍ରୀଙ୍କ ପାଇଁ ବଢ଼ିଲା ୧୨ ହଜାର ୫ଶହ କୋଚ୍

**ନୂଆଦିଲ୍ଲୀ, ୨୭।୯**

ପାର୍ବଣ ଋତୁ ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ଯାତ୍ରୀଙ୍କ ନିମନ୍ତେ ହୋଇଛି ବ୍ୟାପକ ବ୍ୟବସ୍ଥା । ଏହି ସୂଚନା ଦେଇଛନ୍ତି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ୧୦୮ ଟ୍ରେନରେ ସାଧାରଣ ବଗି ସଂଖ୍ୟା ବୃଦ୍ଧି କରାଯାଇଛି । ଛଟ୍ ପୂଜା ଓ ଦୀପାବଳି ପାଇଁ ୧୨ ହଜାର ୫ ଶହ କୋଚ୍ ବଢ଼ାଇବାକୁ ଅନୁମତି ମିଳିଛି । ଚଳିତବର୍ଷ ପାର୍ବଣ ଋତୁ ପାଇଁ ଟ୍ରେନରେ ଏହି ଅତିରିକ୍ତ କୋଚ୍ ଲାଗିବ । ଏଥିପାଇଁ ୫ ହଜାର ୯୭୫ ଟ୍ରେନ ଚିହ୍ନଟ ହୋଇଛି । ପୂଜା ଭିଡ଼ ଭିତରେ ଏହି ଅଧିକ କୋଚ୍ ଯୋଡ଼ା ଯିବାରୁ ଏଥିରେ ୧ କୋଟିରୁ ଅଧିକ ଯାତ୍ରୀ ଉପକୃତ ହେବେ । ଗତବର୍ଷ ୪ ହଜାର ୪୨୯ ସ୍ପେଶାଲ ଟ୍ରେନ ପୂଜା ବେଳେ ଚାଲିଥିବା ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି ।




# କୋର୍ଟରେ ହାଜର ହେଲେ ଭରତପୁର ଥାନାର ୩ ନିଲମ୍ବିତ କର୍ମଚାରୀ

**ଭୁବନେଶ୍ୱର, ୨୭।୯ :ନ୍ୟୁଜ୍‌ବ୍ୟୁରୋ**


ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଅଭିଯୋଗ ମାମଲାରେ କୋର୍ଟରେ ହାଜର ହେଲେ ଭରତପୁର ଥାନାର ୩ ନିଲମ୍ବିତ ପୋଲିସ କର୍ମଚାରୀ । ଭୁବନେଶ୍ୱର ଏସଡିଜେଏମ୍ କୋର୍ଟରେ ହାଜର ହେଲେ ୩ ପୋଲିସ କର୍ମଚାରୀ । ୩ ପୋଲିସ କର୍ମଚାରୀଙ୍କ ନାର୍କୋ ଟେଷ୍ଟ, ବ୍ରେନ୍ ମ୍ୟାପିଂ ଏବଂ ପଲିଗ୍ରାଫ ଟେଷ୍ଟ କରାଯିବ । ଏଥିପାଇଁ କୋର୍ଟର ଅନୁମତି ଲୋଡ଼ିଥିଲା କ୍ରାଇମବ୍ରାଞ୍ଚ । ୩ ନିଲମ୍ବିତ ପୋଲିସ କର୍ମଚାରୀ ହେଲେ ଏସ୍ଆଇ ବୈଶାଳିନୀ ପଣ୍ଡା, ଏଏସଆଇ ଶଲୀଳମୟୀ ସାହୁ, ଏଏସ୍ଆଇ ସାଗରିକା ରଥ । ସୂଚନାଯୋଗ୍ୟ ଯେ, ଗତ ୧୪ ତାରିଖ ରାତିରେ ଆର୍ମି ମେଜର ଓ ତାଙ୍କ ବାନ୍ଧବୀ ପଟିଆରୁ ଭରତପୁରକୁ ରାତିରେ ଆସୁଥିଲେ । ରାସ୍ତାରେ ୨ଟି କାର୍‌କୁ ସେ ଓଭରଟେକ୍ କରିଥିଲେ । କାର୍‌ରେ ଥିବା ଯୁବକମାନେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ଅଟକାଇ ଦୁର୍ବ୍ୟବହାର ସହ ଆକ୍ରମଣ କରିଥିଲେ । ଏନେଇ ରାତିରେ ଭରତପୁର ଥାନାକୁ ଅଭିଯୋଗ କରିବାକୁ ଆସିଥିଲେ ମେଜର ଓ ତାଙ୍କ ବାନ୍ଧବୀ । ତେବେ ସେଠାରେ ପୋଲିସ ସହ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା । ଏହାପରେ ଉଭୟଙ୍କୁ ପୋଲିସ ନିର୍ଯାତନା ଦେଇଥିଲା ବୋଲି ଅଭିଯୋଗ ହୋଇଛି । ଏପରିକି ମେଜରଙ୍କ ବାନ୍ଧବୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଥାନାରେ ଅଭିଯୋଗ କରିବାକୁ ଆସି ପୋଲିସ ଠାରୁ ମାଡ଼ ଖାଇବା ଓ ନିର୍ଯାତନା ଦିଆଯିବା ଅଭିଯୋଗ ହେବା ପରେ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ଡିଜିପି ୱାଇବି ଖୁରାନିଆ । ଏଥିସହ ୫ ପୋଲିସ ଅଫିସରଙ୍କୁ ଡିଜିପି ନିଲମ୍ବିତ କରିଥିଲେ । ବର୍ତ୍ତମାନ ରାଜଧାନୀର ଭାରତପୁର ଥାନାର ଏହି କାଣ୍ଡ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି । ମେଜର ଓ ତାଙ୍କ ବାନ୍ଧବୀଙ୍କୁ ରାସ୍ତା ଉପରେ ଆକ୍ରମଣ କରିବା ଘଟଣାରେ ୭ ଜଣ ଯୁବକଙ୍କୁ ଚନ୍ଦକା ପୋଲିସ ଗତ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏଥିସହ ଗୋଟିଏ ଗାଡି ଓ ୧୧ଟି ମୋବାଇଲ ଫୋନକୁ ପୋଲିସ ସେମାନଙ୍କ ଠାରୁ ଜବତ କରିଥିଲା ।



# ଅଚ୍ୟୁତ ସାମନ୍ତଙ୍କୁ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଫାୟାର ଇଞ୍ଜିନିୟର୍ସ ପକ୍ଷରୁ ଫେଲୋସିପ୍

**ଭୁବନେଶ୍ୱର, ୨୭।୯**
**ନ୍ୟୁଜ୍‌ବ୍ୟୁରୋ**


ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ନୂଆଦିଲ୍ଲୀସ୍ଥିତ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଫାୟାର୍ ଇଞ୍ଜିନିୟର୍ସ ଇଣ୍ଡିଆ ପକ୍ଷରୁ ସମ୍ମାନସୂଚକ ଫେଲୋସିପ ପ୍ରଦାନ କରାଯାଇଛି । ସେପ୍ଟେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀଠାରେ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଫାୟାର୍ ଇଞ୍ଜିନିୟର୍ସ ଇଣ୍ଡିଆ ପକ୍ଷରୁ ଚାଲିଥିବା ଅନ୍ତର୍ଜାତୀୟ ସମ୍ମିଳନୀ ଓ ପ୍ରଦର୍ଶନୀ 'ଫାୟାର ଇଣ୍ଡିଆ-୨୦୨୪' ଅବସରରେ ଶୁକ୍ରବାର ଡ. ସାମନ୍ତଙ୍କୁ ଏହି ଫେଲୋସିପ ପ୍ରଦାନ କରାଯାଇଛି । ଦୀର୍ଘ ୩ ଦଶନ୍ଧି ଧରି ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଡ. ସାମନ୍ତଙ୍କୁ ଏହି ଫେଲୋସିପ ପ୍ରଦାନ କରାଯାଇଛି । ଗତ ମାର୍ଚ୍ଚ ମାସରେ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଫାୟାର୍ ଇଞ୍ଜିନିୟର୍ସ କାର୍ଯ୍ୟକାରିଣୀ ପରିଷଦର ଜୁରି ସଦସ୍ୟଙ୍କ ଦ୍ୱାରା ଡ. ସାମନ୍ତଙ୍କ ନାମ ଚୟନ କରାଯାଇଥିଲା । ଶୁକ୍ରବାର ଡ. ସାମନ୍ତ ଏହି ଫେଲୋସିପ ଗ୍ରହଣ କରି ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଫାୟାର୍ ଇଞ୍ଜିନିୟର୍ସକୁ କୃତଜ୍ଞତା ଜଣାଇବା ସହ ଏହାର ମହାନିର୍ଦ୍ଦେଶକ ଡ. ୟୁ ଏସ୍ ଛିଲ୍ଲାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହା ହେଉଛି ଡ. ସାମନ୍ତଙ୍କର ୬୪ ଫେଲୋସିପ । ଏହା ପୂର୍ବରୁ ଡ. ସାମନ୍ତ ଆଇଏସ୍‌ଟିଇ, ସିଏସ୍ଆଇ, ଆଇସିଏ, ଏପିଏସିଏଚ୍ ଓ ଲଣ୍ଡନର ରୟାଲ ସୋସାଇଟି ଅଫ୍ କେମିଷ୍ଟ୍ରି ଭଳି ଦେଶ ବିଦେଶର ଖ୍ୟାତିସମ୍ପନ୍ନ ୫ଟି ଅନୁଷ୍ଠାନରୁ ଫେଲୋସିପ ପାଇସାରିଛନ୍ତି । ଏହି ଅବସରରେ କିସ୍ ଓ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଫାୟାର୍ ଇଞ୍ଜିନିୟର୍ସ ଇଣ୍ଡିଆ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ବୁଝାମଣା ଫଳରେ କିସ୍‌ର ୧ଶହ ଛାତ୍ରଛାତ୍ରୀ ଫାୟାର୍ ଇଞ୍ଜିନିୟରିଂ ତାଲିମ୍ ପାଇପାରିବେ । ଏହା ଦ୍ୱାରା କିସ୍‌ର ବହୁ ଛାତ୍ରଛାତ୍ରୀ ଭବିଷ୍ୟତରେ ଉପକୃତ ହୋଇପାରିବେ ବୋଲି ଡ. ସାମନ୍ତ ସୂଚନା ଦେଇଛନ୍ତି ।





## ପ୍ରକାଶ ଅପେକ୍ଷାରେ...

## 'କଥାକଳିକା': ମହାପୂଜା ସଂଖ୍ୟା-୨୦୨୪




### ଏଥର ସଂଖ୍ୟାରେ ଆମର ଗାଳ୍ପିକ...

**ସ୍ମରଣୀୟ କଥା :** ପ୍ରଶାନ୍ତ ନନ୍ଦ, ଭାସ୍କର ଜେନା ।
**ସମକାଳର କଥା :** ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, କ୍ଷୀରୋଦ ଦାସ, ରଂଜନ କୁମାର ଦାସ, ପୁଷ୍ପାଞ୍ଜଳି କର, ପ୍ରତାପ ବିଶ୍ୱାଳ, ବିଭାଷ କାନୁନ୍‌ଗୋ, ଗଙ୍ଗାଧର ବିଶ୍ୱାଳ, ସୋମ୍ୟ ଚାନ୍ଦ, ସୁକାନ୍ତ ଦାସ, ଆଶାରାଣୀ ପଣ୍ଡା, ବନ୍ଦନା ପଣ୍ଡା, ସୁଜାତା ମହାପାତ୍ର, ଭାନୁମତୀ ସାହୁ, ଅଜୟ ମହାପାତ୍ର, ଭାନୁମତୀ ସାହୁ, ଅଜୟ ମହାପାତ୍ର, ଲକ୍ଷ୍ମୀ ଚାନ୍ଦ, ବିଜନବାଳା ପାଟଯୋଶୀ ।
**ଅନ୍ୟ ଭାଷାର କଥା :** ସୁପ୍ରଭା ରାୟ ।
**ଯୁବ ମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ, ଶରତ କୁମାର ନାୟକ, ସୁନାକର ସାହୁ, ପ୍ରକାଶ କୁମାର ସାହୁ, ସୁନୀତା କର, ଲଲାଟେନ୍ଦୁ ସାହୁ, ସରୋଜ କୁମାର ମହାନ୍ତି, ବିରେଶ୍ୱର ମହାନ୍ତି, ପ୍ରଫୁଲ୍ଲ ବାରିକ, ସରୋଜ କୁମାର ସାହୁ ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୪୪ ଏ ସଂଖ୍ୟାର ମୂଲ୍ୟ ୧୨୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


## ନାଲ୍‌କୋର ୪୩ ତମ ବାର୍ଷିକ ସାଧାରଣ ବୈଠକ

# ନିରନ୍ତର ଅଭିବୃଦ୍ଧି ସହ ନୂତନ ମାଇଲ ଖୁଣ୍ଟ ସ୍ଥାପନା

**ଭୁବନେଶ୍ୱର, ୨୭।୯ :ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ)ର ୪୩ତମ ବାର୍ଷିକ ସାଧାରଣ ବୈଠକ ଶୁକ୍ରବାର ଭର୍ଚ୍ୟୁଆଲ ମୋଡ଼ରେ ଆୟୋଜିତ ହୋଇଯାଇଛି । ଏହି ବୈଠକରେ ଅଂଶୀଦାରମାନେ ଆର୍ଥିକ ବର୍ଷ ୨୦୨୩-୨୪ ରେ ୧୩,୧୪୯ କୋଟି ଟଙ୍କାର ମୋଟ କାରବାର ସହ ୨୦୬୦ କୋଟି ଟଙ୍କାର ନିଟ୍ ଲାଭ ଏବଂ ୪୨୭୫.୭୩ କୋଟି ଟଙ୍କାର ରପ୍ତାନି କାରବାର ହୋଇଥିବା ବାର୍ଷିକ ହିସାବକୁ ଅନୁମୋଦନ କରିଛନ୍ତି ।

ଅଂଶୀଦାରମାନେ ମଧ୍ୟ ଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ ଅନ୍ତିମ ଡିଭିଡ଼େଣ୍ଡ ଇକ୍ୱିଟି ସେୟାର ପିଛା ୨ ଟଙ୍କା (ପ୍ରତ୍ୟେକ ୫ ଟଙ୍କାର ଫେସ୍ ଭାଲ୍ୟୁ ଉପରେ ୪୦ ପ୍ରତିଶତ) ହିସାବରେ ସମୁଦାୟ ୩୬୭.୩୩ କୋଟି ଟଙ୍କା ଅନୁମୋଦନ କରିଛନ୍ତି । ଚୂଡ଼ାନ୍ତ ଲାଭାଂଶ ସହ ମୋଟ ଡିଭିଡ଼େଣ୍ଡ ୯୧୮.୩୨ କୋଟି ଟଙ୍କା ଯାହାକି ମୋଟ ଲାଭର ୪୫% ଅଟେ । ଅଗ୍ରଣୀ ଆଲୁମିନିୟମ ଶିଳ୍ପ ଭାବେ ନାଲ୍‌କୋ ଆର୍ଥିକ ବର୍ଷ ୨୦୨୩ -୨୪ ବ୍ୟବସାୟର ବିଭିନ୍ନ ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ସେଥି ମଧ୍ୟରେ ସର୍ବକାଳୀନ ସର୍ବାଧିକ ବକ୍ସାଇଟ ଉତ୍ତୋଳନ ସହ ୨୧.୨୪ ଲକ୍ଷ ଟନ୍ ଆଲୁମିନା ହାଇଡ୍ରେଟ୍ ଉତ୍ପାଦନ କରିଛି ଯାହା ଉତ୍ପାଦନ କ୍ଷମତାର ଶତ ପ୍ରତିଶତରୁ ଉର୍ଦ୍ଧ୍ୱ ଅଟେ । ସେହିଭଳି ବିକ୍ରୟ କ୍ଷେତ୍ରରେ କମ୍ପାନୀ ୪ ଲକ୍ଷ ୭୦ ହଜାର ଟନ୍‌ର ସର୍ବାଧିକ ଧାତୁ ବିକ୍ରି କରିଛି ଏବଂ ଆଲୁମିନିୟମ ସ୍ମେଲ୍ଟର ପ୍ଲାଣ୍ଟ ଆର୍ଥିକ ବର୍ଷ ୨୦୨୩-୨୪ ରେ ସର୍ବାଧିକ ୪.୬୩ ଲକ୍ଷ ମେଟ୍ରିକ ଟନ୍‌ର କାଷ୍ଟ ଧାତୁ ଉତ୍ପାଦନ କରିଛି ।

ଆର୍ଥିକ ବର୍ଷ ୨୩-୨୪ ରେ, କମ୍ପାନୀ ଏହାର ଉତ୍କଳ-ଡି କୋଇଲା ଖଣି କାର୍ଯ୍ୟକ୍ଷମ କରିବା ସହ ୨ ନିୟୁତ ଟନ୍ କୋଇଲା ଉତ୍ପାଦନ ମଧ୍ୟ କରିଛି, ଯାହା ଖଣିର ସର୍ବୋଚ୍ଚ ରେଟିଂ କ୍ଷମତା ଅଟେ । ଉତ୍କଳ ଡି ଓ ଇ କୋଇଲା ଖଣି କାର୍ଯ୍ୟକ୍ଷମ ହେବା ସହ ପଟାଙ୍ଗୀ ବକ୍ସାଇଟ ଖଣି ଲିଜ କମ୍ପାନୀକୁ ଆଗାମୀ ୩ ଦଶନ୍ଧି ନିମନ୍ତେ ଏହାର ଆବଶ୍ୟକତା ପୂରଣ କରିବା ସହ ଶକ୍ତି ଏବଂ କଞ୍ଚାମାଲ କ୍ଷେତ୍ରରେ ଆତ୍ମନିର୍ଭର କରିଛି ।

ସାଧାରଣ ବୈଠକରେ ଅଂଶୀଦାରମାନଙ୍କୁ ସମ୍ବୋଧିତ କରି ସିଏମ୍‌ଡି ଶ୍ରୀଧର ପାତ୍ର ନାଲ୍‌କୋ ସମୁଦାୟର ସମର୍ପଣ, ପ୍ରତିବଦ୍ଧତା, ଅଂଶୀଦାରମାନଙ୍କ ଅତୁଟ ସମର୍ଥନ ଓ ବିଶ୍ୱାସ ପାଇଁ ଆଭାର ପ୍ରକଟ କରିଥିଲେ । ଏହି ସମର୍ଥନ ଏବଂ ବିଶ୍ୱାସ ଯୋଗୁ ନାଲ୍‌କୋ ଧାତୁ ଉତ୍ପାଦନ ଏବଂ ବିକ୍ରି କ୍ଷେତ୍ରରେ ଉଲ୍ଲେଖନୀୟ ପରିସଂଖ୍ୟାନ ସୃଷ୍ଟି କରିପାରିଛି ବୋଲି ସେ କହିଥିଲେ । ସେ ଏହା ମଧ୍ୟ ପ୍ରକାଶ କରିଥିଲେ ଯେ ବିଶ୍ୱ ଅର୍ଥନୀତି ତଥା ଦ୍ରବ୍ୟ ମୂଲ୍ୟରେ ଅସ୍ଥିରତା ଏବଂ ଭୂ-ରାଜନୈତିକ ପରିଦୃଶ୍ୟ ଏବଂ ପରିବେଶୀୟ ନିୟମାବଳୀରେ ପରିବର୍ତ୍ତନ କାରଣରୁ କମ୍ପାନୀର ବ୍ୟବସାୟରେ କିଛିଟା ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା, କିନ୍ତୁ ଏହି ଆହ୍ୱାନ ଗୁଡ଼ିକ କମ୍ପାନୀର ଅଭିବୃଦ୍ଧି ଏବଂ ନବସୃଜନ ପାଇଁ ସୁଯୋଗ ମଧ୍ୟ ପ୍ରଦାନ କରିଛି । ଆତ୍ମନିର୍ଭର ଭାରତ ଏବଂ ଏକ ବିକଶିତ ଭାରତର ଲକ୍ଷ୍ୟ ସହିତ ଯୋଡ଼ି ହୋଇ ଆର୍ଥିକ ବର୍ଷ ୨୦୨୩ -୨୪ରେ ନାଲ୍‌କୋ ବ୍ୟବସାୟର ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରିଛି ବୋଲି ସେ ମତ ପ୍ରକାଶ କରିଥିଲେ ।

ନାଲ୍‌କୋ ଭାରତର ଔଦ୍ୟୋଗିକ ସାମର୍ଥ୍ୟ ଏବଂ ଆର୍ଥିକ ସ୍ଥିତିସ୍ଥାପକତାକୁ ଆଗକୁ ବଢାଇବା ପାଇଁ ସମର୍ପିତ । ଭବିଷ୍ୟତରେ ନାଲ୍‌କୋ ପାଇଁ ଅପାର ସମ୍ଭାବନା ରହିଛି, କାରଣ ଆମେ ଆମର ରଣନୀତିଗୁଡ଼ିକୁ ବିଶ୍ୱସ୍ତରୀୟ ଧାରା ଏବଂ ଜାତୀୟ ପ୍ରାଥମିକତା ସହିତ ଯୋଡ଼ିବା ଜାରି ରଖିଛୁ, ଯାହା ଦ୍ୱାରା ଆମେ ଆଲୁମିନିୟମ ଶିଳ୍ପରେ ସର୍ବୋଚ୍ଚ ସ୍ଥାନ ସୁନିଶ୍ଚିତ କରିପାରିବା ବୋଲି ଶ୍ରୀ ପାତ୍ର କହିଛନ୍ତି । ଶ୍ରୀ ପାତ୍ର କମ୍ପାନୀର ସମ୍ପ୍ରସାରଣ କାର୍ଯ୍ୟ ଉପରେ ନିଜର ମତ ରଖି ସୂଚନା ଦେଇଛନ୍ତି ଯେ, କମ୍ପାନୀ ଆଗାମୀ ୫୦ ବର୍ଷ ପାଇଁ ଓଡ଼ିଶା ସରକାରଙ୍କ ସହ ପଟାଙ୍ଗୀ ବକ୍ସାଇଟ୍ ଖଣି (୧୧୧ ନିୟୁତ ମେଟ୍ରିକ୍ ଟନ୍ ଗଛିତ ବକ୍ସାଇଟ ସହିତ)ର ଲିଜ୍ ସଫଳତାର ସହ କାର୍ଯ୍ୟକାରୀ କରିବ । ଓଡ଼ିଶାରେ ଅବଶିଷ୍ଟ ଆବଣ୍ଟିତ କୋଇଲା ବ୍ଲକର କାର୍ଯ୍ୟକାରିତା ସମେତ କମ୍ପାନୀର ବିଭିନ୍ନ ଅଭିବୃଦ୍ଧି ଏବଂ ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ବିଷୟରେ ମଧ୍ୟ ସେ ସୂଚନା ଦେଇଥିଲେ । ନିଜର ବକ୍ତବ୍ୟରେ ସେ ଆହୁରି ମଧ୍ୟ କହିଥିଲେ ଯେ ନାଲ୍‌କୋ ଉଦ୍ଦେଶ୍ୟ ସମ୍ବଳିତ ଅଭିବୃଦ୍ଧି ଏବଂ ଉତ୍ସାହର ସହିତ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଯାହା କମ୍ପାନୀକୁ ଆଲୁମିନା ଏବଂ ଆଲୁମିନିୟମ କ୍ଷେତ୍ରରେ ବିଶ୍ୱ ସ୍ତରରେ ଏକ ଲୋକପ୍ରିୟ ନାମ କରିବା ଦିଗରେ ଆଗେଇ ନେଉଛି ।




## ଶ୍ରୀମନ୍ଦିରରେ ଅବଢ଼ାର ହେବ ମାନ ପରୀକ୍ଷଣ

**ପୁରୀ, ୨୭।୯ :ନ୍ୟୁଜ୍‌ବ୍ୟୁରୋ**

ଶ୍ରୀମନ୍ଦିରରେ ଅବଢ଼ାର ହେବ ମାନ ପରୀକ୍ଷଣ । ରୋଷଶାଳାକୁ ଜିନିଷ ଯିବା ପୂର୍ବରୁ ଓ ଅବଢ଼ା ବାହାରିବା ପରେ ମାନ ପରୀକ୍ଷଣ ହେବ । ଅବଢ଼ାର ସୁଧତା ରଖିବା ପାଇଁ ଫୁଡ଼ ଇନ୍‌ସପେକ୍ଟର ରହିବେ । ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଫୁଡ଼ ଇନ୍‌ସପେକ୍ଟର ନିୟୋଜିତ ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରାଯାଇଛି । ଦେଶର ଅନ୍ୟ ମନ୍ଦିର ଭଳି ପୁରୀ ମନ୍ଦିରରେ ଅଭିଯୋଗ ନ ଆସୁ । ସେଥିପାଇଁ ମାନ ପରୀକ୍ଷଣ ଜରୁରୀ ବୋଲି କହିଛନ୍ତି ମନ୍ତ୍ରୀ ।

# ସାମୁଦ୍ରିକ ପର୍ଯ୍ୟଟନ ଭିତ୍ତିଭୂମି ଶୂନ୍ : ବ୍ୟାପକ କଟକଣା ଯୋଗୁ ଆଗଉନି ଜଳକ୍ରୀଡ଼ା

**ପୁରୀ, ୨୭।୯ :ନ୍ୟୁଜ୍‌ବ୍ୟୁରୋ**

ବିଶାଳ ବେଳାଭୂମି । ପ୍ରଶସ୍ତ ବାଲୁକା ଶଯ୍ୟା । ନଦୀ ଓ ସମୁଦ୍ରର ମିଳନସ୍ଥଳୀ । ଏସବୁକୁ ନେଇ ଜଳକ୍ରୀଡ଼ା ମାଧ୍ୟମରେ ପର୍ଯ୍ୟଟକଙ୍କୁ ମନୋରଞ୍ଜନ ଓ ରୋମାଞ୍ଚ ଯୋଗାଇ ଦେବାକୁ ପୁରୀରେ ପର୍ଯ୍ୟାପ୍ତ ସୁଯୋଗ ଅଛି । ହେଲେ ଏହି ସୁଯୋଗର ସୁବିନିଯୋଗ ହେଉନି । ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ସମୁଦ୍ରରେ ଭସା ପୋଲ, ଅଣ୍ଡର ୱାଟର ଆକ୍ୱାରିୟମ୍, ମୂଷା ନଦୀରେ ବୋଟିଂ, ମଙ୍ଗଳା ମୁହାଣରେ ପାରସେଲିଂ ଭଳି ଅନେକ ବ୍ୟବସ୍ଥା ହେବ ବୋଲି ଘୋଷଣା ହୋଇଥିଲା । କିନ୍ତୁ ପ୍ରୋତ୍ସାହନ ଅଭାବରୁ ଏସବୁ ହୋଇପାରିନି । ସମୁଦ୍ରରେ ଭସାପୋଲ ନିର୍ମାଣ କରି ଏହା ମଧ୍ୟରେ ବାନାନା ବୋଟ୍, ଜେଟ୍ ସ୍କି, ସର୍ଫିଙ୍ଗ, ପାରାସେଲିଂ, ୱାଟର ସ୍କେଟିଂ, ଡାଇଭିଂ ଆଦି କ୍ରୀଡ଼ାର ବ୍ୟବସ୍ଥା କରିବାକୁ ୨୦୨୨ରେ ଯୋଜନା ହୋଇଥିଲା । ଏହାଦ୍ୱାରା ଏକାସାଙ୍ଗରେ ୩୦୦୦ ପର୍ଯ୍ୟଟକ ଜେଟି ମାଧ୍ୟମରେ ଯାଇ ମଝି ସମୁଦ୍ରରେ ଜଳକ୍ରୀଡ଼ାର ମଜା ନେଇଥାନ୍ତେ । ଲାଇଟ୍ ହାଉସ୍‌ଠାରୁ ମଙ୍ଗଳା ମୁହାଣ ମଧ୍ୟରେ ଥିବା ପୁରୀ ସିପସରୁବାଲି ସମୁଦ୍ରରେ ଏଭଳି ବୃହତ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା । ଦେଢ଼ରୁ ଦୁଇ ବର୍ଷ ମଧ୍ୟରେ ଏହି ପରିକଳ୍ପନା ବାସ୍ତବତାର ରୂପ ନେଇଥାନ୍ତା । ତେବେ ଏହି ପରିକଳ୍ପନା ଆଉ ଆଗକୁ ବଢ଼ିପାରିନି । ଜିଲ୍ଲା ପ୍ରଶାସନର ଜଳକ୍ରୀଡ଼ା କମିଟି ଏହି ପ୍ରକଳ୍ପକୁ ଅନୁମୋଦନ ଦେଇ ସାରିଥିଲା । ହେଲେ ଏହା ପରେ ପର୍ଯ୍ୟଟନ ବିଭାଗ ନିଜ ଆଡ଼ୁ ଆଗ୍ରହ ଦେଖାଇଲାନି । ପ୍ରକଳ୍ପର ଦାୟିତ୍ୱ ସଂପୂର୍ଣ୍ଣ ରୂପେ ଘରୋଇ ସଂସ୍ଥା ଉପରେ ଛାଡ଼ି ଦିଆଗଲା । ସମୁଦ୍ରର ଅସ୍ଥିର ଜଳରାଶୀରେ ଜେଟି ପ୍ରସ୍ତୁତ କରି ଜଳକ୍ରୀଡ଼ା କରିବା ବିପଦପୂର୍ଣ୍ଣ ହୋଇଥିବାରୁ ପ୍ରଶାସନର ସହଯୋଗ ବିନା ଏହି କାମ ଆଗେଇପାରିଲାନି । ଏହାଛଡ଼ା ଏଥିପାଇଁ ଏନ୍‌ଓସି ଆଣିବା କଷ୍ଟକର ହୋଇଥିବାରୁ ପ୍ରକଳ୍ପ କେବଳ ପରିକଳ୍ପନାରେ ହିଁ ସୀମିତ ରହିଯାଇଥିବା ଏଥିପାଇଁ ଆଗ୍ରହ ଦେଖାଇଥିବା ସଂସ୍ଥା ପ୍ରକାଶ କରିଛି । ବର୍ତ୍ତମାନ ପୁରୀ ସମୁଦ୍ରରେ ଜଳ କ୍ରୀଡ଼ା ନାମରେ କେବଳ ଜେଟ୍ ସ୍କି ଓ ସ୍ପିଡ୍ ବୋଟ୍ ଚାଲୁଛି । ତାହା ପୁଣି ବର୍ଷକରେ ଅଧା ଦିନ ବନ୍ଦ ରହୁଛି । ପ୍ରଶାସନର କଟକଣା ଖୁବ୍ ଅଧିକ ରହିଥିବାରୁ ଏଠାରେ ଜଳ କ୍ରୀଡ଼ା କଷ୍ଟକର ହେଉଥିବା ଏହାକୁ ଚଳାଉଥିବା ଚେତରାଜ ମାରିନା ପ୍ରାଇଭେଟ ଲିମିଟେଡ୍‌ର ମୁଖ୍ୟ ଚେତରାଜ ଦାସ ପ୍ରକାଶ କରିଛନ୍ତି । ଚେତରାଜ କହିଛନ୍ତି, ଏତେ ବିସ୍ତୃତ ବେଳାଭୂମି ଥିଲେ ମଧ୍ୟ ଜଳକ୍ରୀଡ଼ା ପାଇଁ ପ୍ରଶାସନ ପକ୍ଷରୁ ମାତ୍ର ୫ଟି ସ୍ଥାନ ଚିହ୍ନଟ ହୋଇଛି । ଏହି ୫ଟି ସ୍ଥାନରେ ସ୍ପିଡ୍ ବୋଟ୍ ଓ ଜେଟ୍ ସ୍କି ଚାଲୁଛି । ନିର୍ଦ୍ଦିଷ୍ଟ ସ୍ଥାନ ଥିବାରୁ ଅଧିକ ସଂସ୍ଥା ପୁରୀକୁ ଆସି ଜଳକ୍ରୀଡ଼ାରେ ନିବେଶ କରିପାରୁନାହାନ୍ତି । ଏହା ଛଡ଼ା ଅଧିକାଂଶ ସମୟରେ କଟକଣା ଲାଗୁ କରାଯାଉଛି, ଯାହାଦ୍ୱାରା ବର୍ଷକରେ ଅଧାଦିନ ଜଳକ୍ରୀଡ଼ା ବନ୍ଦ ରହୁଛି । ଫଳରେ ଜଳକ୍ରୀଡ଼ାରେ ନିବେଶ କରୁଥିବା କମ୍ପାନୀ କ୍ଷତି ସହୁଛନ୍ତି । ଏଣୁ ଅଧିକ ସଂସ୍ଥା ଏଥିପାଇଁ ଆଗ୍ରହ ଦେଖାଉନାହାନ୍ତି । ନୂଆ ନୂଆ ୱାଟର ଗେମ୍ ଆଣିବାକୁ ମଧ୍ୟ ସଂସ୍ଥା ଭୟ କରୁଛନ୍ତି । ପର୍ଯ୍ୟଟନ ବିଭାଗ ୱାଟର ସ୍ପୋର୍ଟର ପ୍ରଚାର ପ୍ରସାର ମଧ୍ୟ କରୁନି, ଯାହା ଫଳରେ କେଉଁଠାରେ ଜଳକ୍ରୀଡ଼ା ଉପଲବ୍ଧ ରହୁଛି ପର୍ଯ୍ୟଟକ ଜାଣି ପାରୁନାହାନ୍ତି । ଏଣୁ ଜଳକ୍ରୀଡ଼ା କ୍ଷେତ୍ରରେ ଥିବା ନିୟମ କୋହଳ ହେଲେ ଜଳକ୍ରୀଡ଼ାର ଅଭିବୃଦ୍ଧି ହୋଇପାରନ୍ତା ବୋଲି ସେ ପ୍ରକାଶ କରିଛନ୍ତି । କେବଳ ବେଳାଭୂମି ନୁହେଁ ପୁରୀର ମୂଷା ନଦୀ ଓ ମଙ୍ଗଳା ନଦୀରେ ମଧ୍ୟ ଜଳକ୍ରୀଡ଼ାର ବିକାଶ ହେବ ବୋଲି ଘୋଷଣା ହୋଇଥିଲା । ମୂଷା ନଦୀ ଥେମସ୍ ନଦୀ ଭଳି ଚମକିବ, ଏହା ମଧ୍ୟରେ ବୋଟିଂ କରି ପର୍ଯ୍ୟଟକ ପୁରୀର ବିଭିନ୍ନ ସ୍ଥାନକୁ ଜଳ ରାସ୍ତାରେ ଦେଖି ପାରିବେ ବୋଲି କୁହାଯାଇଥିଲା । ଅବଢ଼ା ଯୋଜନାରେ ଏଥିପାଇଁ ବ୍ୟୟ ବରାଦ ମଧ୍ୟ ହୋଇଥିଲା । ହେଲେ ମୂଷା ନଦୀ ପୁନରୁଦ୍ଧାର ଅଧାରେ ଅଟକି ଯିବା ସହ ଏହି ଘୋଷଣା ମଧ୍ୟ ସ୍ୱପ୍ନ ପାଲଟିଛି । ସେହିଭଳି ମଙ୍ଗଳା ମୁହାଣର ବିକାଶ ହୋଇ ଏଠାରେ ବୋଟିଂର ସୁବିଧା ପ୍ରଦାନ କରାଯିବା ସହ ପାରାସେଲିଂ ଓ ଅନ୍ୟାନ୍ୟ ଜଳକ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯିବ ବୋଲି ପାଖାପାଖି ୧୫ ବର୍ଷ ତଳେ ଘୋଷଣା କରାଯାଇଥିଲା । ହେଲେ ଭୂମି ଅଧିଗ୍ରହଣରେ ସମସ୍ୟା ହେବାରୁ ସେ ପ୍ରକଳ୍ପ ମଧ୍ୟ ଆଗେଇ ପାରିନଥିଲା । ସୂଚନା-ଥାଉକି, ଗୋଆ ପର୍ଯ୍ୟଟନ ଶିଳ୍ପର ୪୦ ଭାଗ ଆୟ ଜଳକ୍ରୀଡ଼ା ଦ୍ୱାରା ହେଉଛି । କିନ୍ତୁ ଓଡ଼ିଶାରେ ଜଳକ୍ରୀଡ଼ା ସେତେଟା ସମୃଦ୍ଧ ହୋଇନଥିବାରୁ ସାମୁଦ୍ରିକ ପର୍ଯ୍ୟଟନ କ୍ଷେତ୍ରରେ ଆମ ରାଜ୍ୟ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ହୋଇପାରୁନାହିଁ । ଏଣୁ ପୁରୀ ସମୁଦ୍ରରେ ଏଭଳି ବ୍ୟବସ୍ଥା ରାଜ୍ୟ ପର୍ଯ୍ୟଟନକୁ ଶୀର୍ଷରେ ପହଞ୍ଚାଇ ପାରିବ ବୋଲି ଅଭିପ୍ସା ପାତ୍ର ନାମକ ଜଣେ ଭ୍ରମଣ ପ୍ରେମୀ ମତପ୍ରକାଶ କରିଛନ୍ତି । ପୁରୀ ବେଳାଭୂମିରେ କାର୍ଯ୍ୟରତ ଲାଇଫ୍‌ଗାର୍ଡ ଡି ସୁରେନ୍ଦ୍ର କହିଛନ୍ତି, ପ୍ରତିକୂଳ ପାଣିପାଗ ଯୋଗୁ ପୁରୀରେ ଜଳକ୍ରୀଡ଼ା କେବଳ ଜେଟ୍ ସ୍କି ଚାଳନା ଓ ସ୍ପିଡ୍ ବୋଟ୍‌ରେ ସୀମିତ ରହିଯାଇଛି । ଅନ୍ୟ ଜଳକ୍ରୀଡ଼ା ପାଇଁ ଏନ୍‌ଆଇଡବ୍ଲୁଏସ୍(ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟସ୍) ଅଧିକାଂଶ ସମୟରେ ଅନୁମତି ଦେଉନାହିଁ । ଯାହା ପର୍ଯ୍ୟଟକଙ୍କୁ ରୋମାଞ୍ଚ ଦେଉନି । କିନ୍ତୁ ଫ୍ଲୋଟିଂ ଜେଟ୍‌ଟି ବା ଭସା ପୋଲ ହେବା ପରେ ମଝି ସମୁଦ୍ରରେ ଜଳ କ୍ରୀଡ଼ା ହୋଇଥାନ୍ତା । ଏଣୁ ମଝି ସମୁଦ୍ରର ସ୍ଥିର ପାଣିରେ ଜଳକ୍ରୀଡ଼ା ପାଇଁ ସେତେଟା ସମସ୍ୟା ହେବନାହିଁ ବୋଲି ସେ ଆଶାବ୍ୟକ୍ତ କରିଛନ୍ତ ।



# ମା'କୁ ମିଳିଲା ନ୍ୟାୟ : ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପୁଅକୁ ବାହର କଲା ଘରୁ

**ଆଠଗଡ଼, ୨୭।୯ :ନ୍ୟୁଜ୍‌ବ୍ୟୁରୋ**

ମାଆକୁ ମିଳିଲା ନ୍ୟାୟ । ଅଲଗା ହେଲେ ମା'-ପୁଅ । ଶେଷରେ ସମ୍ପର୍କରେ ପଡିଲା ପୂର୍ଣ୍ଣଚ୍ଛେଦ । ଆଉ ତହସିଲଦାରଙ୍କ ଉପସ୍ଥିତିରେ ଶୁକ୍ରବାର ଘରର ପ୍ରକୃତ ମାଲିକାଣୀ ଫେରିପାଇଛି ତା'ର ଜାଗା । ନିଜେ ତହସିଲଦାର ସମସ୍ତଙ୍କ ଉପସ୍ଥିତିରେ ମାଆଙ୍କୁ ଦେଇଥିଲେ ଘରର ଚାବି । ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ପୁଅକୁ ନିଜ ଘରୁ ବାହାର କରିଛି ମାଆ । ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ଆଠଗଡ଼ ଖୁଣ୍ଟୁଣୀ ଥାନା ଖୁଣ୍ଟୁଣୀ ଗ୍ରାମରେ । ମା' ଲଳିତା ନାୟକଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ଦୀର୍ଘଦିନ ଧରି ତାଙ୍କର ବଡ଼ ପୁଅ ଏବଂ ବୋହୂ ତାଙ୍କୁ ଅତ୍ୟାଚାର କରୁଥିଲେ । ପୁଅ ନିଜର ପୈତୃକ ଘରକୁ ଭଡ଼ାରେ ଲଗାଇ ମା' କିଣିଥିବା ଜାଗାରେ ବଳପୂର୍ବକ ରହି ଆସୁଥିଲା । ଶେଷରେ ବାଧ ହୋଇ ମା' ଲଳିତା ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଶୁକ୍ରବାର ଘଟଣା ସ୍ଥଳକୁ ଯାଇଥିଲେ ତହସିଲଦାର । ଖୁଣ୍ଟୁଣୀ ଥାନା ଅଧିକାରୀଙ୍କ ଉପସ୍ଥିତିରେ ମା' ଲଳିତାଙ୍କୁ ଘରର ଚାବି ଖୋଲି ଘର ଦଖଲକୁ ଦେଲେ । ଏବେ ପୁଅକୁ ବାହାର କରି ସେ ଘରେ ରହିଛନ୍ତି ମା' ।